ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25 . No.142 Bhubaneswar Wednesday July 20 2022 ୨୫ତମ ବର୍ଷ ସଂଖ୍ୟା-୧୪୨ ଭୁବନେଶ୍ୱର, ବୁଧବାର, ଜୁଲାଇ ୨୦, ୨୦୨୨ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS

# ‘ବର୍ଷା ହେଲେ ପାଠ ବନ୍ଦ, ସ୍କୁଲ ବାରଣ୍ଡାରେ ଠିଆ ହେଉଛୁ’




କୋଇଡା,୧୯ ।୭(ପ.ଏନ): ‘ସ୍କୁଲ ଶ୍ରେଣୀ ଗୃହରେ ପାଣି ଝରୁଛି । ଛାତରୁ ପ୍ଲାଷ୍ଟର ଖସି ମୁଣ୍ଡ ଉପରେ ପଡି ଯାଉଛି । ତେଣୁ ଶିକ୍ଷକମାନେ ସ୍କୁଲ ବାହାରେ ପାଠପଢ଼ାଉଛନ୍ତି । ବାରଣ୍ଡାରେ ବସି ପାଠପ ?ୁଛୁ । ଜୋର ବର୍ଷା ହେଲେ ବାରଣ୍ଡାକୁ ମଧ୍ୟ ପାଣି ଛିଞ୍ଚିଡା ପଡୁଛି । ତେଣୁ ପାଠପଢ଼ା ବନ୍ଦ । ସମସ୍ତେ ବାରଣ୍ଡାରେ ଠିଆ ହୋଇ ରହୁଛୁ । ଘଡଘଡି ମାରିଲେ ଡର ଲାଗୁଛି । ପାଠ ତ ପଢ଼ିବନୁ, ତେଣୁ ଆଉ କ’ଣ କରିବୁ ଅନେକ ସାଙ୍ଗସାଥୀ ଡରରେ ସ୍କୁଲ ଆସୁନାହାନ୍ତି । ଆଣ୍ଠୁଏ ଲେଖାଏଁ ପାଣି ଭିତରେ ପାଠପଢ଼ିବାକୁ ଖୁବ୍ ଅସୁବିଧା ହେଉଛି ।’ ଏ ହେଉଛି ପ୍ରଥମଶ୍ରେଣୀରେ ପଢୁଥିବା କୋମଳମତି ଆଦିବାସୀ ଛାତ୍ର ଆୟୁଷ ନାଏକ ନିଜ ସ୍କୁଲ ବିଷୟରେ କହିଥିବା କଥା । ସୁନ୍ଦରଗଡ଼ ଜିଲ୍ଲା ଆଦିବାସୀ ଅଧ୍ୟୁଷିତ କୋଇଡା ବ୍ଲକର ପାଟମୁଣ୍ଡା ପଂଚ୍ାୟତର ଜଙ୍ଗଲ ଓ ପାହାଡ ଭିତରେ ରହିଥିବା ଚ୍କଧର ଗ୍ରାମର ସରକାରୀ ପ୍ରାଥମିକ ବିଦ୍ୟାଳୟର ଦୟନୀୟ ଅବସ୍ଥା ବିଷୟରେ ସେ ଗଣମାଧ୍ୟକୁ ଏହି କଥା ଖୁବ୍ ଦୁଃଖର ସହ କହିଛି । ପ୍ରଧାନ ଶିକ୍ଷକ ଯାତୁରୁ କୁଜୁର କହିଛନ୍ତି, ପାଠ ପଢ଼ିବାକୁ ଶ୍ରେଣୀ ଗୃହ ଅଛି । ହେଲେ ସ୍କୁଲ ବାରଣ୍ଡାରେ ହେଉଛି ପାଠପଢ଼ା । ପ୍ରଥମରୁ ୫ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୩୦ଜଣ ପିଲା ଦୀର୍ଘ ୬ ବର୍ଷ ହେବ ଏଭଳି ହିନସ୍ତାରେ ପାଠପଢୁଛନ୍ତି । ବର୍ଷା ଦିନ ଆସିଲେ ସମସ୍ୟା ବଢ଼ିଯାଏ । ଅଧିକାଂଶ ଦିନ ପିଲାଙ୍କ ପାଠପଢ଼ା ବନ୍ଦ ରହିଥାଏ । ଏନେଇ ଶିକ୍ଷା ବିଭାଗ ଅଧିକାରୀମାନେ ଜାଣି ମଧ୍ୟ ପଦକ୍ଷେପ ନେଉନାହାନ୍ତି । ଏହା ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ । ପାଠପଢୁଥିବା ସମସ୍ତ ଛାତ୍ରଛାତ୍ରୀ ଆଦିବାସୀ ।ଶିକ୍ଷକ ପରୀକ୍ଷିତ ଦାସ କହିଛନ୍ତି, ଏହି ସ୍କୁଲରେ ୫ମ ଶ୍ରେଣୀ ପର୍ଯ୍ୟନ୍ତ ପାଠପଢ଼ା ସୁବିଧା ଥିଲେ ହେଁ ରହିଛି ମାତ୍ର ଦୁଇଟି ଶ୍ରେଣୀ ଗୃହ । ପାଠପ ?ାଇବା ନିମନ୍ତେ ରହିଛନ୍ତି ମାତ୍ର ଦୁଇଜଣ ଶିକ୍ଷକ । ତେଣୁ ଗୋଟିଏ ଶ୍ରେଣୀ ଗୃହରେ ଏକାଧିକ ଶ୍ରେଣୀର ପାଠପ ?ା ଚ୍ାଲିଛି । ଅନ୍ୟପଟେ ବର୍ଷା ଋତୁ ଆସିଲେ ଦୁଇଟି ଯାକ ଶ୍ରେଣୀ ଗୃହ ଛାଡି ପିଲାମାନେ ସ୍କୁଲ ବାରଣ୍ଡାକୁ ପାଠପଢ଼ିବାକୁ ଚ୍ାଲି ଆସୁଛନ୍ତି । ଛାତରୁ ପାଣି ଗଳିବା ଓ ସିମେଣ୍ଟ ପ୍ଲାଷ୍ଟର ଖସିବା ଏହାର କାରଣ ହୋଇଛି । ସ୍କୁଲ କମିଟି ସଭାପତି ରାମସିଂ ମୁଣ୍ଡା କହିଛନ୍ତି, ସ୍କୁଲ କେତେବେଳେ ଯେ ଭୁଶୁଡି ପଡିବ କହି ହେବନି । ନିକଟସ୍ଥ ଅଞ୍ଚଳରେ କୌଣସି ସ୍କୁଲ ନ ଥିବାରୁ ଅଭିଭାବକମାନେ ପିଲାମାନଙ୍କୁ ଏଠାରେ ପାଠପ ?ାଇବାକୁ ବାଧ୍ୟ ହେଉଛନ୍ତି । ଅନେକ ଅଭିଭାବକ ପିଲାଙ୍କ ଉପରେ ବିପତି ପଡିବା ଭୟରେ ସ୍କୁଲକୁ ଛାଡୁ ନାହାନ୍ତି । ଦୁଇଟି ଶ୍ରେଣୀ ଗୃହ ଓ ବାରଣ୍ଡାରେ ସିମେଣ୍ଟ ଖସୁ ଥିବାରୁ ଛାତରେ ଥିବା ରଡ଼ ଗୁଡିକ ଏବେ ସମ୍ପୂର୍ଣ୍ଣ ବାହାରକୁ ବାହାରି ଆସିଲାଣି । ବାରମ୍ବାର ଏ ସମ୍ପର୍କରେ ଲିଖିତ ଅଭିଯୋଗ ସତ୍ତ୍ୱେ ଜନପ୍ରତିନିଧି, ଶିକ୍ଷା ବିଭାଗ, ବ୍ଲକ ପ୍ରଶାସନ କିମ୍ବା ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଉନାହିଁ ।ଅଭିଭାବକମାନେ କହିଛନ୍ତି ଏହି ସରକାରୀ ସ୍କୁଲରେ ପିଲାମାନଙ୍କୁ ପାଠ ପ ?ାଇବା ବେଳେ ଯଦି କୌଣସି ଅଘଟଣ ଘଟେ ତେବେ କିଏ ଏଥି ପାଇଁ ଦାୟୀ ରହିବ । ସରକାର ତୁରନ୍ତ ଏହି ସ୍କୁଲର ଉନ୍ନତିକରଣ କରନ୍ତୁ । ଏ ସମ୍ପର୍କରେ ସ୍ଥାନୀୟ ବିଡିଓ ଓ ବିଇଓଙ୍କ ପ୍ରତିକ୍ରିୟା ନେବାକୁ ଚେଷ୍ଟା କରାଯାଇଥିଲେ ହେଁ ସେ ଗଣମାଧ୍ୟମକୁ କୌଣସି ପ୍ରତିକ୍ରିୟା ଦେବେନାହିଁ ବୋଲି କହିଛନ୍ତି ।

## କମ୍ବିଂ ବେଳେ ବିପୁଳ ମାଓ ସାମଗ୍ରୀ ଜବତ

କନ୍ଧମାଳ, ୧୯ ।୭(ପି.ଏନ): କନ୍ଧମାଳ ଏସପି ଭିନୀତ ଅଗ୍ରୱାଲଙ୍କ ନିର୍ଦ୍ଦେଶ ରେ ଏସଓଜି ଓ ଡ଼ିଭିଏଫ ଯବାନ ମାନେ ସୋମବାର ବାଲିଗୁଡା ଥାନା ଅନ୍ତର୍ଗତ ତିଲକୀ ଗ୍ରାମ ନିକଟ ଜଙ୍ଗଲରେ କମ୍ବିଂ ଅପରେସନ କରିବା ସହ ମାଓବାଦି କ୍ୟାମ୍ପ ଉପରେ ମଧ୍ୟ ଚଢ଼ଉ କରି ବିପୁଳ ପରିମାଣର ମାଓ ସାମଗ୍ରୀ ଜବତ କରିଥିବା ନେଇ ମଙ୍ଗଳବାର କନ୍ଧମାଳ ଏସପି ବିନୀତ ଅଗ୍ରୱାଲ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ଜବତ ସାମଗ୍ରି ମଧ୍ୟରେ ରହିଛି ମେଡିସିନ, ବିଦ୍ୟୁତ ତାର, ଜଗ, କୁରାଢ଼ୀ, ଚଷମା, ଟର୍ଚ୍ଚ, ଦଉଡି, ଛତା, ଷ୍ଟିଲ ପ୍ଲେଟ, ଟିଫିନବକ୍ସ, ଓ୍ୱାଟର ବୋଟଲ, ଷ୍ଟିଲମଗ ଆଦି ଅନେକ ଜିନିଷ ପତ୍ର ସମେତ କିଛି ଖାଦ୍ୟ ସାମଗ୍ରି ମାନ ଥିବା ଏସପି ଶ୍ରୀ ଅଗ୍ରୱାଲ କହିଛନ୍ତି ।ସୂଚନାଯୋଗ୍ୟ ଯେ, ଗତ ମଇ ୨୨ ରେ ଛତିଶଗଡ଼ ବିଜାପୁର ଜିଲା ୍ୱସାଗୁଡା ଥାନା ଅନ୍ତର୍ଗତ ଡ଼ାଲା ଗ୍ରାମର ଅଶୋକ ପୁନେ ନାମକ ଜଣେ ହାର୍ଡକୋର ମାଓବାଦୀ ଓ ଏରିଆ କମିଟି ସଦସ୍ୟ ଏସପି ଭିନୀତ ଅଗ୍ରୱାଲଙ୍କ ନିକଟରେ ଆତ୍ମସମର୍ପଣ କରିଥିଲା । କନ୍ଧମାଳ ଏସପି ବିନୀତ ଅଗ୍ରୱାଲଙ୍କ ରଣ କୌଶଳ, ଲଗାତାର କମ୍ବିଂ ଅପରେସନ ଯୋଗୁଁ ଜିଲାରେ ମାଓ ସଂଗଠନ ଦିନକୁ ଦିନ ଦୁର୍ବଳ ହେବାରେ ଲାଗିଥିବା ଜଣାପଡିଛି ।

# ବିଜେବି କଲେଜ ଛାତ୍ରୀ ଆତ୍ମହତ୍ୟା ମାମଲା : ରୁଚିକାଙ୍କୁ ନ୍ୟାୟ ଦାବିରେ ଆଜି ଓଡ଼ିଶା ବନ୍ଦ

ଭୁବନେଶ୍ୱର,୧୯ ।୭(ପି.ଏନ): ବିଜେବି କଲେଜ୍ ଛାତ୍ରୀ ରୁଚିକା ମହାନ୍ତି ମୃତ୍ୟୁ ମାମଲାରେ ନବନିର୍ମାଣ ଯୁବଛାତ୍ର ସଂଗଠନ ପକ୍ଷରୁ ଆଜି ଓଡ଼ିଶା ବନ୍ଦ ପାଳନ କରାଯାଉଛି । ତେବେ ଏହି ଆନ୍ଦୋଳନର ବିଶେଷ ପ୍ରଭାବ ଦେଖିବାକୁ ମିଳି ନାହିଁ । ବନ୍ଦକୁ ଆଖି ଆଗରେ ରଖି ପ୍ରଶାସନ ପକ୍ଷରୁ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଓ ଅନ୍ୟ ପ୍ରମୁଖ ସ୍ଥାନ ମାନଙ୍କରେ ସୁରକ୍ଷା ବ୍ୟବସ୍ଥାକୁ କଡା କଡି କରା ଯାଇଛି । ରାଜ୍ୟର ଅଧିକାଂଶ ସ୍ଥାନରେ ବସ୍ ସମେତ ଅନ୍ୟାନ୍ୟ ଯାନବାହାନ ଚଳାଚଳ ସକାଳେ ସ୍ୱାଭାବିକ ଥିବାର ସୂଚନା ରହିଛି । କଟକ-ଭୁବନେଶ୍ୱରରେ ମୋ ବସ୍ ଚଳାଚଳ କାରୁଛି । କିଛି ସ୍ଥାନରେ ଓଡ଼ିଶା ବନ୍ଦ ପାଳନ ବେଳେ ପୋଲିସ ସହ ଆନ୍ଦୋଳନକାରୀ ମୁହାଁମୁହିଁ ହୋଇଥିବା ଦେଖିବାକୁ ମିଳିଛି । ଭୁବନେଶ୍ୱର ଲକ୍ଷ୍ମୀସାଗର ଛକରେ ପୋଲିସ ସହ ମୁହାଁମୁହିଁ ହୋଇଛନ୍ତି ।ଏଣେ ବନ୍ଦ ପାଳନ ବେଳେ ଅପ୍ରୀତିକର ପରିସ୍ଥିତ ଯେପରି ନ ଘଟେ ସେଥିପ୍ରତି ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି । ଅଧିକାଂଶ ବଡ଼ବଡ଼ ଛକରେ ବ୍ୟାପକ ପୁଲିସ ମୁତୟନ କରାଯାଇଛି । ରୁଚିକା ଓ ତାଙ୍କ ପରିବାରକୁ ନ୍ୟାୟ ପାଇଁ ରାଜଧାନୀ ସମେତ ସାରା ରାଜ୍ୟରେ ରାଜରାସ୍ତା ଠାରୁ ଆରମ୍ଭ କରି ପ୍ରତି କଲେଜ୍ ସମ୍ମୁଖରେ ଦୃଢ଼ ପ୍ରତିବାଦ କରାଯିବ । ବନ୍ଦକୁ ସଫଳ କରିବା ପାଇଁ ସମସ୍ତେ ସହଯୋଗ କରିବାକୁ ସେ ନିବେଦନ କରିଛନ୍ତି ।ଏଣେ ଭୁବନେଶ୍ୱରରେ ଲୋକସେବା ଭବନ ଓ ଖାରବେଳ ଭବନରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି । ସବୁ କର୍ମଚାରୀ ୯ଟା ୩୦ ସୁଦ୍ଧା ଅଫିସ୍‌ରେ ପହଞ୍ଚିବାକୁ କୁହାଯାଇଥିଲା । ଆଜି କୌଣସି ବାହାରର ଲୋକଙ୍କୁ ଲୋକସେବା ଭବନକୁ ଯିବା ପାଇଁ ଅନୁମତି ମିଳିବ ନାହିଁ । ସେହିପରି ବିଧାନସଭା ଅଧିବେଶନ ଚାଲିଥିବାରୁ ଆଖପାଖ ଅଞ୍ଚଳରେ ସୋମବାର ରାତିରୁ ସୁରକ୍ଷା ବ୍ୟବସ୍ଥା ବଢ଼ାଇ ଦିଆଯାଇଛି ।

# ମେରେ ୧.୮୫ ଲକ୍ଷ ନୂଆ ଗ୍ରାହକ ଯୋଡ଼ିଲା ରିଲାଏନ୍ସ ଜିଓ

ଭୁବନେଶ୍ୱର,୧୯ ।୭(ପି.ଏନ):ଟ୍ରାଇ ପକ୍ଷରୁ ପ୍ରକାଶ ପାଇଥିବା ତଥ୍ୟ ଅନୁଯାୟୀ, ୨୦୨୨ ମେ’ ମାସରେ ରିଲାଏନ୍ସ ଜିଓ ଓଡ଼ିଶାରେ ସର୍ବାଧିକ ସଂଖ୍ୟକ ନୂଆ ଗ୍ରାହକ ଯୋଡ଼ିଛି । ରାଜ୍ୟରେ ନିଜର ଏକ ନମ୍ବର ସ୍ଥିତିକୁ ଆହୁରି ଦୃଢ଼ କରି ରିଲାଏନ୍ସ ଜିଓ ଏହି ମାସରେ ୧,୮୫,୪୪୧ ନୂଆ ମୋବାଇଲ୍ ଗ୍ରାହକ ଯୋଡ଼ିଛି ଯାହା ଫଳରେ ଓଡ଼ିଶାରେ କଂପାନିର ମୋଟ ମୋବାଇଲ୍ ଗ୍ରାହକ ସଂଖ୍ୟା ୧.୩୬ କୋଟିରେ ପହଂଚିଛି ଓ ରାଜ୍ୟରେ ଏହା ସାମଗ୍ରିକ ଭାବେ ୪୧.୫ ପ୍ରତିଶତ ବଜାର ଅଂଶ ହାସଲ କରିଛି । ଗୁରୁତ୍ୱପୂର୍ଣ୍ଣ ହେଉଛି, ଓଡ଼ିଶାରେ ଜିଓର ସକ୍ରିୟ ମୋବାଇଲ୍ ଗ୍ରାହକଙ୍କ ୯୯%ରୁ ଅଧିକ ରହିଛି ଏବଂ ରାଜ୍ୟରେ ସକ୍ରିୟ ମୋବାଇଲ୍ ଗ୍ରାହକ ଦୃଷ୍ଟିରୁ କଂପାନିର ବଜାର ଅଂଶ ପ୍ରାୟ ୪୫% ରହିଛି । ଏହାର ସର୍ବବୃହତ ବାସ୍ତବ ୪ଜି ନେଟୱର୍କ, ଅପହଂଚ ଅଂଚଳରେ ସଂଯୋଗର ଦ୍ରୁତ ସମ୍ପ୍ରସାରଣ ଓ ସୁଲଭ ମୂଲ୍ୟ ସହିତ ସାରା ରାଜ୍ୟରେ ନିରବଚ୍ଛିନ୍ନ ହାଇ-ସ୍ପିଡ୍ ଇଟଂରନେଟ୍ ଯୋଗୁଁ ଏହା ସମ୍ଭବ ହୋଇପାରିଛି ।ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶାରେ ଏୟାରଟେଲ୍ ମେ’ ମାସରେ ୭୧,୮୯୦ ନୂଆ ଗ୍ରାହକ ଯୋଡ଼ିଥିବା ବେଳେ ବିଏସ୍‌ଏନ୍‌ଏଲ୍ ୧୨,୬୬୯ ନୂଆ ଗ୍ରାହକ ଯୋଡ଼ିଛି । ଟ୍ରାଇ ପକ୍ଷରୁ ଜାରି କରାଯାଇଥିବା ତଥ୍ୟ ଅନୁଯାୟୀ, ମେ’ ମାସରେ ଓଡ଼ିଶାରେ ଭୋଡାଫୋନ୍ ଆଇଡିଆ ୨୦,୩୧୯ ଜଣ ଗ୍ରାହକଙ୍କୁ ହରାଇଛି । ୨୦୨୨ ମେ’ ମାସ ସୁଦ୍ଧା ରାଜ୍ୟରେ ମୋଟ ମୋବାଇଲ୍ ଗ୍ରାହକ ସଂଖ୍ୟା ୨,୪୯,୬୮୧ ବୃଦ୍ଧି ପାଇ ୩.୨୮ କୋଟିରେ ପହଂଚିଛି । ଜାତୀୟ ସ୍ତରରେ ରିଲାଏନ୍ସ ଜିଓ ୨୦୨୨ ମେ’ ମାସରେ ସର୍ବାଧିକ ୩୧ ଲକ୍ଷ ନୂଆ ମୋବାଇଲ୍ ଗ୍ରାହକ ଯୋଡ଼ିଥିବା ଟ୍ରାଇ ଦ୍ୱାରା ପ୍ରକାଶିତ ତଥ୍ୟରୁ ଜଣାପଡ଼ିଛି ।ପୁନଶ୍ଚ, ରାଜ୍ୟର ଅଗ୍ରଣୀ ଫିକ୍ସଡ୍ ଲାଇନ୍ ବ୍ରଡ୍‌ବ୍ୟାଣ୍ଡ ସେବା ପ୍ରଦାନକାରୀ ଭାବେ ରିଲାଏନ୍ସ ଜିଓ ୨୦୨୨ ମେ’ ମାସରେ ୬୩୭୬ ନୂଆ ଜିଓଫାଇବର୍ ହାଇ-ସ୍ପିଡ୍ ବ୍ରଡ୍‌ବ୍ୟାଣ୍ଡ ଗ୍ରାହକ ଯୋଡ଼ିଛି, ଫଳରେ ମେ’ ମାସ ଶେଷ ସୁଦ୍ଧା ରାଜ୍ୟରେ ଜିଓଫାଇବର ଗ୍ରାହକ ସଂଖ୍ୟା ୧,୪୧,୩୪୬ରେ ପହଂଚିଛି । ଦେଶର ସବୁଠୁ ଲୋକପ୍ରିୟ ହାଇ-ସ୍ପିଡ୍ ବ୍ରଡ୍‌ବ୍ୟାଣ୍ଡ ସେବା ଜିଓଫାଇବରକୁ ଓଡ଼ିଶାର ପ୍ରମୁଖ ସହର ଓ ନଗରଗୁଡ଼ିକରେ ଦ୍ରୁତ ସମ୍ପ୍ରସାରଣ ଜାରି ରଖାଯାଇଥିବା ଯୋଗୁଁ ଏହା ସମ୍ଭବ ହୋଇପାରିଛି ।

# ରାଜ୍ୟ କ୍ୟାବିନେଟ ବୈଠକରେ ୧୭ଟି ପ୍ରସ୍ତାବକୁ ଅନୁମୋଦନ

ଭୁବନେଶ୍ୱର,୧୯ ।୭(ପି.ଏନ): ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧକ୍ଷତାରେ ବସିଥିବା ରାଜ୍ୟ କ୍ୟାବିନେଟରେ ୧୭ଟି ପ୍ରସ୍ତାବକୁ ଅନୁମୋଦନ ଦିଆ ଯାଇଛି । ବିଧାନସଭାରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ନିରଂଜନ ପୁଜାରୀ ତଥା ରାଜସ୍ୱ ମନ୍ତ୍ରୀ ପ୍ରମିଳା ମଲିକ ଏ ସମ୍ପର୍କରେ ସୂଚନା ଦେଇଥିଲେ । ମିଳିଥିବା ସୂଚନା ଅନୁସାରେ ଆଜି ପୂର୍ବାହ୍ନ ୧୦ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧକ୍ଷତାରେ ରାଜ୍ୟ କ୍ୟାବିନେଟ୍ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା । ଏହି ବୈଠକରେ ୧୭ଟି ପ୍ରସ୍ତାବ ପାରିତ ହୋଇଛି ।ପାଇକ ସ୍ମାରକୀ ପାଇଁ ଜିମି ଦେଲେ ସରକାର । ବରୁଣେଇରେ ସହିଦ ସ୍ମାରକି ପାଇଁ ସରକାର ୯.୬୮ ଏକର ଜମି ପ୍ରଦାନ କରିଛନ୍ତି ରାଜ୍ୟ ସରକାର । ଏଥିସହିତ ସେହିଭଳି କ୍ୟାବିନେଟରେ ପ୍ରକଳ୍ପ ନିର୍ମାଣ ପାଇଁ ୧୪୯.୬୦ ଲକ୍ଷ ଟଙ୍କା ପ୍ରଦାନ ପାଇଁ ଅନୁମୋଦନ ହୋଇଛି ।କ୍ୟାବିନେଟ ବୈଠକରେ ୨୦୨୨ ଆଇଟି ପଲିସିକୁ କ୍ୟାବିନେଟ ଅନୁମୋଦନ ଦେଇଛି । ଆଇଟି କ୍ଷେତ୍ରରେ ଅଧିକ ନିଯୁକ୍ତି ଓ ପୁଞ୍ଜିନିବେଶର ଲକ୍ଷ୍ୟ ରଖି ଏହି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ପାରିତ ହୋଇଛି । ସେହିପରି ପୁରୀ ଅବଢ଼ା’ ଯୋଜନାର ଧର୍ମଶାଳା ନିର୍ମାଣ ପାଇଁ ୧୩୫ କୋଟି ଟଙ୍କା ଅନୁମୋଦନ ପ୍ରଦାନ କରାଯାଇଛି । । ରାୟଗଡ଼ା ୧୫ଟି ପାନୀୟଜଳ ପ୍ରକଳ୍ପକୁ ମଧ୍ୟ ଅନୁମୋଦନ ହୋଇଛି ।ସେହିଭଳି ଓଡ଼ିଶା ଲୋକାୟୁକ୍ତଙ୍କର ୨୦୨୧ ବର୍ଷର ବାର୍ଷିକ ରିପୋର୍ଟକୁ କ୍ୟାବିନେଟରେ ମଂଜୁରୀ ମିଳିଛି । ସେହିପରି ରାଜ୍ୟ ସରକାର ୪ ଜିଲ୍ଲାକୁ ମନରେଗା ଯୋଜନାରେ ଅଧିକ ୨୦୦ ଦିନ କାମ ଯୋଗାଇ ଦେବେ । ବଲାଙ୍ଗିର, କଳାହାଣ୍ଡି, ବରଗଡ଼, ନୂଆପଡ଼ାର ୨୦ ବ୍ଲକରେ ଲାଗୁ ହେବ । ଦାଦନ ପ୍ରବଣ ବ୍ଲକରେ କାମ ଯୋଗାଇବା ଲକ୍ଷ୍ୟରେ ଏହି ନିଷ୍ପତି ନିଆ ଯାଇଛି । ସେହିଭଳି ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ - ଜଳ ଜୀବନ ମିଶନ’କୁ କ୍ୟାବିନେଟ୍ ଅନୁମୋଦନ ଦେଇଛି । ୨୪ ମାସ ମଧ୍ୟ କାମ ସାରିବାକୁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି । ସେହିଭଳି ଓଡିଶା ଡିପ୍ଲୋମା ଯାନ୍ତ୍ରିକ ସେବା( ନିଯୁକ୍ତ ପଦ୍ଧତି ଏବଂ ସେବା ସର୍ତ୍ତାବଳୀ) ନୟମାବଳୀ-୨୦୧୨ ରୁ ସଂଶୋଧନକୁ କ୍ୟାବିନେଟ ମଞ୍ଜୁରୀ ମିଳିଛି ।ନଦୀ ଗର୍ଭରେ ସୀମିତ ଜଳ ସଂରକ୍ଷଣ ଆନିକଟ ନିର୍ମାଣ ପ୍ରକଳ୍ପର ଯୋଜନାକୁ କ୍ୟାବିନେଟ ମଞ୍ଜୁରୀ ମିଳିଛି । ପ୍ରକଳ୍ପ ନିର୍ମାଣ ପାଇଁ ୧୪୯ କୋଟି ୬୦ ଲକ୍ଷ ବ୍ୟତୀତ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ରକ୍ଷଣବକ୍ଷଣ ପାଇଁ ୨ କୋଟି ୫୦ ଲକ୍ଷ ଟଙ୍କା ଟେଣ୍ଡରକୁ ରାଜ୍ୟ କ୍ୟାବିନେଟରେ ଅନୁମୋଦନ ପ୍ରଦାନ କରାଯାଇଛି । ଏହାକୁ ୩୬ ମାସ ମଧ୍ୟ ସମ୍ପୂର୍ଣ୍ଣ କରିବାର ଲକ୍ଷ୍ୟ ରହିଛି ।ସେହିପରି ଖୋର୍ଦ୍ଧା ଜିଲ୍ଲାର ଜଟଣୀ ତହସିଲ ଅନ୍ତର୍ଗତ ରାମଚନ୍ଦ୍ରପୁର ମୌଜାରେ ମୋଟ ଏକର ୭.୯୭୫ଡି ସରକାରୀ ଜମିକୁ ବିଡିଏକୁ ଦେବା ପାଇଁ ରାଜ୍ୟ ସରାକର ନିଷ୍ପତି ଗ୍ରହଣ କରିଛନ୍ତି । ସେଥିମଧ୍ୟରୁ ଏକକ ୪.୧୪୮ଡି ସରକାରୀ ଜମିକୁ ଲିଜ ସୂତ୍ରେ ଏବଂ ଏକର ୩.୪୪୭ ଜିମକୁ ସର୍ବସାଧାରଣ ବ୍ୟବହାର ନିମନ୍ତେ ଅନୁମତି ପ୍ରାପ୍ତ ଅଧିଗ୍ରହଣ ଦୋବପାଇଁ ନିଷ୍ପତି ନିଆଯାଇଛି । ଏଥିନିମନ୍ତେ ମୋଟ ୬୧୭ କୋଟି ୯୭ ହାଜର ଟଙ୍କା ରାଜସ୍ୱ ଦେୟ ଛାଡ଼ ପାଇଁ କ୍ୟାବିନେଟର ଅନୁମୋଦନ କରିଛି ।

# ୨୧ରେ ଇଡି ଅଫିସ୍ ଘେରିବ କଂଗ୍ରେସ

ଭୁବନେଶ୍ୱର, ୧୯ ।୭(ପି.ଏନ): ସୋନିଆ ଗାନ୍ଧିଙ୍କୁ ଇଡିର ଦ୍ୱିତୀୟ ସମନର ପ୍ରତିବାଦରେ ଆସନ୍ତା ୨୧ ତାରିଖରେ ଇଡି ଅଫିସ ଘେରାଉ କରିବ କଂଗ୍ରେସ । ୨୧ ତାରିଖରେ କଂଗ୍ରେସ କାର୍ଯ୍ୟକର୍ତ୍ତା ରାଜ୍ୟ କଂଗ୍ରେସ କାର୍ଯ୍ୟାଳୟରୁ ପଦଯାତ୍ରାରେ ବାହାରି ଇଡି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବେ । ସେହିପରି ୨୨ରେ ସବୁ ଜିଲ୍ଲା ମୁଖ୍ୟାଳୟରେ ପ୍ରତିକାତ୍ମକ ପ୍ରତିବାଦ କରାଯିବ ବୋଲି ପିସିସି ସଭାପତି ଶରତ ପଟ୍ଟନାୟକ ମଙ୍ଗଳବାର ସୂଚନା ଦେଇଛନ୍ତି । ଶ୍ରୀ ପଟ୍ଟନାୟକ କହିଛନ୍ତି ବିରୋଧିଙ୍କ ସ୍ୱର ଚପାଇଦେବାକୁ ସେମାନଙ୍କ ବିରୋଧରେ ସି.ବି.ଆଇ.,ଇ.ଡ଼ି. ଓ ଆଇ.ଟି. ଭଳି ସଂସ୍ଥାମାନଙ୍କୁ ଲଗାଇ ଯାବତୀୟ ନିର୍ଯ୍ୟାତନା ଦେଉଛନ୍ତି । ଅନେକ କ୍ଷେତ୍ରରେ ରାତି ଅଧରେ ବିରୋଧି ପ୍ରମୁଖ ନେତାଙ୍କ ଘର ଉପରେ ଚଢ଼ଉ କରି ଗିରଫ କରୁଛନ୍ତି । କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଓ ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କୁ ଇ.ଡ଼ିର ଡାକରା ଦମନ ରାଜନୀତିର ସଦ୍ୟତମ ଉଦାହରଣ । କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ପାଂଚ ପାଂଚ ଥର ଇ.ଡ଼ି. ଡାକିଥିଲେ ଓ ଦେଶବ୍ୟାପୀ କଂଗ୍ରେସ ଏହାର ପ୍ରତିବାଦ କରିଥିଲା । ପୁନଃର୍ବାର ଆସନ୍ତା ୨୧ ତାରିଖରେ ସୋନିଆ ଗାନ୍ଧୀଙ୍କୁ ମଧ୍ୟ ସମନଜାରୀ କରାଯାଇଛି । ଶ୍ରୀମତୀ ଗାନ୍ଧୀ ସେହିଦିନ ହାଜର ହେବାକୁ ନିଷ୍ପତି ମଧ୍ୟ ନେଇଛନ୍ତି । ସଂଖ୍ୟା ବଳରେ ଅନ୍ଧ ହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କଂଗ୍ରେସ ଉପରେ ଜୁଲମ୍ କରିଚାଲିଛନ୍ତି । କଂଗ୍ରେସ ଏହି ହିଟଲରୀ ଶାସନକୁ ବରଦାସ୍ତ କରିବ ନାହିଁ । ସୋନିଆ ଗାନ୍ଧୀଙ୍କୁ ନିଶାନା କରିବା ହେଉଛି ଗଣତନ୍ତ୍ରରେ ବିରୋଧିର ସ୍ୱରକୁ ଦମନ କରିବା ବୋଲି ଶ୍ରୀ ପଟ୍ଟନାୟକ ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି । ସୁତରାଂ ଗଣତନ୍ତ୍ର ସୁରକ୍ଷା ଓ ବିରୋଧିଙ୍କ ସାମ୍ବିଧାନିକ ଅଧିକାର ସୁରକ୍ଷା ପାଇଁ ଓଡ଼ିଶା ପ୍ରଦେଶ କଂଗ୍ରେସ ତରଫରୁ ଜୁଲାଇ ୨୧ ତାରିଖରେ କଂଗ୍ରେସ ଭବନରୁ ଇ.ଡ଼ି ଅଫିସ୍ ଅଭିଯାନ ଆନ୍ଦୋଳନ ପାଇଁ ନିଷ୍ପତି ନିଆଯାଇଛି । ସେହିପରି ଜୁଲାଇ ୨୨ ତାରିଖରେ ରାଜ୍ୟର ସମସ୍ତ ଜିଲ୍ଲା ସଦର ମହକୁମାରେ ଜିଲ୍ଲା କଂଗ୍ରେସ ତରଫରୁ ଗଣବିକ୍ଷୋଭ ନିମନ୍ତେ ସିଦ୍ଧାନ୍ତ ହୋଇଛି ।

# ଚଳିତ ବର୍ଷ ଯୁକ୍ତ ୨ରେ ଶତ ପ୍ରତିଶତ ସିଲାବସ୍

ଭୁବନେଶ୍ୱର,୧୯ ।୭(ପି.ଏନ): ଚଳିତ ବର୍ଷ ଶତପ୍ରତିଶତ ସିଲାବସ୍ କୁ ନେଇ ଯୁକ୍ତ ୨ ପାଠପଢ଼ା ଓ ପରୀକ୍ଷା କରାଯିବ । ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଏନେଇ ମଙ୍ଗଳବାର ଦିନ ବିଜ୍ଞପ୍ତି ପ୍ରକାଶ ପାଇଛି ।ବିଜ୍ଞପ୍ତି ଅନୁଯାୟୀ ୨୦୨୩ରେ ପରୀକ୍ଷା ଦେବାକୁ ଥିବା ପିଲାମାନେ ଶତପ୍ରତିଶତ ସିଲାବସ୍ ପଢ଼ିବେ । ଯୁକ୍ତ ୨ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷା ଉପରେ ଏହା ସମ୍ପୂର୍ଣ୍ଣ ଲାଗୁ ହେବ । ତେବେ ୨୦୨୨ରେ ଫେଲ୍ ପିଲା ପୁରୁଣା ସିଲାବସ୍ ରେ ଆସନ୍ତା ବର୍ଷ ପରୀକ୍ଷା ଦେବେ । ଏଥିସହ ୨୦୨୩ ମସିହା ମାଟ୍ରିକ୍ ପରୀକ୍ଷା ପରେ ଓ ଏହାର ଆଗକୁ ମଧ୍ୟ ପାସ୍ ଛାତ୍ରଛାତ୍ରୀମାନେ ପୂରା ସିଲାବସ୍ ଉପରେ ପାଠପଢ଼ି ପରୀକ୍ଷା ଦେବେ ।

## ଖାଦ୍ୟ ଯୋଗାଣ ଓ ସମବାୟ ବିଭାଗର ଖର୍ଚ୍ଚ ଦାବି ପାରିତ : ଏଟିଏମ୍ ରେ ମିଳିବ ଚାଉଳ

ଭୁବନେଶ୍ୱର, ୧୯ ।୭(ପି.ଏନ): ବିଧାନସଭାରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଏବଂ ସମବାୟ ବିଭାଗର ଖର୍ଚ୍ଚ ଦାବି ଗୃହୀତ ହୋଇଛି । ଖାଦ୍ୟ ଯୋଗାଣ ବିଭାଗର ୧୨୦୫ କୋଟି ୩୫ ଲକ୍ଷ ୪୯ ହଜାର ଟଙ୍କା ଏବଂ ସମବାୟ ବିଭାଗର ୧୯୪୧ କୋଟି ୧୪ ଲକ୍ଷ ୧୫ ହଜାର ଟଙ୍କା ବ୍ୟୟ ବରାଦ କରାଯାଇଛି ।

# ଗୋଟିଏ ଦସ୍ତଖତ ପାଇଁ ଡାକ୍ତର ନେଉଥିଲେ ୧୧ହଜାର



ଢେଙ୍କାନାଳ,୧୯ ।୭(ପି.ଏନ): ଗୋଟିଏ ଦସ୍ତଖତ କରିଦେବା ପାଇଁ ୧୧ ହଜାର ଟଙ୍କା ଲାଞ୍ଚ ନେଉଥିଲେ ଡାକ୍ତର ବାବୁ । ଖୁବ୍ ଖୁସିରେ ଲାଞ୍ଚ ନେଇ ପକେଟରେ ରଖିଥିଲେ । ହେଲେ ପୂର୍ବ ଯୋଜନା ମୁତାବକ ଚ୍ ?ଉ କରି ଏହି ଲାଞ୍ଚୁଆ ଡାକ୍ତରଙ୍କୁ ଧରିଛି ଭିଜିଲାନ୍ସ । ଏହି ଲାଞ୍ଚୁଆ ଡାକ୍ତର ଜଣକ ଢେଙ୍କାନାଳ ହସ୍ପିଟାଲର ମେଡିସିନ ସ୍ୱ ?ଶାଲିଷ୍ଟ ଉମାକାନ୍ତ ଖେଜୁରିଆ । ଡେଥ କ୍ଲେମ ସାର୍ଟିଫିକେଟ ବା ମୃତ୍ୟୁ ପ୍ରମାଣପତ୍ର ଫର୍ମରେ ଏକ କାଉଣ୍ଟର ଦସ୍ତଖତ କରିଦେବା ପାଇଁ ସେ ଆଜି ଲାଞ୍ଚ ନେଇଥିଲେ । ଯାହା ପରେ ଭିଜିଲାନ୍ସ ହାତରେ ଧରାପଡିଛନ୍ତି ।ସୂଚନା ମୁତାବକ, ଢେଙ୍କାନାଳ ସଦର ବ୍ଲକ ଚ୍ାଉଳିଆ ଗାଁର ନନ୍ଦିନୀ ନାୟକ ଖଓଉ ବୀମା ପଲିସି କରିଥିଲେ । ଏହି ଡାକ୍ତରଙ୍କ ଦେଖାରଖା ଭିତରେ ତାଙ୍କର ଚ୍ିକିତ୍ସା ହେଉଥିଲା । ନନ୍ଦିନୀଙ୍କ ମୃତ୍ୟୁ ପରେ ତାଙ୍କ ୮ ବର୍ଷର ଝିଅ ବୀମା ଟଙ୍କା ପାଇଁ ଡେଥ କ୍ଲେମ କରିଥିଲେ । ଏଥିପାଇଁ ଏହି ଡାକ୍ତର କ୍ଲେମ କେସ ଫର୍ମରେ ଏକ କାଉଣ୍ଟର ଦସ୍ତଖତ କରିବା ଆବଶ୍ୟକ ପଡିଥିଲା । ଏଲଆଇସି ଏଜେଣ୍ଟ ବୈକୁଣ୍ଠ ଚ୍ରଣ ସାହୁ ଏ ନେଇ ଉକ୍ତ ଡାକ୍ତରଙ୍କ ସହଯୋଗ ଲୋଡିଥିଲେ । ହେଲେ ଏହି ଦସ୍ତଖତ ପାଇଁ ଡାକ୍ତର ୧୧ହଜାର ଟଙ୍କା ଲାଞ୍ଚ ମାଗିଥିଲେ ।ଏ ସମ୍ପର୍କରେ ବୈକୁଣ୍ଠ ଭିଜିଲାନ୍ସକୁ ଜଣାଇଥିଲେ । ଯାହା ପରେ ଏହି ଲାଞ୍ଚୁଆ ଡାକ୍ତରଙ୍କୁ ଧରିବାକୁ ଯୋଜନା ହୋଇଥିଲା । ଆଜି ଏହି ଡାକ୍ତର ଲାଞ୍ଚ ଟଙ୍କା ନେବା ପରେ ଭିଜିଲାନ୍ସ ଟିମ ଚ୍ ?ଉ କରିଥିଲା । ତାଙ୍କ ଠାରୁ ଲାଞ୍ଚ ଟଙ୍କା ଜବତ କରିବା ପରେ ହେପାଜତକୁ ନେଇ ପଚ୍ରାଉଚ୍ରା କରିଥିଲା । ଏନେଇ କଟକ ଭିଜିଲାନ୍ସ ପକ୍ଷରୁ ଏକ ମାମଲା କରାଯାଇ ଅଧିକ ତଦନ୍ତ ଚ୍ାଲିଥିବା ସୂଚ୍ନା ଦିଆଯାଇଛି ।

# ଖୋଲା ବଜାର ଓ ଖୁଚୁରା ବେପାରୀଙ୍କ ପାଇଁ ମୁଢ଼ି, ଚୁଡା ଓ ଉଖୁଡା ଉପରେ ଟିକସ ଲାଗିବନି

ଭୁବନେଶ୍ୱର,୧୯ ।୭(ପି.ଏନ): ଡାଲି, ଗହମ, ଧାନ ଇତ୍ୟାଦି ନିର୍ଦ୍ଦିଷ୍ଟ ଖାଦ୍ୟ ସାମଗ୍ରୀକୁ ନେଇ ବ୍ୟାପକ ମାତ୍ରାରେ ଟିକସ ଚୋରୀ ହେଉଥିଲା । ବଡ ବଡ ବ୍ୟବସାୟୀମାନେ ପ୍ୟାକେଟ ଜରିଆରେ ଏ ସମସ୍ତ ଖାଦ୍ୟ ସାମଗ୍ରୀକୁ ବିକ୍ରି କରିବା ଦ୍ୱାରା ଛୋଟ ଓ କ୍ଷୁଦ୍ର ବ୍ୟବସାୟୀମାନେ ବେପାରରେ କ୍ଷତି ସହୁଥିଲେ । ଏହି ଟିକସ ଚୋରୀକୁ ରୋକିବା ପାଇଁ ଗତ ୪୭ତମ ଜିଏସଟି ପରିଷଦ ନିଷ୍ପତି ଅନୁଯାୟୀ ପ୍ୟାକେଟରେ ଭର୍ତି ହୋଇ ବ୍ରାଣ୍ଡ ଭାବେ ବିକ୍ରି ହେବାକୁ ଥିବା ମୁଢ଼ି, ଚୁଡା ଓ ଉଖୁଡା ଭଳି ଖାଦ୍ୟସାମଗ୍ରୀ ଉପରେ ଏହି ଟିକସ ଲାଗୁ କରାଯିବ । କିନ୍ତୁ ଖୋଲା ବଜାର ଓ ଖୁଚୁରା ବେପାରୀଙ୍କ ପାଇଁ ଏହା ଲାଗୁ ହେବ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି କେନ୍ଦ୍ର ଅର୍ଥମନ୍ତ୍ରୀ ଶ୍ରୀମତୀ ନିର୍ମଳା ସୀଥାରମଣ ଆଜି ଟ୍ୱିଟ୍ କରି ସୂଚନା ଦେଇଛନ୍ତି । ବିରୋଧୀଙ୍କ ଦ୍ୱାରା କରାଯାଉଥିବା ଅପପ୍ରଚାର ସଂପର୍କରେ ଆଦୌ ବିଚଳିତ ନହେବାକୁ ମଧ୍ୟ ଶ୍ରୀମତୀ ସିଥାରମଣ ପରାମର୍ଶ ଦେଇଛନ୍ତି ବୋଲି ରାଜ୍ୟ ସାଧାରଣ ସଂପାଦକ ଗୋଲକ ମହାପାତ୍ର କହିଛନ୍ତି ।ଜିଏସଟି ପରିଷଦ ବୈଠକରେ ସର୍ବସମ୍ମତିକ୍ରମେ ନିଷ୍ପତି ଏବଂ ଅଧିକାରୀ ଓ ମନ୍ତ୍ରୀଗୋଷ୍ଠୀ ସମେତ ବିଭିନ୍ନ ସ୍ତରରେ ବିଚାର ବିମର୍ଶ କରାଯାଇ ଟିକସ ଚୋରୀକୁ ରୋକିବା ନିମନ୍ତେ ଏହି ପଦକ୍ଷେପ ନିଆଯାଇଛି ବୋଲି ଶ୍ରୀମତୀ ସିଥାରମଣ ସ୍ପଷ୍ଟ କରିଛନ୍ତି ବୋଲି ଶ୍ରୀ ମହାପାତ୍ର କହିଛନ୍ତି ।ମୁଢ଼ି, ଚୁଡା, ଉଖୁଡାକୁ ଆଳ କରି ହୀନ ରାଜନୀତି ବନ୍ଦ କରନ୍ତୁ ବିରୋଧୀ । ମୋଦି ସରକାର ଗରୀବଙ୍କ ପାଇଁ ସମର୍ପିତ । ଗରିବଲୋକଙ୍କ ଜୀବନଜିବିକା ସହିତ ଖେଳିବାକୁ ମୋଦି ସରକାର କେବେହେଲେ କାହାକୁ ପ୍ରଶ୍ରୟ ଦେବେ ନାହିଁ ।ତେଣୁ ଅପପ୍ରଚାରରୁ ନିବୃତ ରହିବାକୁ ଶ୍ରୀ ମହାପାତ୍ର ପରାମର୍ଶ ଦେଇଛନ୍ତି ।

# ଡିଏସ୍‌ପିଙ୍କ ଉପରେ ଗାଡି ମଡାଇ ଦେଇଥିବା ଡ୍ରାଇଭରକୁ ଏନକାଉଣ୍ଟର



ନୂଁହ(ହରିଆଣା),୧୯ ।୭(ପି.ଏନ): ହରିଆଣାର ନୂଁହରେ ଡିଏସ୍ ?ପି ସୁରେନ୍ଦ୍ର ସିଂହ ବିଷ୍ଣ ?ଇଙ୍କୁ ଡମ୍ପର ମଡାଇ ହତ୍ୟା କରିଥିବା ଡ୍ରାଇଭର ଏନକାଉଣ୍ଟରର ଶିକାର ହୋଇଛି । ଏନକାଉଣ୍ଟର ପରେ ପୁଲିସ୍ ? ତାକୁ ଗିରଫ କରିଛି । ତା’ ଆଣ୍ଠୁରେ ଗୁଳିମାଡ ହୋଇଥିବାରୁ ଏବେ ସେ ହସ୍ପିଟାଲରେ ଚ୍ିକିତ୍ସିତ ହେଉଛି । ଗିରଫ ଅଭିଯୁକ୍ତ ଜଣକ ହେଲା ଇକ୍କାର । ସେ ହିଁ ଡମ୍ପର ଚ୍ଳାଉଥିଲା । ଘଟଣା ପରେ ସେ ଫେରାର ହେବାକୁ ଚେଷ୍ଟା କରୁଥିବା ବେଳେ ପୁଲିସ୍ ? ସହ ଏନକାଉଣ୍ଟର ହୋଇଛି । ବେଶ କିଛି ସମୟର ଏନକାଉଣ୍ଟର ପରେ ଇକ୍କାରକୁ ପୁଲିସ ଗିରଫ କରିଛି । ସେ ଆହତ ହୋଇଥିବାରୁ ତା’କୁ ନଲହାର ମେଡିକାଲ କଲେଜରେ ଭର୍ତ୍ତି କରାଯାଇଛି । ସେହିପରି ବେଆଇନ ଖଣି ଖନନରେ ସାମିଲ ଥିବା ଅନ୍ୟ ଲୋକଙ୍କୁ ମଧ୍ୟ ଧରିବାକୁ ଉଦ୍ୟମ ଚ୍ାଲିଥିବା ହରିଆଣା ପୁଲିସ୍ ? ପକ୍ଷରୁ ସୂଚ୍ନା ଦିଆଯାଇଛି ।ଆଜି ମଧ୍ୟାହ୍ନରେ ଡିଏସ୍ ?ପି ସୁରେନ୍ଦ୍ର ସିଂହ ବିଷ୍ଣ ?ଇ ପଚ୍ଗାଓଁର ଅରବାଲି ପାହାଡରେ ବେଆଇନ ଖଣି ଖନନ ସମ୍ପର୍କରେ ସୂଚ୍ନା ପାଇଥିଲେ । ଏହାପରେ ସେ ତାଙ୍କ ଟିମ ସହ ସେଠାରେ ପହଞ୍ଚି ଯାଞ୍ଚ ଆରମ୍ଭ କରିଥିଲେ । ପୁଲିସ୍ ? ଟିମକୁ ଦେଖି ସେଠାରୁ ଖଣି ମାଫିଆମାନେ ଖସି ଯାଇଥିଲେ । କିନ୍ତୁ ବେଆଇନ ଭାବେ ପଥର ଲୋଡ କରିଥିବା ଗୋଟିଏ ଟ୍ରକ୍ ? ଖସି ପାରି ନଥିଲା । ସେ ଖସିଯିବା ବାଟରେ ଡିଏସ୍ ?ପି ସୁରେନ୍ଦ୍ର ଛିଡା ହେବା ସହ ଗାଡି ଅଟକାଇବାକୁ କହିଥିଲେ । ହେଲେ ଡ୍ରାଇଭର ଜଣକ କିଛି ନ ଶୁଣି ତାଙ୍କ ଉପରେ ସିଧା ଗାଡି ମଡାଇ ଦେଇଥିଲା ।ଫଳରେ ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା । ଏହି ସମୟରେ ଡିଏସ୍ ?ପିଙ୍କ ଗନମ୍ୟାନ ଓ ଡ୍ରାଇଭର ଜଣଙ୍କ ଜୀବନ ବିକଳ୍ପରେ ସାଇଡକୁ ଡେଇଁ ପଡିବାରୁ ସେମାନେ ଅଳ୍ପକେ ବର୍ତ୍ତି ଯାଇଛନ୍ତି । ଘଟଣାକୁ ନେଇ ମୁଖ୍ୟମନ୍ତ୍ରୀ ମନୋହରଲାଲ ଖଟ୍ଟର ଗଭୀର ଶୋକ ପ୍ରକାଶ କରିଛନ୍ତି । ସେ ଡିଏସ୍ ?ପିଙ୍କ ପରିବାର ଲୋକଙ୍କ ପ୍ରତି ସମବେଦନା ଜଣାଇ ୧ କୋଟି ଟଙ୍କାର କ୍ଷତି ପୂରଣ ରାଶି ଘୋଷଣା କରିଛନ୍ତି । ସେହିପରି ତାଙ୍କ ପରିବାରର ଜଣଙ୍କୁ ଚ୍ାକିରି ମିଳିବ ବୋଲି ମଧ୍ୟ କହିଛନ୍ତି ।








# ଟି ଟାଇମ୍

## ଇତିହାସରେ ଆଜି ଦିନ

ଆଜିର ଦିନରେ ବିଶ୍ୱ ଇତିହାସରେ ଅନେକ ଘଟଣା ଓ ଦୁର୍ଘଟଣାମାନ ଘଟିଛି । ବହୁ ବରପୁତ୍ର ତଥା ପ୍ରଖ୍ୟାତ କଳାକାର ମଧ୍ୟ ଆଜି ଜନ୍ମ ହୋଇଛନ୍ତି । ଆଜିର ଦିନରେ ଇତିହାସ ପୃଷ୍ଠାରେ କ'ଣକ'ଣ ଘଟଣା ଘଟିଥିଲା ଆସନ୍ତୁ ଜାଣିବା :

❖ ଓହାୟୋର କଲମ୍ବସ ନିକଟସ୍ଥ ଚିଡିଆଖାନାରେ ବନ୍ଦୀ ଅବସ୍ଥାରେ ପ୍ରଥମ ଗରିଲା କୋଲୋରା ଜନ୍ମଲାଭ କରିଥିଲା(୧୯୫୬)

❖ ଆଫଗାନିସ୍ତାନର ମଧ୍ୟବର୍ତ୍ତିକାଳୀନ ସରକାରର ମୁଖ୍ୟ ବୁରାହନୁଦ୍ଦିନ ରବ୍ବାନୀ ରାଷ୍ଟ୍ରପତି ହମିଦ କାରଜାଇଙ୍କୁ କ୍ଷମତା କ୍ଷମତା ହସ୍ତାନ୍ତର କରିଥିଲେ(୨୦୦୧)

❖ ହଡସନ ନଦୀ ଉପରେ ନିର୍ମି ତ ଲିଙ୍କନ ଟନେଲ

❖ ସର୍ବସାଧାରଣଙ୍କ ଯାତାୟତ ପାଇଁ ଖୋଲା ଯାଇଥିଲା(୧୯୩୭)

❖ ବର୍ଲିନର ବ୍ରାଣ୍ଡେନବର୍ଗ ଗେଟ ଖୋଲିଥିଲା, ଏହା ଦୀର୍ଘ ୩୦ ବର୍ଷ ପର୍ଯ୍ୟନ୍ତ ବନ୍ଦ ହୋଇ ରହିଥିଲା(୧୯୮୯)

## ପଲ୍ଲୀ କବି ନନ୍ଦ କିଶୋର ବଳ



ଓଡିଶା ସାହିତ୍ୟର ପ୍ରାକ୍- ଆଧୁନିକ କାଳରେ ଜଣେ କବି ଥିଲେ । ସେ ଓଡିଶାର ପୁରପଲ୍ଲୀ ଉପରେ କାବ୍ୟ ରଚନା କରିଥିବାରୁ ତାଙ୍କୁ ପଲ୍ଲୀ କବି ବୋଲି ସମ୍ବୋଧନ କରାଯାଏ । ସେ ଓଡିଶାର କଟକ ଜିଲ୍ଲା ଅନ୍ତର୍ଗତ କୁସୁପୁର ଗାଆଁରେ ଜନ୍ମଗ୍ରହଣ କରିଥିଲେ । ପିତାଙ୍କ ନାମ ଥିଲା ଭଜନାନନ୍ଦ ଜେନା ଓ ମାତାଙ୍କର ନାମ ହିରଣ୍ମୟୀ ଦେବୀ । ଶୈଶବରେ ସେ "ରସାନନ୍ଦ ଜେନା" ନାମରେ ପରିଚିତ ଥିଲେ । ପିଉସୀ ପୋଷ୍ୟପୁତ୍ର କରିନେବା ପରେ ସେ ନନ୍ଦକିଶୋର ବଳ ଭାବରେ ପରିଚିତ ହେଲେ । ବାଲ୍ୟ ଜୀବନ କୁସୁପୁରରେ ହିଁ କଟିଥିଲା । ଗାଁ ସ୍କୁଲରୁ ଆରମ୍ଭ କରି, ସେ କଟକ ଟାଉନ ସ୍କୁଲ, ରେଭେନ୍ସା କଲିଜିଏଟ ସ୍କୁଲ, କେନ୍ଦ୍ରାପଡା ଉଚ୍ଚ ଇଂରାଜୀ ବିଦ୍ୟାଳୟ ଓ ରେଭେନ୍ସା ମହାବିଦ୍ୟାଳୟରେ ଶିକ୍ଷାଲାଭ କରିଥିଲେ । ଭକ୍ତି କବି ବଧୁସୂଦନ ରାଓଙ୍କ ଦ୍ୱାରା ପ୍ରତିଷ୍ଠିତ କଟକରେ ଟାଉନ ସ୍କୁଲରୁ ନନ୍ଦ କିଶୋର ନିଜର ଚାକିରି ଜୀବନ ଆରମ୍ଭ କରିଥିଲେ । କିଛି ବର୍ଷ ପରେ, ସେ ସ୍କୁଲ ସବ୍‌ଇନସିପେକ୍ଟର ଭାବେ ପଦୋନ୍ନତି ପାଉଥିଲେ । ଏହି ଚାକିରିରେ ବାରମ୍ବାର ଗସ୍ତ ଓ ବଦଳି ଯୋଗୁଁ ତାଙ୍କ ଦେହ ଖରାପ ହେଉଥିଲା । ଏହି କାରଣରୁ ସେ ସ୍ୱେଚ୍ଛାକୃତ ଅବସର ନେଇ ଗାଁରେ ରହିବାକୁ ସ୍ଥିର କରିଥିଲେ । କିନ୍ତୁ ଚିକିତ୍ସା ପାଇଁ ତାଙ୍କୁ ପୁନର୍ବାର କଟକ ଆସିବାକୁ ପଡିଥିଲା । ୧୯୨୮ ମସିହା ଜୁଲାଇ ୧ ତାରିଖରେ ଇହଲିଳା ସମ୍ବରଣ କରିଥିଲେ । ରଚନାବଳୀନନ୍ଦ କିଶୋର, କଲେଜରେ ପଢ଼ିଲା ବେଳୁହିଁ ପ୍ରବନ୍ଧ ଲେଖିବା ଆରମ୍ଭ କରିଥିଲେ । ନିଜର ପ୍ରଥମ ପ୍ରଥମ ପ୍ରବନ୍ଧକୁ ସେ "ପଲ୍ଲୀ ଚିତ୍ର" ନାମରେ କବିତାର ରୂପ ଦେଇଥିଲେ । ତାଙ୍କର ରଚନାବଳୀରେ ପଲ୍ଲୀ ପ୍ରକୃତିର ସୁନ୍ଦର ବର୍ଣ୍ଣନା ଫୁଟିଉଠିଥାଏ । ପିଲାମାନଙ୍କ ପାଇଁ ତାଙ୍କଦ୍ୱାରା ରଚିତ "ନାନା ବାୟା ଗୀତ" ଓଡିଶାର ପୁରପଲ୍ଲିରେ ବେଶ୍ ପ୍ରଚଳିତ । ସେ ୧୦୦ରୁ ଅଧିକ ସନେଟ ମଧ୍ୟ ଲେଖିଛନ୍ତି । ତାଙ୍କର ସନେଟ ଗୁଡିକ ପ୍ରକୃତି ଓ ଜନଜୀବନର ଛବିରେ ପୁଷ୍ଟ । ୧୯୨୫ରେ ସେ କନକଲତା (ଉପନ୍ୟାସ) ନାମରେ ଉପନ୍ୟାସଟିଏ ମଧ୍ୟ ରଚିଯାଇଛନ୍ତି ।

## ପୁରାଣ କାହାଣୀ

# ରାମଙ୍କ ପିତୃସତ୍ୟ ପାଳନ



ମନ୍ଥରା କଥାରେ କୈକେୟୀ ରାଜା ଦଶରଥଙ୍କୁ ଏକଦା ପ୍ରତିଜ୍ଞା କରିଥିବା ଦୁଇଟି ବର ପ୍ରଦାନ କରିବା ଛଳରେ ଏହି ଦୁଇ ବର ମାଗିଲେ ଯେ, ରାମ ବାର ବର୍ଷ ପାଇଁ ବନବାସ କରିବାକୁ ଯିବେ ଓ ତାଙ୍କ ପୁତ୍ର ଭରତ ରାଜା ହେବେ । ରାଜା ଦଶରଥ ଅତିଶୟ ଦୁଃଖରେ ତାଙ୍କ ସତ୍ୟ ରକ୍ଷା କଲେ । ଏହା ଶୁଣି ରାମ ଧୀର ଚିତ୍ତରେ ପିତୃ-ସତ୍ୟ ପାଳନ ନିମନ୍ତେ କିଞ୍ଚିତ ଦୁଃଖ ପ୍ରକାଶ କଲେ ନାହିଁ । ରାମଙ୍କର ଏହି ମହନୀୟତା ହିଁ ସାରା ରାମାୟଣରେ ଅନେକ ରୂପରେ ପ୍ରକାଶିତ ହୋଇଛି । ରାମଙ୍କର ଶତ ବାରଣ ସତ୍ତ୍ୱେ,ବନବାସ ବେଳେ ରାମଙ୍କର ଅନୁସରଣ କରିବା ପାଇଁ ଦେବୀ ସୀତା ଏବଂ ଭ୍ରାତା ଲକ୍ଷ୍ମଣ ଇଚ୍ଛା ପ୍ରକାଶ କଲେ । ରାମଙ୍କର ବାରଣର ଉତ୍ତରରେ ସୀତା କହନ୍ତି, ଆପଣଙ୍କ ପାଦ ଯେଉଁ ବନପ୍ରଦେଶରେ ପଡିମ ତାହା ମୋ ପାଇଁ ଅଯୋଧ୍ୟା ଆଉ ଆପଣଙ୍କ ବିନା ଆଯୋଧ୍ୟା ମଧ୍ୟ ମୋ ପାଇଁ ନର୍କ ସଦୃଶ । ଇତି ମଧ୍ୟରେ ଭାରତ, ଟିଏ କି ମାତୃଳଙ୍କ ଗୃହକୁ ବୁଲି ଯାଥିଲେ, ଏଖବର ଶୁଣି ଗଭୀର ଦୁଃଖ ପ୍ରକାଶ କଲେ । ରାଜା ହେବାର ସୁଯୋଗ ପରିତ୍ୟାଗ କରି ସେ ଭ୍ରାତା ରାମଙ୍କୁ ଦେଖା କରିବା ପାଇଁ ସେ ବନ ଗମନ କରି ରାମଙ୍କୁ ଦେଖା କଲେ । ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ । କିନ୍ତୁ ରାମ ପିତୃ-ସତ୍ୟ ପାଳନ ନିମନ୍ତେ ସମସ୍ତ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରି ବନବାସ ପୂର୍ବରୁ ରାଜ୍ୟକୁ ଫେରିବାକୁ ମନା କରିଦେଲେ । ତେବେ ଏକ ବିରଳ ଭ୍ରାତୃ ଭକ୍ତିର ଉଦାହରଣ ସ୍ୱରୂପ ଭରତ ଭ୍ରାତା ରାମଙ୍କ କଠଉ ଯୋଡିକ ମସ୍ତକରେ ଧାରଣ ପୂର୍ବକ ଫେରି ଆସିଲେ ଏବଂ ସିଂହାସନରେ ରାମଙ୍କ କଠଉ ସ୍ଥାପନ ପୂର୍ବକ ରାମଙ୍କ ପ୍ରତିନିଧି ଭାବରେ ରାଜ୍ୟ ଶାସନ କରିବାକୁ ଲାଗିଲେ ।

## ରଣବୀର-କ୍ୟାଟ୍ରିନାଙ୍କୁ ନେଇ ଚର୍ଚ୍ଚା



ରଣବୀର କପୁର ଓ କ୍ୟାଟ୍ରିନା କୈଫଙ୍କ ଅଭିନୀତ ଫିଲ୍ମ 'ଜଗା ଜାସୁସ୍'ର ପ୍ରଥମ ପୋଷ୍ଟର ରିଲିଜ କରାଯାଇଛି । ୟୁଟିଭି ମୋଶନ ପିକଚର୍ସର ଟ୍ୱିଟରରେ ଏହି ପୋଷ୍ଟର ରିଲିଜ କରାଯାଇଛି । ଯେଉଁଥିରେ ଉଭୟ ରଣବୀର ଓ କ୍ୟାଟ୍ରିନାଙ୍କୁ ଓଟପକ୍ଷୀ ଉପରେ ବସି ଯାଉଥିବାର ଦେଖିବାକୁ ମିଳିଛି । ଦୁଇଜଣଙ୍କ ଲୁକ୍ ମଧ୍ୟ ଖୁବ୍ ମଜାଳିଆ ହୋଇଛି । ଯାହାକୁ ଦେଖିବା ପରେ ଫିଲ୍ମ ରିଲିଜର ଅପେକ୍ଷାରେ ରହିଛନ୍ତି ଦର୍ଶକ । ଫିଲ୍ମକୁ ନେଇ ବ୍ୟଗ୍ରତାର ଅନ୍ୟ ଏକ କାରଣ ହେଉଛି ବ୍ରେକଅପ୍ ପରେ ପୁଣିଥରେ ରଣବୀର ଓ କ୍ୟାଟ୍ରିନାଙ୍କୁ ଏଥିରେ ଏକାଠି ଦେଖିବାକୁ ମିଳିବ । ଯାହା ସେମାନଙ୍କ ପ୍ରଶଂସକଙ୍କ ପାଇଁ ଖୁସିର ମୁହୂର୍ତ୍ତ । ତେବେ ଅନୁରାଗ ବସୁଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ଚଳିତ ବର୍ଷ ୨୭ ନଭେମ୍ବରରେ ରିଲିଜ କରାଯାଇଥା'ନ୍ତା । ମାତ୍ର ରଣବୀର ଓ କ୍ୟାଟ୍ରିନାଙ୍କ ବ୍ରେକଅପ୍ ଏବଂ ଦୁଇଜଣଙ୍କ ବ୍ୟସ୍ତ ସିଡ୍ୟୁଲକୁ ନେଇ ଫିଲ୍ମଟି ନିର୍ଦ୍ଧାରିତ ସମୟରେ ଶେଷ ହୋଇପାରିନଥିଲା । ତେଣୁ ଏହାର ରିଲିଜ ଡେଟ୍‌କୁ ଘୁଞ୍ଚାଯାଇ ଆସନ୍ତା ବର୍ଷ ଅପ୍ରେଲ ୭ ତାରିଖକୁ ରଖାଯାଇଛି ।

## ଉଚ୍ଚ ରକ୍ତଚାପରୁ ରକ୍ଷା କରିବ ଗଭୀର ନିଃଶ୍ୱାସ



ଶରୀରରେ ଯେକୌଣସି ରୋଗର ଉପସ୍ଥିତି ଅଧିକାଂଶ ଲୋକଙ୍କୁ ବହୁତ ଡେରିରେ ଜଣା ପଡ଼ିଥାଏ । ସେଭଳି ଏକ ରୋଗ ହେଉଛି ଉଚ୍ଚ ରକ୍ତଚାପ । ଉଚ୍ଚ ରକ୍ତଚାପକୁ ସାଇଲେଣ୍ଟ କିଲର କୁହାଯାଏ । ଯଦି ଆପଣ ସେଭଳି ସ୍ଥିତିରେ ଗତି କରୁଛନ୍ତି ଓ ଔଷଧପତ୍ର ଖାଇବା ଝାମେଲାରୁ ମୁକୁଳିବାକୁ ଚାହୁଁଛନ୍ତି ତେବେ ଆପଣ ଆପଣଙ୍କ ଲାଇଫ ଷ୍ଟାଇଲକୁ ବଦଳାନ୍ତୁ । ଦୀର୍ଘ ଶ୍ୱାସକ୍ରିୟାରେ ଆରାମ-କିଛି ବ୍ୟକ୍ତିଙ୍କର ରକ୍ତଚାପ ସନ୍ଧ୍ୟା ତୁଳନାରେ ସକାଳ ସମୟରେ ଅଧିକ ଥାଏ । ଏହାର କାରଣ ରାତିରେ ଅମ୍ଳଜାନର ଅଭାବ । ବିପି ନିୟନ୍ତ୍ରଣ ରଖିବା ପାଇଁ ଅମ୍ଳଜାନର ମୁଖ୍ୟ ଭୂମିକା ରହିଛି । ଏଥିପାଇଁ ଦିନବେଳେ ଶାନ୍ତ ପରିବେଶରେ ବସି ୧୦ ରୁ ୧୫ ଥର ପେଟ ଭିତରୁ ଦୀର୍ଘ ନିଃଶ୍ୱାସ ନେବା ଉଚିତ୍ । ଏସ୍‌ଏମ୍‌ଏସ୍ ଡାକ୍ତରଖାନାର ଫିଜିସିଆନ୍ ଡା. ସି.ଏଲ୍.ନବଲଙ୍କ କହିବା ଅନୁସାରେ ଗଭୀର ନିଃଶ୍ୱାସ ପ୍ରଶ୍ୱାସ ନେଲେ ଶରୀରରେ ଅମ୍ଳଜାନ ଓ ରକ୍ତ ସଞ୍ଚାଳନ ସୁଚାରୁ ରୂପେ ହୋଇଥାଏ । ତା'ସହିତ ମାନସିକ ରୂପରେ ଶାନ୍ତି ମିଳିଥାଏ ।

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

## ବିଲେଇକୁ ମିଳୁଛି ସରକାରୀ ଚାକିରି, ମୋଟା ଦରମା



ଲଣ୍ଡନ ଗୋଟିଏ ପଟେ ଦେଶରେ ବେରୋଜଗାରୀ ସମସ୍ୟା ବୃଦ୍ଧି ପାଉଥିଲା ବେଳେ ଅନ୍ୟପଟେ ଏଠି ବିଲେଇକୁ ପ୍ରଦାନ କରାଯାଉଛି ସରକାରୀ ଚାକିରି ଏବଂ ଚାକିରି ବାବଦରେ ମିଳୁଛି ମୋଟା ଦରମା । ନିକଟରେ ଦେଶର କ୍ୟାବିନେଟ୍ ଦୁଇ ବିଲେଇକୁ ସରକାରୀ ନିଯୁକ୍ତି ପାଇଁ ମଞ୍ଜୁର ଦେଇଛି । ଇବି ଏବଂ ଓସି ନାମକ ଏହି ଦୁଇ ବିଲେଇ ଏବେ ବ୍ରିଟିସ ସରକାରଙ୍କ କ୍ୟାବିନେଟ୍ କାର୍ଯ୍ୟାଳୟରେ ଚାକିରି କରୁଛନ୍ତି । ବିଲେଇଙ୍କୁ ନିଯୁକ୍ତି ଦିଆଯିବା ପୂର୍ବରୁ ବିଧିବଦ୍ଧ ଭାବେ ବିଜ୍ଞାପନ ଦିଆଯାଇଥିଲା । ବିଜ୍ଞାପନରେ ସେମାନଙ୍କର ଯୋଗ୍ୟତା ସହ ବାୟୋଡାଟା ମଧ୍ୟ ମଗାଯାଇଥିଲା । ଏହି ନିଯୁକ୍ତି ପାଇଁ ଅନେକ ଆବେଦନ ପତ୍ର ମିଳିଥିଲା ବେଳେ ଦକ୍ଷତାକୁ ଦୃଷ୍ଟିରେ ରଖି ଦୁଇ ବିଲେଇଙ୍କୁ ନିଯୁକ୍ତି ଦିଆଯାଇଛି । ଏମାନଙ୍କର ଦାୟିତ୍ୱ ହେଉଛି କ୍ୟାବିନେଟ୍ କାର୍ଯ୍ୟାଳୟରୁ ମୂଷା ମାରିବା । ଗତକିଛି ବର୍ଷ ଧରି ଏଠାର କ୍ୟାବିନେଟ୍ କାର୍ଯ୍ୟାଳୟରେ ମୂଷାଙ୍କ ଉତ୍ପାତ ବୃଦ୍ଧି ପାଉଥିଲା ବେଳେ ସେମାନଙ୍କ ଦ୍ୱାରା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ନଷ୍ଟ ହେବାରେ ଲାଗିଛି । ଯେଉଁ କାରଣରୁ ସରକାର ବାଧ୍ୟରେ ମୂଷା ନିୟନ୍ତ୍ରଣ ପାଇଁ ବିଲେଇ ନିଯୁକ୍ତି ଦେଇଛନ୍ତି ।

## ଆଜିର ଭାଗ୍ୟ

**ମେଷ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ । ଆନୁଷ୍ଠାନିକ କାମରେ ସଫଳତା ପାଇବେ । ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ । ପରିବହନରେ ଉନ୍ନତି କରିବେ । ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ ।

**ବୃଷ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ । ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି । ସ୍ଥଗିତ କାମକୁ ତ୍ୱରାନିତ କରିବେ । ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ । ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି ।

**ମିଥୁନ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି । ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ । ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ । ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ ।

**କର୍କଟ** — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ । ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ । ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ ।

**ସିଂହ** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ । କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି । ବକେୟା ଟଙ୍କା ମିଳିବାର ଯୋଗ ରହିଛି । ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ ।

**କନ୍ୟା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ । ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ । ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ । ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ ।

**ତୁଳା** — ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ । ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ । ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ ।

**ବିଛା** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ । ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ । ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ । ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ ।

**ଧନୁ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ । ଶାରୀରିକ ଅସୁସ୍ଥତା ଫେରି ପାଇବ । ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ । ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି । ମହିଳାଙ୍କ ମନୋବଳ ଦୃଢ଼ ରହିବ ।

**ମକର** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ । ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ । ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ । ମହିଳାମାନେ ଅଶାନ୍ତି ରହିବେ ।

**କୁମ୍ଭ** — ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ । ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ । ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ ।

**ମୀନ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ । ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ । ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ । ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ ।

## ଶୀତ ଋତୁରେ ରୋଗ ବେଶୀ



ଶୀତଋତୁ ଆସିଲେ ବିଭିନ୍ନ ପ୍ରକାର ରୋଗ ମଧ୍ୟ ସାଙ୍ଗରେ ଆଣି ଆସିଥାଏ । ଯେପରି ଥଣ୍ଡା, ସଂକ୍ରମଣ, ତ୍ୱଚ ଫାଟିବା ଇତ୍ୟାଦି । କେତେକ ଲୋକଙ୍କର ଭାବନା ରହିଥାଏ କି ସନସ୍କ୍ରିନ୍‌ର ପ୍ରୟୋଗ କେବଳ ଗ୍ରୀଷ୍ମ ଦିନମାନଙ୍କରେ କରାଯାଇଥାଏ କିନ୍ତୁ ଏପରି ଭାବିବା ସମ୍ପୂର୍ଣ୍ଣ ରୂପେ ଭୁଲ୍ । ଥଣ୍ଡା ଦିନମାନଙ୍କରେ ସୂର୍ଯ୍ୟ ଭୂପୃଷ୍ଠର ସବୁଠାରୁ ନିକଟତର ହୋଇଥାନ୍ତି । ଏଥିପାଇଁ ସୂର୍ଯ୍ୟଙ୍କ କିରଣ ଅଧିକ କ୍ଷତି ପହଞ୍ଚାଇଥାଏ । ଥଣ୍ଡା ଦିନମାନଙ୍କରେ କସରତ କରିବା କ୍ଷତିକାର ହୋଇପାରେ । ଏପରି ଭାବିବା ବିଲ୍‌କୁଲ୍ ଭୁଲ୍ । ବାସ୍ ଏହି କଥାର ଧ୍ୟାନ ରଖନ୍ତୁ କି ବାହାରକୁ ବାହାରିବା ପୂର୍ବରୁ ନିଜକୁ ଥଣ୍ଡାରୁ ବଞ୍ଚେଇବାର ସମସ୍ତ ଉପାୟକୁ ସାଙ୍ଗରେ ଧରି ଯାଆନ୍ତୁ । ଥଣ୍ଡା ଦିନମାନଙ୍କରେ ମଦ୍ୟପାନ କରିବା ଦ୍ୱାରା ଶରୀର ଗରମ ପହଞ୍ଚାଇଥାଏ ବୋଲି ଅନେକଙ୍କର ଭାବନା ରହିଥାଏ । କିନ୍ତୁ ବାସ୍ତବରେ ଏହା ଅଳ୍ପ କିଛି ସମୟ ପାଇଁ ଆପଣଙ୍କ ଶରୀରକୁ ଗରମ ରଖିଥାଏ । ଲମ୍ବା ସମୟ ପର୍ଯ୍ୟନ୍ତ ଏହା କାମ କରିନଥାଏ । ଅଧିକ ସମୟ ପର୍ଯ୍ୟନ୍ତ ଥଣ୍ଡାରେ ଘରଠୁ ବାହାରେ ରହିବା ଦ୍ୱାରା ରୋଗ ଆକ୍ରାନ୍ତ ହେବାର ଆଶଙ୍କା ଅଧିକ ରହିଥାଏ । ଏପରି ବିଲ୍‌କୁଲ୍ ନୁହେଁ । ଏହି ମୌସୁମୀରେ ଥଣ୍ଡା, କାଶ, କେବଳ ବ୍ୟାକ୍ଟେରିୟା ଏବଂ ସଂକ୍ରମଣ କାରଣରୁ ହିଁ ହୋଇଥାଏ । ଥଣ୍ଡା ମୌସୁମିରେ ଅଧିକ ଚିନ୍ତା ରହିଥାଏ । ଭିଟାମିନ୍ ସି ଇମ୍ୟୁନିଟିକୁ ବଢେଇଥାଏ ଏବଂ ଥଣ୍ଡା ଦିନମାନଙ୍କରେ ହେଉଥିବା ରୋଗ ମାନଙ୍କଠାରୁ ବଞ୍ଚେଇଥାଏ ।

# "ତୁମେ ବି ମହଙ୍ଗା ହେଲ ?"

••••••••••ଅନାମିକା ଦାସ••••••••••

କରୋନା ମହାମାରିରେ ମୋ ଏକମାତ୍ର ପୁଅ କବଳିତ ହେଇଥିଲା, କିଛି ବାଟ ପାଇଲିନି, ମାନସିକ କରିଦେଲି ପ୍ରଭୁ ଜଗନ୍ନାଥଙ୍କ ପାଖରେ ମୁଁ ଜାତିରେ ଶବର, ଘର ମୋର କୋରାପୁଟର କୋଟପାଡରେ, ମୋ ଘରଠାରୁ ଶାବର ଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିର ୬୭ କି ୬୮ କିଲୋମିଟର ହେବ। ସରକାରଙ୍କ କଡା ଆଦେଶରେ ଗାଡି ମଟର ସବୁ ଠପ୍। ମା' ଛେଉଣ୍ଡ ଛୁଆଟା ମୋର, କରୋନାର କୁଆଡେ ଔଷଧ ନାହିଁ। କିନ୍ତୁ ମୋର ବଡ ଡାକ୍ତରଖାନା ଆଉ ବଡ ଡାକ୍ତର ହେଲେ ଜଗତର ନାଥ ଜଗନ୍ନାଥ। ଗାଁର ଗୋଟେ ପିଲାକୁ ଅନୁରୋଧ କରି ତା' ମଟରସାଇକେଲରେ ଗଲି କୋରାପୁଟ ଶାବର ଶ୍ରୀକ୍ଷେତ୍ର ମନ୍ଦିର। ମନ୍ଦିରର ଦ୍ୱାର ତାଲା, ହେଲେ ଜଣେ ପୂଜକ ତାଙ୍କ ଆଡୁ ମୋ ପାଖକୁ ଆସି କହିଲେ, କ'ଣ ଦର୍ଶନ କରିବ କି ? ଆସ....ମୁଁ ଚାଲିଲି ତାଙ୍କ ପଛରେ, ମନେ ମନେ ଭାବୁଥିଲି ପ୍ରଭୁ କେତେ ମହାନ ମୋ ମନ ଜାଣି ବ୍ୟବସ୍ଥା କରିଦେଲ, ପଶ୍ଚିମ ଦ୍ୱାର ପାଖରେ ଗଳା ବାଟ ଦେଇ ନେଇଗଲେ ଭିତରକୁ, ଭିତରେ ମୋ ଭଳି ଆଉ କିଛି ଦିଗହରା ଲୋକ ଶରଣ ପଶିଛନ୍ତି, ମୁଁ ବି ପ୍ରଭୁଙ୍କୁ ଦେଖି ସାଷ୍ଟାଙ୍ଗ ଦଣ୍ଡବତଟେ ପକେଇଲି। ଉଠିପଡି ପ୍ରଭୁଙ୍କୁ କହିଲି, ମୋ ପୁଅକୁ ସୁସ୍ଥ କରିଦିଅ ପ୍ରଭୁ, ମୁଁ ତ ଗରିବ ମୁଁ ବା କ'ଣ ଅର୍ପଣ କରିବି, ହେଲେ ପୁଅ ଭଲ ହେଇଗଲେ ମୁଁ ଏ ଶାବର ଶ୍ରୀକ୍ଷେତ୍ରରେ କଥା ଦଉଛି, ଶ୍ରୀକ୍ଷେତ୍ର ପୁରୀ ଯାଇ ମୋ ଯଥା ସଖ୍ୟ ପୂଜାଟେ କରିବି, ଆଉ ମହାପ୍ରଭୁଙ୍କ ପାଖେ କୃତଜ୍ଞତା ଜଣାଇବି । ଆଖି ଖୋଲିଲା ବେଳକୁ ମୋ ଦେହରେ ମନରେ ସତେ ଗୋଟେ ଶକ୍ତି ଆସିଯାଇଥିଲା, ସେ ପୂଜକଙ୍କ କହୁଣୀ ଠେସାରେ ତାଙ୍କଆଡେ ଚାହିଁଲି, ସେ ତୁଳସୀ କୋଉ ଗୁଟ୍କା ମଉସା... ତୁଳସୀ ? ଧୀରେ ମୁଣ୍ଡ ହଲେଇ, ମୋ ଛାତି ପକେଟ୍‌ରେ ଜଗନ୍ନାଥଙ୍କ ପାଖରୁ ଆଣିଥିବା ଛଡା ତୁଳସୀଟାରେ ହାତ ବୁଲେଇ ଭାବିଲି ଧନ୍ୟ ହେ ପ୍ରଭୁ କାହିଁ ତମ ଅମୂଲ ମୂଲ ତୁଳସୀ ଆଉ କାହିଁ ଏ ମାଳ ମାଳ ଟଙ୍ଗା ହେଇଥିବା ଜହର ତୁଳସୀ। ଘରେ ପହଞ୍ଚି ପୁଅ ପାଟିରେ ପ୍ରଭୁଙ୍କ ତୁଳସୀ ଦେଇ କହିଲି ଦେଖ ରେ ଧନ ଏଥର ତୁ ଜଲଦି ଠିକ୍ ହେଇଯିବୁ। ପ୍ରଭୁକୃପାରେ ମୋ ପୁଅ ବି ପୁରା ଠିକ୍ ହେଇଗଲା। ମାସ ଗୋଟାଏରେ ସେ କାମ ଦାମ ବି କରିବାକୁ ଲାଗିଲା। ମନେ ମନେ ସବୁ ଘଡି ମହାପ୍ରଭୁଙ୍କୁ ଧନ୍ୟବାଦ ଦେଉଥାଏ। ପ୍ରଭୁ ଯେ ମୋ କଥା ରଖିଲେ, ମୁଁ ଜମା କୃତଘ୍ନ ହେବିନି, ଏମିତି ଏମିତି ଗୋଟେ ମାସ ହେଲା, ଟଙ୍କା ପନ୍ଦର ଶହ ଯୋଡି ବାହାରିଲି ଶ୍ରୀକ୍ଷେତ୍ର ପୁରୀ, ମହାବାହୁଙ୍କୁ ଟିକେ ଦର୍ଶନ କରି ମୋ ପୁଅର ଜୀବନ ରକ୍ଷା ଲାଗି ଧନ୍ୟବାଦ ଜଣାଇ ଆସିବି। ବେଶୀ ତ ଟଙ୍କା ନଥିଲା ତ ଗାଁ ପିଲା କୋରାପୁଟ ଟାଉନ୍ ଯାଉଥିଲା ତା ବାଇକ୍‌ରେ ମାଗଣା ଚାଲିଆସିଲି । ସାଥିରେ ବେଗ୍ ଟେ, ପାଣି ବୋତଲଟେ, ଆଉ ଘର ଅଗଣାରୁ ତୋଳିଥିବା ତୁଳସୀ ମେଂଚେ । ବସ୍ ପାଖରେ ପହଂଚିଲି, କଣ୍ଡକ୍ଟର ପଚାରିଲେ ମଉସା କୁଆଡେ ! ବଡ ଆନନ୍ଦରେ କହିଲି ବାପାରେ ବସ୍‌ର ଶେଷ ଷ୍ଟପେଜ୍ ଯିବି। ଓଃ ପୁରୀ ? ହଉ ସାତ ଶହ ଟଙ୍କା କାଢ଼। ସାତ ଶହ ? ପକେଟ୍‌ରେ ହାତ ରଖି ହିସାବ କଲି ଯିବା ଆସିବା ତ ଚଉଦ ଶହ ହେଇଯିବ, ରାତି ବସ୍, ପୁଣି ମନ୍ଦିର ପୂଜା କୋଡିଏ ? ତା'ର ନାଲି ଆଖି ଦେଖି ଚୁପ୍ ଚାପ୍ କୋଡିଏ କାଢ଼ିଲି। ମୋ ସହଯାତ୍ରୀ ଜଣଙ୍କୁ ପଚାରିଲି ଆଜ୍ଞା କଉଠି ଟିକେ ଗାଧୋଇ ହେବ କି ? ଅଗାଧୁଆ ପ୍ରଭୁଙ୍କ ପାଖକୁ କେମିତି ଯିବି ? ସେ ହାତ ଦେଖେଇ କହିଲେ ସେଇଠି ପରା ସୁଲଭ ଶୌଚାଳୟ। ମୁଁ ପୁଣି ଏ ଲୀଳାମୟଙ୍କ ଇଛା କହି ଖୁସିରେ ବଢ଼ିଲି। ଜଣେ ମହିଳା ଟେବୁଲଟେ ପକେଇ ବସିଥିଲେ। କହିଲେ କ'ଣ ପସି ଆସୁଛ, ଆଜ୍ଞା ଟିକେ ଗାଧୋଇ ମହାପ୍ରଭୁ ଦର୍ଶନ ଲାଗି ଯିବି। ସେ ମହିଳା କହିଲେ କୋଡିଏ ଟଙ୍କା ଦିଅ। ଲୀଳାମୟଙ୍କ ଇଛା କହି ବିନା ପ୍ରତିବାଦରେ ଟଙ୍କା ପୈଠ କରି ନିତ୍ୟକର୍ମ ସାରି ଚାଲିଲି ଶ୍ରୀମନ୍ଦିର, ହେଇ ନୀଳଚକ୍ର ଦିଶିଲାଣି, ଦଣ୍ଡେ ଠିଆହେଇ ଦେଖିଲି, ପତିତପାବନ ବାନାକୁ, ଦେହରେ ଶିହରଣ ଖେଳି ଯାଉଥିଲା ମୋର, ଆଖିରେ ଆତ୍ମସନ୍ତୋଷର ଲୁହ। ବଢ଼ିଚାଲିଲି ନୟନରେ ଚାହିଁ ରହିଲି। ସେ ଭାଇନା ଭିତର ବେଢ଼ା ଆଡେ ଯାଇ ଭୋଗ ପୁଡିଆଟା ଠାକୁରଙ୍କୁ ଦେଖାଇ, ପ୍ରଭୁଙ୍କୁ ତୁଳସୀତକ ଅର୍ପଣ କରିଲେ, ମୁଁ ମନଭରି ପ୍ରଭୁଙ୍କୁ ଦେଖୁଥାଏ। ସେ ଫେରି ଆସି ଭୋଗ ଧରେଇ ଦେଇ କହିଲେ ହଉ ଦକ୍ଷିଣା ଏ ଥାଳିରେ ଦିଅ, ମୁଁ ମୁକ୍ତହସ୍ତରେ ଶହେ ଟଙ୍କା କାଢ଼ି ଥାଳିରେ ରଖିଲି, ଆରି ଭିତରେ ଠିଆ ହୋଇଥିବା ନନା ମତେ ଟିକେ ତୁଳସୀ ବଢ଼ାଇ ଦେଲେ। ବୁଲି ପଡିଲା ବେଳକୁ ସେ ଭାଇନା କହିଲେ ମୋ ଦକ୍ଷିଣାଟା ଦିଅ, ମୁଁ ପରା ଦେଲି, ପୁଣି କ'ଣ ? ହଉ ଏତେ ଭଲ ଦର୍ଶନଟେ ହେଇଛି ଖୁସିରେ ପଚାଶ ଟଙ୍କା ଦେଲି, ସେ ଭାଇନା କହିଲେ କ'ଣ ମଣି ଥଟ୍ଟା କରୁଛ କି ? ଏ ମହଙ୍ଗା ଯୁଗରେ ପଚାଶ ? ଦୁଇଶହ ଦିଅ ଦେଖ ଆମକୁ ଅଶାନ୍ତି କଲେ ଜଗା ବି ଅଶାନ୍ତି ହେବେ। ମୁଁ କାକୁତି ହେଇ ଶହେ ଟଙ୍କା ଦେଇ ହାତ ଧରିପକାଇ କହିଲି ଆଜ୍ଞା ମୁଁ ଗରିବ କୁଆଡୁ ଦେବି ? ହଉ ହଉ ତେମେ ତ ଦୂରରୁ ଆଇଚ, ଅବଢ଼ା ଖାଇବ ନିଶ୍ଚୟ, ନହେଲେ ତମ ମାନସିକ ଅଧୁରା, ମୁଁ ବ୍ରାହ୍ମଣ ମତେ ଖୋଇଦେଲେ ତମ ପ୍ରଭୁ ବି ପାଇଯିବେ। ମୁଁ ବେଶ୍ ଖୁସି ହେଇ ରାଜି ହେଲି, ପ୍ରଭୁ ସତରେ ତମେ ମହାନ। ଅବଢ଼ା କଥା ତ ମୁଁ ଭାବି ନଥିଲି। ମତେ ମନ୍ଦିର ବୁଲିବାକୁ କହି ଠିକ୍ ଦୁଇଟାରେ ଏଇ ଆନନ୍ଦ ବଜାରରେ ପହଂଚିବାକୁ କହି ସେ ଭାଇନା, ଅନ୍ୟ ଭକ୍ତଙ୍କ ଆଡେ ଚାଲିଲେ। ମୁଁ ରାତିଠାରୁ କିଛି ଖାଇନଥିଲି, ମନ୍ଦିର ବୁଲି ଗୋଟେ କୋଣରେ ବସି ଶୁଖିଲା ଭୋଗ ଟିକେ ଖାଇଲି, ଆଉ ଦୁଇଟା ବାଜିବାର ଅପେକ୍ଷାରେ ବସି ରହିଲି। ଠିକ୍ ଦୁଇଟାରେ ସେ ଭାଇନା ଆସିଗଲେ। ଏବେ ମହାପ୍ରସାଦ ପାଇବା ମହାଆନନ୍ଦ ମୁଁ ଅନୁଭବ କରୁଥାଏ। ମନେମନେ ଭାବିଲି ଛୋଟ କୁଡୁଆ ଖେଚୁଡିଟେ ପୁଅ ଲାଗି ନେବି। ସେ ଭାଇନା ଦୁଇଟା କଦଳୀ ପତ୍ର ଆଣି ଗୋଟେ ଜାଗାରେ ପକାଇ ବସିଲେ, ଆହା କି ଆନନ୍ଦ ଏ ଆନନ୍ଦ ବଜାର ମହକରେ.... ବିନା ଡାକରାରେ ଗୋଟେ ପରେ ଗୋଟେ ଅନ୍ନ, ଡାଲି, ବେସର, ଶାଗ, ଲୁଣ ସବୁ ଆଣି ପିଲାଟିଏ ବାଢ଼ିଦେଇ ଗଲା। ଭାଇନା ଟିକେ ଅଧିକ ଖାଆନ୍ତି ବୋଧେ, ହଉ ଖାଆନ୍ତୁ ମୋ ମହାପ୍ରଭୁ ଯେ ଖୁସି ହେବେ, ସରିଲା ପରେ ଭାଇନା ଗୋଟେ ଦୋକାନକୁ ଦେଖେଇ କହିଲେ ଏଇଠି ଟଙ୍କା ଦେଇଦେବ, ମୁଁ ଆଉଛି। କେତେ ହେଲା କି ? ସାତ ଶହ ପଚାଶ ଦିଅ, ମୋ ମୁଣ୍ଡ ଝାଏଁ କିନା ହେଇଗଲା। ଏତେ କ'ଣ ପାଇଁ ଆଜ୍ଞା ? ସେ କହିଲେ କ'ଣ ମହଙ୍ଗା ହେଲାଣି ସବୁ ବୋଲି ଜାଣିନା କି ? ମୁଁ କହିଲି ପିଲାଦିନେ ବାପା ସହ ଆସିଥିଲି ଦଶ ଟଙ୍କାରେ ପେଟେ। ହେ ଚୁପ୍ କର, ଟଙ୍କା ଦିଅ ଆଉ ହଟ୍ ଏଠୁ। କିଛି ଉପାୟ ନାହିଁ ଟଙ୍କା କାଢ଼ି ଦେଲି। ମହାପ୍ରଭୁଙ୍କ ନୀଳଚକ୍ରକୁ ଦେଖି ବାଇଶି ପାହାଚରେ ବସି ମୁଣ୍ଡିଆଟେ ମାରିଲି, ଆଉ ବାହାରି ଆସିଲି। ବାହାରେ ଭିକାରୀମାନେ ଯେମିତି ଅପେକ୍ଷାରେ ଥିଲେ, ଏକ ସଙ୍ଗେ ଡାକ ଦେଲେ ବାବୁ ଦୟା ହଉ। କିଛି ଖାଇନୁ ସକାଳୁ କିଛି ଦିଅ, ମୁଁ ଶୁଖିଲା ଭୋଗ ପେଡି ଖୋଲି ଗୋଟେ ଖଜା ବଢ଼େଇଲି, ସେ କିନ୍ତୁ ଅର୍ଥ ଚାହୁଁଥିଲେ। ପାଂଚ ଟଙ୍କାଟେ ଦେଲି, ସେ ଫେରେଇ ଦେଇ କହିଲେ ନେଇ ଯା ହେ ବାବୁ, ଜୋତା ଷ୍ଟାଣ୍ଡରେ ୧୦ ଟଙ୍କା ଦଉଛ ଆଉ ଆମକୁ ୫ ଟଙ୍କା। ମନେପଡିଲା ଆରେ ମୋ ଜୋତା ହଳକ ତ ମୁଁ ଏମିତି ରାସ୍ତାରେ ଛାଡି ଯାଇଥିଲି, କାହିଁ ଦିଶୁନି ତ ! ଏ ତ ମହାପ୍ରଭୁଙ୍କ ଜାଗା ଏଠି କ'ଣ କିଛି ଚୋରି ହୁଏ, ଖୋଜିଲି ଚାରିଆଡେ ହେଲେ ପାଇଲିନି, ଛାଡ ଖାଲି ପାଦରେ ଷ୍ଟେସନ ଆଡେ ଯାଏ, ରିକ୍ସା କରିବାକୁ ଆଉ ଟଙ୍କା ଖର୍ଚ୍ଚ କରିପାରିବିନି, ଟ୍ରେନ୍‌ରେ ପୁଣି ଦେବାକୁ ଅଛି, ଲୋକଗହଳି ବିଶେଷ ନଥିଲା, ଖରା ସହ ସୁଲୁସୁଲିଆ ପବନରେ ମୁଁ ଷ୍ଟେସନରେ ପହଂଚିଗଲି। ଗୋଟେ ବେଂଚରେ ବସି ଚା ବାଲାକୁ ପଚାରି ଭୁବନେଶ୍ୱର ଲୋକାଲରେ ଯାଇ ସେଠାରୁ କୋରାପୁଟ ଯାଇ ହେବ ବୁଝିନେଲି । ବେଶ୍ କିଛି ସମୟ ପରେ ଟ୍ରେନ୍‌ରେ ଚଢ଼ିଲି, ଟିକେ ଭିଡ ଥିଲା। ସେଇଥିରେ ଭୁବନେଶ୍ୱର ପହଂଚିଲି। ଏଥର ଟିକେଟ କରି ଯିବି, ଆଉ ଗୋଟେ ରାତି ଅନିଦ୍ରା ରହିବା କଷ୍ଟକର ପକେଟ୍‌ରେ ଯେତିକି ଅଛି ସେଥିରେ ହେଇଯିବ, ଆରେ ଏ କ'ଣ ମୋ ପକେଟ୍‌ରେ ଯେ କିଛି ବି ନାହିଁ, ପଛ ପକେଟ୍‌ରେ ଯାହା ଶହେ-ଦୁଇ ଶହ ଥିଲା ସେ ବି ନାହିଁ, ବାସ୍ ଛାତି ପକେଟ୍‌ରେ ପ୍ରଭୁଙ୍କ ତୁଳସୀ ଟିକେ! ପ୍ରସ୍ତୁତ ହେଲି ପୁଣି ଜେନେରାଲ ବଗିରେ ଚଢ଼ି ଆଉ ଗୋଟେ ରାତି ଅନିଦ୍ରା ହେବା ଲାଗି। ରାତିରେ ଟ୍ରେନ୍‌ରେ ବସିଲା ପରେ, ଭୋକ ଅନୁଭବ କରୁଥିଲି, ହେଲେ ଆଉ ଶୁଖିଲା ଭୋଗ ବି ଖାଇ ହେବନି, ପୁଅଟା ଚାହିଁଥିବ, ସାଇ ପଡିଶା ବି ବରାଦ କରିଥିଲେ ଭୋଗ ଟିକେ ଆଣିବା। ଚୁପ୍‌ଚାପ୍ ଛାତି ପକେଟରେ ହାତ ରଖି, ସେ ଚକାଡୋଳାକୁ ମନେ ପକଉଥିଲି ଆଉ ପଚାରୁଥିଲି, ଭଗବାନ ତୁମେ ବି ମହଙ୍ଗା ହେଲ ? ?...





ଟିକେ ମୋ ହାତକୁ ବଢ଼େଇ ଦେଇ, ବାକିତକ ଅଂଟାରେ ଖୋସିଲେ ଓ ତା'ପରେ କହିଲେ ହଉ ଦକ୍ଷିଣାଟା କାଢ଼। ମୁଁ ଛାତି ପକେଟରୁ ପଚାଶ ଟଙ୍କା କାଢ଼ି କହିଲି, ଭାଇନା ଠାକୁରଙ୍କ ପାଖେ ଦୀପଟେ ଦେଇ ବାକି ଆପଣ ରଖିବେ। ଭାବିଥିଲି ସେ ଖୁସି ହେଇଯିବେ, ହେଲେ ତାଙ୍କ ସେ ହସ ହସ ମୁହଁ ରାଗ ତମ ତମ ହେଇଗଲା। କହିଲେ କ'ଣ ଦୟା କରୁଛକି ? ଶହେ କାଢ଼ ଆଉ ଜଲଦି ଏଠୁ ବିଦା ହୁଅ। ମୁଁ ପ୍ୟାଣ୍ଟ ପକେଟ ଅଣ୍ଡାଳି ଆଉ କୋଡିଏଟି ଟଙ୍କା ଦେଇ କହିଲି, ନନା ଆଉ ଗୋଟେ ଟଙ୍କା ବି ନାହିଁ। ଭାବିଥିଲି ଫେରିଲାବେଳେ ପୁଅ ଲାଗି ସେଓ... ଚୁପ୍ କର କହି ସେ ମୋତେ ଗଳା ଧକ୍କା ଦେବା ପରି ବାହାରକୁ ପେଲିଦେଲେ। ତଥାପି ପ୍ରଭୁଙ୍କ ଭଲ ଦର୍ଶନଟେ ପାଇ ଆତ୍ମସନ୍ତୋଷରେ ମନେ ମନେ କହିଲି ପ୍ରଭୁ ଯାଙ୍କୁ କ୍ଷମା କରିବେ। ଗାଁ ପିଲାଟି ସେମିତି ତା' ବାଇକ୍ ପାଖେ ଗଛ ତଳେ ଠିଆ ହେଇଥିଲା, ମତେ ଦେଖୁ ଦେଖୁ ଗାଡି ଷ୍ଟାର୍ଟ କଲା, କହିଲା ମଉସା ମୁଁ ଏ ଆଖପାଖ ଦେଖୁଥିଲି କିଛି ବି ଦୋକାନ ଖୋଲା ନାହିଁ, ନ ହେଲେ ଟିକେ ଜଳଖିଆ ଖାଇ ଯାଇଥା'ନ୍ତେ । ମୁଁ ମନେ ମନେ ହିସାବ କରୁଥିଲି ପକେଟରେ ସର୍ବମୋଟ ୧୭୫ ଟଙ୍କା ଥିଲା। ଆସିଲା ବେଳେ ତା' ବାଇକ୍‌ରେ ଶହେ ଟଙ୍କାର ତେଲ ପକେଇ ବାକି ପଂଚସ୍ତରୀ ଟଙ୍କା ଧରି ମନ୍ଦିର ଆସିଥିଲି, ଏବେ ପକେଟରେ ବାସ୍ ପାଂଚ ଟଙ୍କାର ଗୋଟେ କଏନ୍। ପ୍ରଭୁଙ୍କୁ ଡାକି ଚାଲିଥାଏ ରାସ୍ତାରେ ବି କିଛି ଦୋକାନ ଖୋଲା ନଥାଉ। ଆଉ ମହାପ୍ରଭୁ ମୋ ଡାକ ଶୁଣି ସେମିତି ହିଁ କଲେ, ଠିକ୍ ଗାଁ ପାଖ ହେଇଛୁ, ପୁଅଟି କହିଲା ମଉସା, ଏଇଠି କ୍ୟାବିନ୍‌ଟେ ଖୋଲା ଅଛି ମୁଁ ଗୋଟେ ଗୁଟ୍କା ପାଟିରେ ପକେଇ ଦିଏଁ, ଏତେ ବାଟ ଗାଡି ଚଲେଇ ବ୍ୟସ୍ତ ଲାଗିଲାଣି, ମୁଁ ସତେକି ସିଂହର ବଳ ପାଇଗଲି, କହିଲି ତୁ ଏଇଠି ଥା ପୁଅ ମୁଁ ମୋ ତୋ ଲାଗି ଆଣି ଦଉଛି, ଦୋକାନୀକୁ ପାଂଚ ଟଙ୍କା କଏନଟା ବଢ଼େଇ ବଡ ଦର୍ପରେ କହିଲି ବାବୁରେ ଗୋଟେ ଗୁଟ୍କା ଦେଲୁ.... ମନେ ମନେ କହୁଥିଲି ସବୁ ଲିଳାମୟଙ୍କ ଇଚ୍ଛା, ସେ ମୋ ମହତ ରଖିଦେଲେ, ଦୋକାନୀ ପଚାରିଲା ଆଉ ରାତି ଯାଏଁ ପୁରୀ ସହରରେ ରହିବାକୁ ହବ, କହିଲି ବାପାରେ ମୁଁ ଗରିବ ଲୋକ ଏତେ ଟଙ୍କା ଦେଇପାରିବିନି, ଟଙ୍କା ଦୁଇଶହ ହେଲେ ହୁଅନ୍ତାନି ? କଣ୍ଡକ୍ଟରଟି ଜମା ରାଗିଲାନି, କହିଲା ମଉସା ହେ ସେ ରାସ୍ତା ଆରପଟେ ଟାଉନ ବସ୍ ମିଳିଯିବ, ସେଥିରେ ଦଶ ଟଙ୍କା ଦେଇ ଷ୍ଟେସନ ପଳା, ଟ୍ରେନ୍‌ରେ ମାଗଣାରେ ଭୁବନେଶ୍ୱରରେ ଓହ୍ଲେଇ ଲୋକାଲ ଟ୍ରେନ୍‌ରେ ପୁରୀ। ତମ ଦୁଇଶହ ବି ଖର୍ଚ୍ଚ ହେବନି। ମନେ ମନେ ଭାବିଲି ଏ ସବୁ ଲୀଳାମୟଙ୍କର ଲୀଳା, ସେ ହିଁ ବାଟ ଦେଖାଉଛନ୍ତି । ବସ୍ ଚଢ଼ି ଷ୍ଟେସନ ଗଲି, ଆଉ ଅଧଘଂଟା ଅପେକ୍ଷାରେ ହିଁ ଟ୍ରେନ ବି ଆସିଗଲା । ଗୋଟେ ବଗିରେ ଚଢ଼ିଲି ଟ୍ରେନ୍ ଚାଲିଲା କି ନାହିଁ କଳା କୋଟ ପିନ୍ଧା ଟି.ଟି. ଆସିଗଲେ, ଟିକେଟ୍ ଦେଖା ମଉସା, କୁଆଡେ ଯିବ ? ମୁଁ ଡରି ଡରି କହିଲି ଆଜ୍ଞା ଟିକେଟ୍ କରିନି, ଟ୍ରେନ୍ ଆସିଗଲା ତ ଚଢ଼ିଗଲି, ପୁରୀକୁ ଯିବି, ହେଇ ଦେଖନ୍ତୁ ତୁଳସୀ ନେଇ ଯାଉଛି କହି ବ୍ୟାଗଟି ଦେଖେଇଲି। ସେ ଟି.ଟି. ବି ଯେମିତି ମୋ ପ୍ରଭୁଙ୍କ କଥା ବୁଝିପାରି କହିଲେ ମଉସା ଏଟା ରିଜର୍ଭ ବଗି, ଆଗ ଷ୍ଟେସନରେ ଓହ୍ଲେଇ ଜେନେରାଲ ବଗିକୁ ପଳେଇବ, ହଉ ଟଙ୍କା ପଚାଶଟା ଦିଅ । ମୁଁ ବଡ ଖୁସିରେ ପଚାଶ ଟଙ୍କା ଦେଇ ପୁଣି ମୋ ପ୍ରଭୁଙ୍କୁ ଧନ୍ୟବାଦ ଦେଲି କି ମୋ ପକେଟ ଅନୁଯାୟୀ ସେ ବାଟ କରି ଦଉଛନ୍ତି। ପରେ ଷ୍ଟେସନରେ ଦଉଡି କି ଜେନେରାଲ ବଗିରେ ଚଢ଼ିଲି, ରାତି ଅଧା ବଗି ସାରା ତଳ ଉପର ଲୋକ ଶୋଇଛନ୍ତି । କ'ଣ କରିବି... ପାଇଖାନା ପାଖେ ବସିବିନି ପ୍ରଭୁଙ୍କ ତୁଳସୀ ଯେ ଧରିଛି। କଷ୍ଟେମଷ୍ଟେ ଜାଗା ଟିକେ କରି ଗେଞ୍ଜିହେଇ ଜଣଙ୍କ ଗୋଡ ତଳେ ବସିଲି। ଭାବିଲି ହଉ ପ୍ରଭୁଙ୍କୁ କାଲି ଦର୍ଶନଟେ ହେଇଗଲେ ସବୁ କଷ୍ଟ ଲାଘବ ହେଇଯିବ। ଟ୍ରେନ୍ ଯାଇ ପୁରୀରେ ପହଂଚିଲା ବେଳକୁ ଦିନ ନଅଟା। ଓହ୍ଲେଇ ପଡି ଷ୍ଟେସନରୁ ଶ୍ରୀମନ୍ଦିର କେତେ ଦୂର ପଚାରିଛି କି ଅଟୋବାଲାଟିଏ ହାତ ଧରି ମଉସା ଆସ, ମୋର ବାସ୍ ଗୋଟେ ସିଟ୍ ଫାଙ୍କା, ମୁଁ ବି ଯାଇ ବସିଗଲି। ଆରେ ଏ ଲୋକ ତ କ'ଣ ଦଶ ହାତରେ ନେଇ ଛାଡି ଦେଲା, କହିଲା କୋଡିଏ ଟଙ୍କା। ମୁଁ କହିଲି କିହୋ ମୁଁ କୋରାପୁଟରୁ ପଚାଶ ଟଙ୍କାରେ ଆସିଲି ଆଉ ତମେ ଏ ଦଶ ହାତ ରାସ୍ତା ଲାଗି ସିଂହଦ୍ୱାର ଆଡେ, ଅରୁଣ ସ୍ତମ୍ଭ ପାଖେ ପହଂଚିଲା ଯାଏଁ ବିଶ୍ୱାସ ହେଉନଥିଲା ମୁଁ ସତରେ କାଳିଆ ଡାକପାଇ ଆସିପାରିଛି। କୋଭିଡ୍ କଟକଣା ଯୋଗୁ ବିଶେଷ ଗହଳି ନଥିଲା, ମୁଁ ସିଂହଦ୍ୱାରରେ ପାଦ ରଖିଛି କି ପୋଲିସ୍ ଭାଇ କହିଲେ କୋଭିଡ୍ ଟିକା ନେଇଛ ? ତା' ପ୍ରମାଣ ଆଉ ଆଧାର କାର୍ଡ ଦେଖାଅ। ଏଁ ମୁଁ ପ୍ରଭୁଙ୍କୁ ଦର୍ଶନ କରିବି, ସେ ତ ବିଶ୍ୱର ଠାକୁର, ତାଙ୍କ ଦର୍ଶନ ଲାଗି ଆଧାର ? ବହୁ ନେହୁରା ହେଲି ହେଲେ ସେ ନଛୋଡବନ୍ଧା, ଟିକେ କଡକୁ ଠେଲିଦେଲେ। ମୁଁ ସେଇଠୁ ବାଇଶି ପାହାଚ ଆଡେ ଚାହିଁ ଅଭିମାନ କରି ମନେ ମନେ କାନ୍ଦୁଥିଲି, ପ୍ରଭୁ ତୁମେ ସେଇ ଯିଏ ଦାସିଆ ବାଉରି ହାତରୁ ନଡିଆ ନେଇଥିଲ ? ତୁମେ ସେଇ ଯିଏ ଭକ୍ତ ସାଲବେଗ ଲାଗି ରଥରେ ଅଡି ବସିଥିଲ ? ଆଉ ଏ ଦୁନିଆ ବଦଳିଲା ଭଳି ତୁମେ ବି କ'ଣ ବଦଳିଗଲ ପ୍ରଭୁ ? ମୋ ଭାବନାରେ ପୂର୍ଣ୍ଣଛେଦ ପଡିଲା ଭଳି ଦଳେ ଭକ୍ତ ବୋଧହୁଏ କଲିକତା ଭାଷାରେ କଥା ହଉଥିଲେ, ମୋ ଆଗ ଦେଇ ପଶୁଥିଲେ, ତାଙ୍କ ସହ ଜଣେ ଟାଣୁଆ ସେବାୟତ, ସେମାନେ ଅବାଧ ପ୍ରବେଶ କରୁଥିଲେ ଆଉ ମୁଁ ବି ତାଙ୍କ ଦଳରେ ସାମିଲ ହୋଇ ଚାଲିଗଲି ଶ୍ରୀମନ୍ଦିର ଭିତରକୁ, ପୁଣି ଅନୁଭବ କଲି ଏତ ମୋ ଲୀଳାମୟଙ୍କ ଇଚ୍ଛା। ବାଇଶି ପାହାଚ ଟପିଲା ବେଳକୁ ଜଣେ ସେବାୟତ କହିଲେ ଆସ ଭଲ ଦର୍ଶନଟେ କରେଇ ଦେବି, କଉଠୁ ଆଇଛ ? କୋରାପୁଟ ଶୁଣି ସେ ବହୁତ ଆଦରରେ ମୋ ହାତରୁ ତୁଳସୀତକ ନେଇ, ମୋ ପଛରେ ଆସ କହି ଚାଲିଲେ, ଠିଆ କଲେ ଗୋଟେ ଭୋଗ ଦୋକାନ ପାଖେ, ପଚାରିଲେ କ'ଣ ମାନସିକ ଅଛି ନା' ଦର୍ଶନ ଲାଗି ଆଇଚ ? ମୁଁ ଖୁବ୍ ଗର୍ବରେ କହିଲି, ପ୍ରଭୁ ମୋ ଇଚ୍ଛା ପୁରଣ କରିଛନ୍ତି ତ, କୃତଜ୍ଞତା ଜଣାଇବାକୁ ଆସିଛି। ସେ ଭୋଗ ଦୋକାନୀକୁ ବରାଦ କରି ଚାଲିଲେ, ଆଉ ତାଳପତ୍ର ଭୋଗେଇରେ ଭୋଗ ସାମଗ୍ରୀ ଧରି କହିଲେ ତିନିଶହ ଟଙ୍କା ଦିଅ, ମୁଁ ବି ବିନା ଦ୍ୱନ୍ଦ୍ୱରେ ଦେଇ, ଜଗା ଦର୍ଶନ ଲାଗି ଦୌଡିଲି, ଭିତରେ ପଶିଛି କି ଚତୁର୍ଦ୍ଧା ମୂର୍ତ୍ତି ଦେଖି ଗରୁଡ ସ୍ତମ୍ଭ ପାଖରୁ ବାସ୍ ସେଇ ଚକାଆଖିକୁ ଅପଲକ

-ପ୍ରଶାସନିକ ଅଧିକାରୀ, ଭାରତ ସ୍କାଉଟସ୍ ଏବଂ ଗାଇଡସ୍, ଭୁବନେଶ୍ୱର, ଓଡିଶା, ମୋ- ୭୦୦୮୩୯୬୬୫୪

# ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ନିଶାଦ୍ରବ୍ୟ ଅପବ୍ୟବହାର ଓ ଅବୈଧ କାରବାର ନିରୋଧ ଦିବସ




ବାଲେଶ୍ୱର (ପିଏନ୍)-ବାଲେଶ୍ୱର ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ଅବକାରୀ କାର୍ଯ୍ୟାଳୟ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ନିଶା ଦ୍ରବ୍ୟ ଅପବ୍ୟବହାର ଓ ଅବୈଧ କାରବାର ନିରୋଧ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ସକାଳେ ଏକ ସଚେତନତା ରାଲି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ବାହାରି ସହର ପରିକ୍ରମା କରିବା ସହିତ ନିଶା ଦ୍ରବ୍ୟ ସେବନର ଅପକାରିତା, ଏହାର ଅପବ୍ୟବହାର ଏବଂ ନିରାକରଣ ସମ୍ପର୍କରେ ସଚେତନତା ବାର୍ତ୍ତା ପ୍ରଚାର କରିଥିଲା । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନୀଲୁ ମହାପାତ୍ର ପତାକା ଦେଖାଇ ଏହି ରାଲିର ଶୁଭାରମ୍ଭ କରିଥିଲେ । ଏଥିରେ ସ୍କୁଲ, କଲେଜ ଛାତ୍ରଛାତ୍ରୀମାନଙ୍କ ସମେତ ନିଶା ନିବାରଣ କ୍ଷେତ୍ରରେ କାର୍ଯ୍ୟ କରୁଥିବା ସଂଗଠନ ସାଧନା, ମିଳିତ ନିଶା ନିବାରଣ ଅଭିଯାନ, ରୋଟାରୀ କ୍ଲବ, ଲାୟନ୍ସ କ୍ଲବ, ମେଡିକାଲ କ୍ରିୟାନୁଷ୍ଠାନ କମିଟିର ସଦସ୍ୟ-ସଦସ୍ୟାମାନେ ଭାଗ ନେଇ ଜନସାଧାରଣଙ୍କୁ ନିଶାଦ୍ରବ୍ୟଠାରୁ ଦୂରେଇ ରହିବା ପାଇଁ ସଚେତନ କରିଥିଲେ । "ନିଶାଦ୍ରବ୍ୟକୁ ନାଁ, ସୁସ୍ଥ ଜୀବନକୁ ହଁ"ର ନାରା ଦେଇ ସେମାନେ ଏ ସମ୍ପର୍କିତ ପ୍ରଚାରପତ୍ର ସ୍ଥାନୀୟ ଜନସାଧାରଣଙ୍କୁ ବାଂଟିଥିଲେ ।




ଏହା ପରେ ପରେ ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ସଚେତନତା ସଭା ଆୟୋଜିତ ହୋଇଥିଲା । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନୀଲୁ ମହାପାତ୍ର ଏଥିରେ ଯୋଗ ଦେଇ ମାଦକଦ୍ରବ୍ୟ, ନିଶା ଓ ଡ୍ରଗ୍ସ ସେବନଠାରୁ ଦୂରେଇ ରହିବା ପାଇଁ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ । ନିଶା ସେବନ ଦ୍ୱାରା ବ୍ୟକ୍ତିର ପରିବାର, ସମାଜ କ୍ଷତିଗ୍ରସ୍ତ ହୋଇଥାଏ । ତେଣୁ ଏଥି ପ୍ରତି ସମସ୍ତେ ବିଶେଷ କରି ଯୁବ ସମାଜ ସଚେତନ ହେବାକୁ ସେ କହିଥିଲେ । ମିଳିତ ନିଶା ନିବାରଣ ଅଭିଯାନର ପ୍ରଭାକର ସାହୁ, ମମତା ମହାପାତ୍ର, ଗୌରାଙ୍ଗ ପାଣିଗ୍ରାହୀ, ଅର୍ଚ୍ଚନା ନନ୍ଦୀ, ସାଧନା ସଂଗଠନର ସୁଜାତା ପଣ୍ଡାଙ୍କ ସମେତ ସ୍କୁଲ,କଲେଜ ଛାତ୍ରଛାତ୍ରୀମାନେ ମଧ୍ୟ ଏହି ଅବସରରେ ସେମାନଙ୍କ ବକ୍ତବ୍ୟ ରଖିଥିଲେ । ଅବକାରୀ ଅଧୀକ୍ଷକ ଶ୍ରୀ ଅଶୋକ କୁମାର ଶତପଥୀ କାର୍ଯ୍ୟକ୍ରମର ସଂଚାଳନ କରିଥିଲେ । ଜିଲ୍ଲା କ୍ରୀଡା ଅଧିକାରୀ ଶ୍ରୀ ପୂର୍ଣ୍ଣଚନ୍ଦ୍ର ଜେନା, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଦୀପକ ସାହୁଙ୍କ ସମେତ ଅବକାରୀ ବିଭାଗ ଓ ଅନ୍ୟ ବିଭାଗର ଅଧିକାରୀ, କର୍ମଚାରୀ ଏବଂ ଗଣମାଧ୍ୟମ ପ୍ରତିନିଧିମାନେ ଏଥିରେ ଉପସ୍ଥିତ ଥିଲେ ।

# ଥାନାରେ ପଶି ପୋଲିସ ସବଇନ୍ସପେକ୍ଟରଙ୍କୁ ଆକ୍ରମଣ: ବାପ-ପୁଅ ଗିରଫ




କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡ଼ା ଜିଲ୍ଲାର ନିକିରାଇ ଥାନା କାର୍ଯ୍ୟାଳୟ ମଧ୍ୟରେ ପ୍ରବେଶ କରି ଜଣେ ପୋଲିସ ସବ ଇନ୍ସପେକ୍ଟରଙ୍କୁ ଆକ୍ରମଣ କରାଯାଇଛି । ଏହି ଘଟଣାକୁ ନେଇ ସମଗ୍ର ଜିଲ୍ଲାରେ ଆଲୋଡ଼ନ ସୃଷ୍ଟି ହୋଇଛି। ଏହି ଆକ୍ରମଣରେ ପୋଲିସ ସବ ଇନ୍ସପେକ୍ଟର ସରୋଜ ଦାସ ଆହତ ହୋଇଛନ୍ତି। ଏହି ଘଟଣାକୁ ଆରକ୍ଷୀ ଅଧିକ୍ଷକ ସମ୍ବିତ ସମ୍ପଦ ମଡ଼କର ଗୁରୁତ୍ୱର ସହ ନେଇ ଅଭିଯୁକ୍ତ ବାପ ପୁଅଙ୍କୁ ସଙ୍ଗେ ସଙ୍ଗେ ଗିରଫ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏସ୍‌ପିଙ୍କ ନିର୍ଦ୍ଦେଶରେ ନିକିରାଇ ଥାନାଧିକାରୀ କାଦମ୍ବିନୀ ପରିଡ଼ା ଅଭିଯୁକ୍ତ ରାଜେନ୍ଦ୍ର ଜେନା ଓ ତାଙ୍କ ପୁଅ ସୁଧାଂଶୁ ଜେନାଙ୍କୁ ଗିରଫ ତୁରନ୍ତ କରିଥିଲେ। ସୂଚନା ଅନୁଯାୟୀ ପଲ୍ଲୀ ରଘୁନାଥପୁର ଗ୍ରାମର ରାଜେନ୍ଦ୍ର ଜେନା ଜଳାଶୟ ପୋତି ବ୍ୟବସାୟିକ ପ୍ରତିଷ୍ଠାନ ନିର୍ମାଣ କରିଛନ୍ତି। ଏହାକୁ ସେହି ଗ୍ରାମର ସମାଜସେବୀ ମନୋରଞ୍ଜନ ଜେନା ବିରୋଧ କରି ଓଡିଶା ଉଚ୍ଚ ନ୍ୟାୟାଳର୍ୟରେ ଏକ ମାମଲା ରୁଜୁ କରିଛନ୍ତି। ତେଣୁ ରାଜେନ୍ଦ୍ର ଓ ତାଙ୍କ ପୁଅ ସୁଧାଂଶୁ ମନୋରଞ୍ଜନ ଓ ତାଙ୍କ ବାପା ରାମଚନ୍ଦ୍ରଙ୍କୁ ବହୁବାର ଏ ନେଇ ଆକ୍ରମଣ କରିବା ସହ ଧମକ ଚମକ ମଧ ଦେଇଛନ୍ତି। ମନୋରଞ୍ଜନଙ୍କ ବାପା ରାମଚନ୍ଦ୍ର ଜେନା ଗତ ଶୁକ୍ରବାର ତାଙ୍କ ଘର ପାଚେରୀ କାମ କରୁଥିଲେ। ସେହି ସମୟରେ ହଠାତ ଅଭିଯୁକ୍ତ ରାଜେନ୍ଦ୍ର ଜେନା ଓ ତାଙ୍କ ପୁଅ ସୁଧାଂଶୁ ଜେନା ରାମଚନ୍ଦ୍ରଙ୍କୁ ଆକ୍ରମଣ କରିଥିଲେ। ଖବର ପାଇ ରାମଚନ୍ଦ୍ରଙ୍କ ପୁଅ ମନୋରଞ୍ଜନ ଅଭିଯୋଗ କରିବାକୁ ନିକିରାଇ ଥାନାକୁ ଯାଇଥିଲେ। ଥାନାକୁ କାହିଁକି ଅଭିଯୋଗ କରିବାକୁ ଗଲେ ବୋଲି ଅଭିଯୁକ୍ତ ରାଜେନ୍ଦ୍ର ଓ ତାଙ୍କ ପୁଅ ସୁଧାଂଶୁ ଜେନା ଥାନାକୁ ଯାଇ ମନୋରଞ୍ଜନ ଓ ତାଙ୍କ ବାପା ରାମଚନ୍ଦ୍ରଙ୍କୁ ଥାନା ମଧ୍ୟରେ ଆକ୍ରମଣ କରିଥିଲେ। ଏହି ସମୟରେ ଥାନାରେ ଉପସ୍ଥିତ ଥିବା ସବଇନ୍ସପେକ୍ଟର ସରୋଜ ଦାସ ଅଭିଯୁକ୍ତ ବାପ ପୁଅଙ୍କ ଏଭଳି କାର୍ଯ୍ୟକୁ ବିରୋଧ କରିଥିଲେ। ଫଳରେ ଅଭିଯୁକ୍ତ ବାପ ପୁଅ ସବଇନ୍ସପେକ୍ଟର ଶ୍ରୀ ଦାସଙ୍କୁ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଏହି ଘଟଣା ତ୍ୱରିତ ବେଗରେ ପ୍ରଚାର ହୋଇଗଲା। ଫଳରେ ଅଭିଯୁକ୍ତ ବାପପୁଅଙ୍କୁ ଗିରଫ କରିବା ପାଇଁ ଏସ୍‌ପି ଶ୍ରୀ ମଡ଼କର ଥାନାଧିକାରୀ କାଦମ୍ବିନୀ ପରିଡ଼ାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏସ୍‌ପିଙ୍କ ନିର୍ଦ୍ଦେଶ ପରେ ଅଭିଯୁକ୍ତ ବାପ ପୁଅଙ୍କୁ ଗିରଫ କରାଯାଇ ସେମାନଙ୍କ ବିରୋଧରେ ଦଫା ୩୦୭ ସମେତ ବିଭିନ୍ନ ଫୌଜଦାରୀ ଦଫାରେ ମାମଲା ରୁଜୁ କରାଯାଇ ଉଭୟଙ୍କୁ କୋର୍ଟଚାଲାଣ କରାଯାଇଛି।

## ମଧ୍ୟାହ୍ନ ଭୋଜି ଦେଲେ ନିରଂଜନ

ଭୁବନେଶ୍ୱର (ପିଏନ୍)- ରାଜ୍ୟ, ଜିଲ୍ଲା ଓ ବ୍ଲକସ୍ତରର ସମସ୍ତ କଂଗ୍ରେସ ନେତୃବର୍ଗ ତଥା ପଦାଧିକାରୀଙ୍କ ପାଇଁ ଗ୍ରାଣ୍ଡଲୁମ୍ବିନି କନ୍‌ଭେନସନ୍‌ରେ ପୂର୍ବତନ ପିସିସି ସଭାପତି ତଥା ବରିଷ୍ଠ କଂଗ୍ରେସ ନେତା ଶ୍ରୀଯୁକ୍ତ ନିରଂଜନ ପଟ୍ଟନାୟକ ଏକ ଭବ୍ୟ ମଧ୍ୟାହ୍ନ ଭୋଜନ ଆୟୋଜନ କରିଥିଲେ। ନବନିଯୁକ୍ତ ପିସିସି ସଭାପତି ଶ୍ରୀଯୁକ୍ତ ଶରତ ପଟ୍ଟନାୟକ ସୁର ରାଉତରାୟଙ୍କ ପୁଅ ସିଦ୍ଧାର୍ଥ ରାଉତରାୟଙ୍କୁ ସମ୍ମାନିତ କରିଥିଲେ। ପାଖାପାଖି ୮୦୦ରୁ ଅଧିକ କଂଗ୍ରେସ କର୍ମୀ ଓ ନେତୃମଣ୍ଡଳୀ ମଧ୍ୟାହ୍ନ ଭୋଜନରେ ଯୋଗଦାନ କରିଥିଲେ। ପ୍ରାକ୍ତନ ପିସିସି ସଭାପତି ଶ୍ରୀ ପଟ୍ଟନାୟକ କହିଥିଲେ କଂଗ୍ରେସ ଏକ ପରିବାର ଏବଂ ଏ ପରିବାର ଭିତରେ କିଛି ଅଭାବ ଅସୁବିଧା ଥିଲେ ବାହାରେ କହିବା ପରିବର୍ତ୍ତେ ଘର ଭିତରେ ଆଲୋଚନା କରନ୍ତୁ। କଂଗ୍ରେସର କ୍ଷତି ପହଂଚାନ୍ତୁ ନାହିଁ। ସମସ୍ତେ ବହୁ ପରିଶ୍ରମ କରି କଂଗ୍ରେସକୁ ଫେରାଇବୁ। ଉକ୍ତ ମଧ୍ୟାହ୍ନ ଭୋଜନରେ ଓଡ଼ିଶା ପ୍ରଭାରୀ ସାଂସଦ ଡ. ଏ ଚେଲା କୁମାର, ସହପ୍ରଭାରୀ ଜି. ରୁଦ୍ର ରାଜୁଙ୍କ ସମେତ ବହୁ ବିଧାୟକ, ପୂର୍ବତନ ବିଧାୟକ, ସାଂସଦ ଓ ମନ୍ତ୍ରୀଙ୍କ ସହିତ ବ୍ଲକ, ନଗର, ଜିଲ୍ଲା ସଭାପତିଗଣ, ପିସିସିର ପୂର୍ବତନ ପଦାଧିକାରୀଗଣ ଯୋଗ ଦେଇଥିଲେ।

# ଏଆଇପିଏଲ ତରଫରୁ ଆଜାଦୀ କା ଅମୃତ ମହୋତ୍ସବ ପାଳନ




ଖୋର୍ଦ୍ଧା (ପିଏନ୍): ଖୋର୍ଦ୍ଧା ଜିଲ୍ଲା ଗୋଡ଼ିପଡ଼ାସ୍ଥିତ ଏଆଇପିଏଲ କମ୍ପାନୀ ଦ୍ୱାରା ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଉପଲକ୍ଷେ ଆଜାଦୀ କା ଅମୃତ ମହୋତ୍ସବ ପାଳିତ ହୋଇଯାଇଛି। ଦୃଢ ଇଚ୍ଛାଶକ୍ତି ଓ କର୍ତ୍ତବ୍ୟନିଷ୍ଠା ଯୋଗୁ ଆମ ପୂର୍ବପୁରୁଷ ଭାରତକୁ ୭୫ ବର୍ଷ ତଳେ ସ୍ୱାଧୀନତା ଆଣି ଦେଇଥିଲେ। ସେହିପରି ଆମ୍ଭେମାନେ ଯଦି ପ୍ରତ୍ୟେକ କାର୍ଯ୍ୟକୁ ଗୁରୁତ୍ୱର ସହ ନିର୍ବାହ କରିବା ସବୁ କାର୍ଯ୍ୟରେ ସଫଳତା ପାଇପାରିବା ବୋଲି ଅନୁଷ୍ଠିତ ଆଜାଦୀ କା ଅମୃତ ମହୋତ୍ସବରେ ଯୋଗଦେଇ ବିଶିଷ୍ଟ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏଆଇପିଏଲ ଜେନେରାଲ ମ୍ୟାନେଜର ଶ୍ରୀ ରାମଚନ୍ଦ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଏନଏଚଏଆଇ ଓଡ଼ିଶା ରିଜିଓନାଲ ଅଫିସର ଆର.ପି ପଣ୍ଡା ଯୋଗଦେଇ ଏନଏଚଆଇ ଏକ ପ୍ରକଳ୍ପ ପ୍ରୋଜେକ୍ଟ ନୁହେଁ ଏକ ବ୍ରାଣ୍ଡ ବୋଲି ବିବେଚନା କରିବା ସହ ଏହାର କାର୍ଯ୍ୟକୁ ଏଆଇପିଏଲ ସୁଚାରୁରୂପେ କରିବାରେ ସଫଳ ହୋଇଛି ବୋଲି କହିବା ସହ ସବୁଦିନ ଆଜଦୀ କା ଅମୃତ ମହୋତ୍ସବ ପାଳନ କରିବା କଥା ବୋଲି ମତବ୍ୟକ୍ତ କରିଥିଲେ।

সଂ ଗଚ୍ଛଦ୍ଧ୍ୱଂ ସଂ ବଦଦ୍ଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୨, ଜୁଲାଇ ୨୦

## ଏକ ଦୁଃଖଦ ମୁହୂର୍ତ୍ତରୁ...

# ଶିକ୍ଷାନୀତିରେ ପରିବର୍ତ୍ତନ ଉନ୍ନତିର ପରିପନ୍ଥୀ ନୁହେଁ, ଗୁଣାତ୍ମକ ଶିକ୍ଷାରେ ରାଷ୍ଟ୍ରର ପ୍ରଗତି !



ଶିକ୍ଷା ବିଭାଗର ପରିଚାଳନା ବ୍ୟବସ୍ଥା କିମ୍ବା ଶିକ୍ଷା ପାଠ୍ୟକ୍ରମରେ ସମୟୋପଯୋଗୀ ପରିବର୍ତ୍ତନରେ ଶିକ୍ଷାର୍ଥୀଙ୍କ ଉନ୍ନତି ହେବା ସମ୍ଭାବନା ଖୁବ୍ କମ୍ । ଯେଉଁ ଶିକ୍ଷା ଦିଆଯିବ ତାହାର ଗୁଣାତ୍ମକ ମାନ ଉପରେ ପ୍ରାଧାନ୍ୟତା ଦିଆନଗଲେ କେବଳ ବ୍ୟବସ୍ଥାର ସୌନ୍ଦର୍ଯ୍ୟ ବୃଦ୍ଧି ହେବା ଛଡା ରାଷ୍ଟ୍ରର ପ୍ରଗତି ଅସମ୍ଭବ । ଆମ ଦେଶରେ ପ୍ରଚଳିତ ଶିକ୍ଷା ବ୍ୟବସ୍ଥାରେ ଏତେ ବେତାଳତା ପରିଲକ୍ଷିତ ହୁଏଯେ ଶିକ୍ଷାର୍ଥୀଙ୍କ ଶୈକ୍ଷିକତାରେ କୌଣସି ସାମଞ୍ଜସ୍ୟତା ଅନ୍ତର କରିବା ଅସମ୍ଭବ । ବିଭିନ୍ନ ପ୍ରକାର ଶିକ୍ଷା ବ୍ୟବସ୍ଥା ମଧ୍ୟରେ କେଉଁ ଶିକ୍ଷାର ମାନ କେତେ ନିରୂପଣ କରିବା କଷ୍ଟକର । ବ୍ରିଟିଶମାନଙ୍କ ଦ୍ୱାରା ପ୍ରଚଳିତ ଆଇନ ଏବଂ ସେହି ଆଇନରେ ଉପସ୍ଥିତ କ୍ଷମତାଧାରୀମାନଙ୍କ ଅବଶ୍ୟକ/ବିଚାରଧାରାକୁ ନେଇ ସମୟୋପଯୋଗୀ ପରିବର୍ତ୍ତନ କରିପାରିବା କ୍ଷମତା ମାଧ୍ୟମରେ କେଉଁପ୍ରକାର ଶିକ୍ଷାକୁ କେତେ ପ୍ରାଧାନ୍ୟ ଦିଆଯିବ ନିର୍ଦ୍ଧାରଣ କରାଯାଇଥାଏ ଯାହାର ବାସ୍ତବତା ଗଣେଶ, ସରସ୍ୱତୀ କି ବ୍ରହ୍ମା ମଧ୍ୟ ବୁଝିପାରିବେ ନାହିଁ! ଆଉ ଆମେ ତ' ସାଧାରଣ ମଣିଷ ମାତ୍ର ।

ସ୍ଥଳବିଶେଷକୁ ନେଇ ଯାହାର ଯାହା ଆବଶ୍ୟକ ତଦନୁଯାୟୀ ଶିକ୍ଷାନୀତି ପ୍ରଣୟନ କରାଯାଇ ପୁଣି କେତେକ କ୍ଷମତାଧାରୀ ମଣିଷଙ୍କ ଜରିଆରେ ବିଭିନ୍ନ ଅନୁମତି/ଅନୁମୋଦନ ପ୍ରଦାନପୂର୍ବକ କୌଣସି ଗୋଟିଏ ଧାରାର ଶିକ୍ଷା ଉପରେ ଏତେ ଭିନ୍ନତା ପରିଲକ୍ଷିତ ହେଉଛି ଆମ ଶିକ୍ଷା ବ୍ୟବସ୍ଥାରେ ଯେ ସେଗୁଡିକୁ ସହଜରେ ବୁଝିହେବ ନାହିଁ । କହିବାକୁ ଗଲେ ଏକ ପ୍ରକାର ବ୍ୟବସାୟିକ ପଦ୍ଧତିରେ ଶିକ୍ଷା ବ୍ୟବସ୍ଥା ଚାଲୁଛି ଆମ ଦେଶରେ ଯାହା କେବଳ ବ୍ୟବସ୍ଥାର ନିୟମକୁ ପୁରା କରୁଥିଲେ ମଧ୍ୟ ଶିକ୍ଷାର ମାନ ଉପରେ କୌଣସି ପ୍ରାଧାନ୍ୟ ରଖିନଥାଏ । ତେଣୁ ଶିକ୍ଷାନୁଷ୍ଠାନ/ଶିକ୍ଷାର୍ଥୀ ମଧ୍ୟ ସେହି ବ୍ୟବସ୍ଥାର ନିୟାମକ ମଧ୍ୟରେ ପରିଚାଳିତ ହୋଇ ସୁବିଧା, ସୁଯୋଗ ଦେଖି ମନମୁତାବକ କାର୍ଯ୍ୟ ହାସଲ କରିବା ଦିଗରେ କୃତକାର୍ଯ୍ୟ ହୋଇଥା'ନ୍ତି କିଛି ଅସାଧୁ କର୍ମଚାରୀ/ଅଧିକାରୀଙ୍କ ସ୍ୱାର୍ଥକୁ ପୁରା କରି ଯାହା ଆମେ ସମସ୍ତେ ଜାଣୁ !

ଶିକ୍ଷାର୍ଥୀମାନଙ୍କ ପ୍ରାଧାନ୍ୟ ରହିଥାଏ ଭଲ ନମ୍ବର ରଖି ପ୍ରମାଣପତ୍ରଟିଏ ପାଇଗଲେ ସେହି ପ୍ରମାଣପତ୍ରକୁ ବିନିଯୋଗ କରି କୌଣସି ସ୍ଥାନରେ ନିୟୋଜିତ ହୋଇ ଉଚ୍ଚା ଦରମା ସାଙ୍ଗକୁ କିଛି ଅନୈତିକ ଅର୍ଥ ଆଦାୟ କରିପାରିଲେ ଜୀବନ ସାର୍ଥକ ହେବ । ପ୍ରତ୍ୟେକ ବାପା ମା' ମଧ୍ୟ ଅନୁରୂପ ଚେତନାରେ ଅଭିଷିକ୍ତ ଆମ ଦେଶର ଏହା ଏକ ସାଧାରଣ ଚରିତ୍ରରେ ପରିଣତ । ଶିକ୍ଷାର ପ୍ରକୃତ ମୂଲ୍ୟ କେହି ବୁଝନ୍ତି ନାହିଁ କି ବୁଝିବା ଆବଶ୍ୟକତା ରହୁନଥିବା ଏକ ଦୁଃଖଦ ପରିସ୍ଥିତି ଆଜିର ଏହି ସ୍ୱାର୍ଥାନ୍ୱେଷୀ ସମାଜରେ । ସମସ୍ତେ କେବଳ କୌଣସିମତେ ପ୍ରମାଣପତ୍ର ଯୋଗାଡ଼ କରିବାରେ ବ୍ୟସ୍ତ ଯେଉଁମାନେ ପରବର୍ତ୍ତୀ ସମୟରେ ନିଜେ ଅର୍ଜନ କରିଥିବା ଶିକ୍ଷାର ହିଁ ମୂଲ୍ୟବୋଧତା ପ୍ରମାଣିତ କରିବାରେ ଅକ୍ଷମ ଥାଇ ଯାଙ୍କୁ, ତାଙ୍କୁ ପଚାରି ବୁଝି ଏକ ଉଚ୍ଚ ସ୍ଥାନରେ ଅଧିକାରୀ ଭାବେ ନିୟୋଜିତ ହୋଇ କାର୍ଯ୍ୟ ଭାର ତୁଲାଉଛନ୍ତି ପ୍ରାୟତଃ ସମସ୍ତ କ୍ଷେତ୍ରରେ ଯାହା କହିବା ଆବଶ୍ୟକ ନାହିଁ, ବରଂ ନିଜକୁ ନିଜେ ପଚାରି ବୁଝି ସେମାନେ ସଠିକ ଆକଳନ କରିପାରୁଥିବେ କଥାଟିର ସତ୍ୟତା କେତେ । ଏହିଭଳି ପ୍ରାୟତଃ ସବୁ ସ୍ଥାନରେ ନିୟୋଜିତ ଆମ ଦେଶର ପ୍ରାୟ ସମସ୍ତ କର୍ମଚାରୀଙ୍କୁ ପୁନଃ ପରୀକ୍ଷା କରି ଦେଖିଲେ ୯୦ ପ୍ରତିଶତରୁ ଅଧିକ କର୍ମଚାରୀ ବିଫଳ ହେବେ ସେମାନଙ୍କ ଦକ୍ଷତା ପ୍ରତିପାଦନ କରିବା ପାଇଁ ଯେଉଁକାର୍ଯ୍ୟ ପାଇଁ ସେମାନେ ନିୟୋଜିତ । ତଥାପି ଆମ ଦେଶ ଚାଲିଛି, ଆଗକୁ ଚାଲିବ ମଧ୍ୟ । କିନ୍ତୁ ପ୍ରଗତିର ପଥ ପ୍ରତିକୂଳରେ ଯାହା ଆମେ ବର୍ତ୍ତମାନ ଦେଖୁଛେ, ଅନୁଭବ କରୁଅଛେ ।

ପ୍ରକୃତ ଗୁଣାତ୍ମକ ଶିକ୍ଷା ମଣିଷକୁ ପାରିପାର୍ଶ୍ୱିକ ଅବସ୍ଥିତି ତଥା ଆବଶ୍ୟକ ମୁତାବକ ସାମାଜିକ ବ୍ୟବସ୍ଥା ଉପରେ ଜ୍ଞାନ ପ୍ରଦାନ ପୂର୍ବକ ମାନବୀୟ ଚାରିତ୍ରିକ ବିଚାରଧାରା ଏବଂ ସାମାଜିକ ବ୍ୟବସ୍ଥାର ରୂପରେଖ ବିଷୟରେ ଅବଗତ କରାଇଥାଏ । ସେହି ସାମାଜିକ ଜ୍ଞାନ ପାଇବା ପରେ ଶିକ୍ଷାର୍ଥୀ ପୁନଃ ନିଜର ଗବେଷଣାତ୍ମକ କ୍ଷମତା ବୃଦ୍ଧି କରି ନୂତନ ଅଶାର କିରଣ ଦିଗକୁ ନିଜକୁ ପରିଚାଳିତ କରି ଅନେକ ନୂତନ ଉଦ୍ଭାବନ/ଆବିଷ୍କାର କରି ସମାଜକୁ ଅଧିକ କିଛି ପ୍ରଦାନ କରିବା ଲକ୍ଷ୍ୟ ରଖାଯାଇଥାଏ ! ସେମିତି ବିଚାରଧାରାରେ ପ୍ରଚଳିତ ଶିକ୍ଷା ବ୍ୟବସ୍ଥା ରାଷ୍ଟ୍ରକୁ ନୂତନ ଆଲୋକ ପ୍ରଦାନ କରି ରାଷ୍ଟ୍ରର ବିକାଶ କରିପାରିବ ଯାହା ଆମ ସମାଜରେ ତାହାର ବିପରୀତେ କାର୍ଯ୍ୟ ଚାଲୁଥିବା କାହାକୁ ଅଗୋଚର ନୁହେଁ । ତେଣୁ ଆମେ ଆଜିପର୍ଯ୍ୟନ୍ତ କୌଣସି ଗବେଷଣାତ୍ମକ କ୍ଷେତ୍ରରେ କୃତକାର୍ଯ୍ୟ ହୋଇନଥିବା ସ୍ୱୀକାର୍ଯ୍ୟ । ଆମ ଦେଶର ଶିକ୍ଷାର୍ଥୀ କେବଳ ପ୍ରମାଣପତ୍ର ପାଇ ଉତ୍ତମ ଚାକିରିଟିଏ କରିବା ଲକ୍ଷ୍ୟ ରଖିଥିବା ଛଡା, ଶିକ୍ଷାର ପ୍ରକୃତ ସଦୁପଯୋଗ କରିବା ଜାଣନ୍ତି ନାହିଁ କି ସେମାନେ ଜାଣିବାର କିଛି ସୁଯୋଗ ନଥିବା ଏକ ବ୍ୟାପକ ଦୁଃଖଦ ପରିସ୍ଥିତି !

ଶିକ୍ଷାନୀତିରେ ପରିବର୍ତ୍ତନ କରାଯିବା ଲକ୍ଷ୍ୟ ପ୍ରଥମେ କେବଳ ଗୁଣାତ୍ମକ ମାନର ଶିକ୍ଷା ଉପରେ ଆଧାରିତ ହୋଇ ପରବର୍ତ୍ତୀ ଲକ୍ଷ୍ୟ ଅନୁଶାସନ ସୁଧାର ଉପରେ ନହେଲେ ଆଗକୁ କେବଳ ମିଥ୍ୟା ପ୍ରତିଭାଧାରୀ ଯୋଗାଡ଼ିଆ ପ୍ରମାଣପତ୍ର ପ୍ରାପ୍ତ ଶିକ୍ଷିତଙ୍କୁ ନେଇ ଦେଶରେ ପ୍ରଗତି ହେବ କି ଦୁର୍ଗତି ବିଚାର କରନ୍ତୁ ସୃଜନେ । ଗୋଟିଏ ସଭ୍ୟ ସମାଜର ମୂଳ ଆଧାର ଶିକ୍ଷା ଉପରେ ଯଥେଷ୍ଟ ପ୍ରାଧାନ୍ୟ ଦେଇ ସର୍ବସାଧାରଣ ତାହାରି ଉପରେ ପ୍ରସ୍ତାବ ଦେଇ ସରକାରଙ୍କୁ ଅବଗତ କରାଇବା ଏକାନ୍ତ ଆବଶ୍ୟକ । ନହେଲେ ବ୍ୟବସ୍ଥାରେ ଉପଲବ୍ଧ ସୁଯୋଗକୁ ନେଇ ନିଜ ବଂଶଜମାନଙ୍କୁ ମିଥ୍ୟା ପ୍ରମାଣପତ୍ର ଯୋଗାଡ଼ କରି ଉଚ୍ଚସ୍ଥାନିତ କରାଇବା ଲକ୍ଷ୍ୟ ରଖି ଚାଲିଲେ ଆସନ୍ତା ଭବିଷ୍ୟତରେ ମେହେଙ୍କାଳ ଫଳ ସଦୃଶ ମଣିଷଗୁଡିଏ ଜାତ ହୋଇ ଦେଶକୁ ନିମ୍ନଗାମୀ କରିବା ଛଡା କୌଣସି ଉନ୍ନତି, ପ୍ରଗତିର ଧାରା ଅସମ୍ଭବ ହୋଇପଡିବ ବୋଲି ଆମ ବିଚାରରେ ଆପଣଙ୍କ ମତବ୍ୟକ୍ତ କରିବେ ବୋଲି ଆଶା !

**ପଙ୍କଜ କୁମାର ପାଣିଗ୍ରାହୀ,** ସୋସିଆଲ ଫୋରମ (ଭାରତ), ଛତ୍ରପୁର, ଗଞ୍ଜାମ। ଦୂରଭାଷ.: ୯୪୩୭୩୨୪୯୧୭

## ଆଜିର ଅନୁଚିନ୍ତା

ପ୍ରତିଦିନ କିଛି କିଛି ଅଧ୍ୟୟନ ଓ ଅନୁଶୀଳନ କରୁଥିବା ବ୍ୟକ୍ତିଠାରୁ ଅଜ୍ଞାନତା କ୍ରମଶଃ ଦୂରେଇ ଯାଏ ।

ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।

E-mail: editorpbkc@gmail.com
9853400829 (M), Fax: 0674-2550504



# ଭାରତର ବନ୍‌ଜାରା ଇଉରୋପରେ ରୋମା

ସୌମେନ୍ଦ୍ର ଜେନା



ଅନେକ ସମୟରେ ଆମେ ଯାଯାବର ସମାଜର ଲୋକମାନଙ୍କୁ ଭିନ୍ନ ଭିନ୍ନ ସ୍ଥାନରେ ଦେଖିବାକୁ ପାଉ, ଯେଉଁମାନଙ୍କୁ ହିନ୍ଦୀରେ ବନ୍‌ଜାରା ବୋଲି କୁହାଯାଇଥାଏ । ଏମାନେ କେବଳ ଭାରତରେ ଯେ ଦେଖାଯାଆନ୍ତି ତା' ନୁହେଁ, ଏମାନେ ଅତୀତରେ ଭାରତରୁ ପାରସ୍ୟ, ଆରବ ଜଗତ ଦେଇ ଇଉରୋପ ପର୍ଯ୍ୟନ୍ତ ମାଡିଛନ୍ତି । ଉତ୍ତର ଭାରତରୁ ବାହାରିଥିବା ବନ୍‌ଜାରା ଲୋକେ ଅନେକ ଶହ ବର୍ଷ ପୂର୍ବେ ଇଉରୋପର ବୁଲଗେରିଆ, ରୋମାନିଆ, ୟୁକ୍ରେନ, ସ୍ଲୋଭାକିଆ, ସ୍ପେନ, ସମେତ ଅନେକ ଦେଶରେ ଏବେ ବସବାସ କରୁଛନ୍ତି । ତେବେ ରାଜସ୍ଥାନର ଡେରାଇଁରୁ ଖ୍ରୀ ୧୧୯୨ରେ ବିଦେଶକୁ ଯାଇଥିବା ରୋମାଙ୍କର ତଥ୍ୟ ମିଳିଛି । ସେମିତି ୟୁକ୍ରେନରେ ବସବାସ କରୁଥିବା ଏହି ଗୋଷ୍ଠୀର ଲୋକେ ପ୍ରାୟ ୧୦୦୦ବର୍ଷ ପୂର୍ବେ ସେଠାରେ ବସବାସ କରୁଥିବାର ଜଣାଯାଏ । ସେଠାକାର ରୋମା ଲୋକ ଭାରତୀୟ ନାମ ରଖୁଥିବା ଏବଂ ହିନ୍ଦୀ ସିନେମାର ସଙ୍ଗୀତକୁ ଭଲପାଉଥିବା ଦେଖାଯାଇଥାଏ ।



ପାରସ୍ୟର ପ୍ରସିଦ୍ଧ କବି ଫିରଦୌସ ନିଜେ ଜଣେ ବନ୍‌ଜାରା ଥିବା ଜଣାଯାଏ । ଶାହନାମା ପାଇଁ ପ୍ରସିଦ୍ଧ ଏହି ଇରାନୀ କବି ନିଜର ମୂଳ ହିନ୍ଦୁସ୍ଥାନର ବୋଲି କହୁଥିଲେ । ଇରାନ ଶାସକ ଶାହଙ୍କ ଅନୁରୋଧକ୍ରମେ କଳା ଓ ସଙ୍ଗୀତର ପ୍ରସାର ପାଇଁ ଭାରତର କନୌଜରୁ ୧୨୦୦୦ ସଂଗୀତ ଶିଳ୍ପୀଙ୍କୁ ଅତୀତରେ ସେଠାକୁ ପଠାଯାଇଥିବାର ସୂଚନା ମିଳୁଛି । ପରବର୍ତ୍ତୀ କାଳରେ ଏମାନଙ୍କ ମଧ୍ୟରୁ କେତେକ ମିଶର, ତୁର୍କୀରେ ବସବାସ କରିବା ସହ ଇଉରୋପରେ ପ୍ରବେଶ କରିଥିଲେ । ସେଠାରେ ଏମାନଙ୍କ ନାମ ଜିପ୍‌ସୀ ରହିଲା । ଭାରତରେ ଏମାନେ ଯେପରି ଅନେକ ସୁବିଧାରୁ ବଞ୍ଚିତ ରହିଛନ୍ତି, ଇଉରୋପର ଅନେକ ଦେଶରେ ଏମାନେ ମଧ୍ୟ ସେହିପରି ସମାନ ଅବସ୍ଥାରେ ରହିଛନ୍ତି । ଜିପ୍‌ସୀ ବା ରୋମା ଲୋକଙ୍କ ପ୍ରତି ସାଧାରଣ ଲୋକଙ୍କ ମନରେ ଭଲଧାରଣା ରହିନାହିଁ । ଏମାନଙ୍କୁ ସମସ୍ତେ ସନ୍ଦେହୀ ଦୃଷ୍ଟିରେ ଦେଖିବା ସହ ଅପରାଧୀ ସଦୃଶ ବ୍ୟବହାର ଦେଖାଇଥାନ୍ତି ।

ଭାରତର ଭିନ୍ନ ଭିନ୍ନ ପ୍ରଦେଶରେ ବନ୍‌ଜାରା ବର୍ଗର ଲୋକେ ରହିଥିବା ଜଣାଯାଏ । କିନ୍ତୁ ଏମାନଙ୍କ ମଧ୍ୟରୁ ଅଧିକ ସଂଖ୍ୟକ ଗୁଜରାଟ, ରାଜସ୍ଥାନ, ପଞ୍ଜାବର ସୀମାନ୍ତ ଅଞ୍ଚଳରେ ଦେଖାଯାଇଥାନ୍ତି । ଏମାନଙ୍କୁ ରାଜସ୍ଥାନରେ କାଲବେନିୟାଁ କୁହାଯାଇଥାଏ । ମରୁଭୂମି ଅଞ୍ଚଳରେ ଏମାନେ ଅଧିକ ସଂଖ୍ୟାରେ ବସବାସ କରିଥାନ୍ତି । ଓଡିଶାର ସାପୁଆ କେଳାଙ୍କ ପରି ଏମାନେ ରାଜସ୍ଥାନରେ ସାପୁଆକେଳା ଭାବେ ପରିଚିତ । କାଳ ବା ସର୍ପ ରଖୁଥିବା ଲୋକେ କାଲ୍‌ବେନିୟାଁ ଭାବେ ପରିଚିତ । ଏମାନେ ସୁନ୍ଦର ବେଶ ପୋଷାକ ପିନ୍ଧିବା ସହ ବାଦ୍ୟ ଓ ସଙ୍ଗୀତପ୍ରିୟ । ଛୋଟରୁ ବଡଯାଏ ସମସ୍ତେ ବାଦ୍ୟ ସଙ୍ଗୀତରେ ସାମିଲ ହୋଇଥାନ୍ତି । ମହିଳାମାନେ ନୃତ୍ୟରେ ପାରଦର୍ଶିତା ପ୍ରଦର୍ଶନ କରିବା ସମୟରେ ପିଲା ଓ ବୟସ୍କ ପୁରୁଷଗଣ ବାଦ୍ୟ ଏବଂ ସଙ୍ଗୀତରେ ଅଧିକ ସାମିଲ ଥା'ନ୍ତି । କେତେକ ଲୋକ ପାରମ୍ପରିକ ଔଷଧ ମାଧ୍ୟମରେ ଚିକିତ୍ସା ମଧ୍ୟ କରିଥା'ନ୍ତି । ପରିବାର ମଧ୍ୟରେ ଯୁଗଯୁଗଧରି ଏହି ଧାରା ଆଜିଯାଏଁ ଚଳିଆସିଛି । ବର୍ଷାସାରା ଦେଶ ତମାମ ବୁଲିବୁଲି ଭିନ୍ନ ଭିନ୍ନ ସ୍ଥାନରେ ସୁନ୍ଦର ହସ୍ତଶିଳ୍ପ ପୋଷାକପତ୍ର ଆଦି ଏମାନେ ବିକ୍ରୀ କରିଥାନ୍ତି । ଲୋକ ସଙ୍ଗୀତ କ୍ଷେତ୍ରରେ ଏମାନଙ୍କ ଦକ୍ଷତା ଅତୁଳନୀୟ ।

ଭାରତରେ ଦେଖାଯାଉଥିବା ଯାଯାବର ଲୋକେ ଗୋର, ନାୟକ ଏବଂ ଲମ୍ବାଡି ନାମରେ ମଧ୍ୟ ପରିଚିତ । ଏମାନଙ୍କ ମୂଳସ୍ଥାନ ମେବାଡିରୁ (ରାଜସ୍ଥାନ) ହୋଇଥିବା କଥା କୁହାଯାଇଥାଏ । ଇଂରେଜମାନଙ୍କ ଶାସନ କାଳରେ ଏମାନଙ୍କୁ ଦେଶର ପ୍ରଶାସନ ସଂକୀର୍ଣ୍ଣ ଦୃଷ୍ଟି ନେଇ ଦେଖୁଥିଲା । ୧୮୭୧ରେ ଅପରାଧୀ ବନବାସୀ ଆଇନ ଅଣାଯାଇ ସେମାନଙ୍କୁ ସନ୍ଦେହପୂର୍ଣ୍ଣ ଦୃଷ୍ଟିରେ ବ୍ରିଟିଶ୍ ପ୍ରଶାସନ ଦେଖିଲା ।। ଇଂରେଜଙ୍କ ଶାସନ ସମୟରେ ସେମାନଙ୍କୁ ସଂକୁଚିତ କରିବାକୁ ସେମାନଙ୍କ ରୋଜଗାରକୁ ସୀମିତ କରାଯିବା ଉଦ୍ୟମ ହୋଇଥିଲା । ସ୍ୱାଧୀନତା ପରବର୍ତ୍ତୀ କାଳଯାଏଁ ବନଜାରାମାନଙ୍କୁ ଅପରାଧୀ ଭାବେ ଗଣାଯାଉଥିଲା । ଆଇନକୁ ରଦ୍ଦ କରାଯିବା ପରେ ଯାଇ କିଛିଟା ପରିବର୍ତ୍ତନ ଆସିଥିଲା । ଦେଶର ଆନ୍ଧ୍ରପ୍ରଦେଶ, ବିହାର, ମଧ୍ୟପ୍ରଦେଶ, ହିମାଚଳ ପ୍ରଦେଶ, ଗୁଜୁରାଟ, ତାମିଲନାଡୁ, ମହାରାଷ୍ଟ୍ର, କର୍ଣ୍ଣାଟକ, ଓଡିଶା ଆଦି ରାଜ୍ୟରେ ବନ୍‌ଜାରାଙ୍କ ସଦୃଶ କେତେକ ବନବାସୀ ବର୍ଗ ରହିଛନ୍ତି । ଦେଶରେ ଏମାନଙ୍କ ସଂଖ୍ୟା ପ୍ରାୟ ୧୨କୋଟି ୧୦ଲକ୍ଷ ହେବ ବୋଲି ୨୦୨୦ର ହିସାବରୁ ଜଣାପଡିଛି । ଏମାନେ ପରିବହନକାରୀ, ବ୍ୟବସାୟୀ, ଘୋଡା ଏବଂ ଓଟମାଲିକ ରହିଥିଲେ । ପାହାଡିଆ ଅଞ୍ଚଳରେ ଏମାନେ ଗଧ ସାହାଯ୍ୟରେ ଏବଂ ମରୁଭୂମିରେ ଓଟ ସହାୟତାରେ ପରିବହନ କାର୍ଯ୍ୟ କରୁଥିଲେ । ଇଂରେଜସେନା ଏମାନଙ୍କୁ ପରିବହନ କାର୍ଯ୍ୟରେ ଲଗାଇଥିଲା । ୧୭୯୦ ବେଳକୁ ମରାଠାମାନଙ୍କ ବିରୋଧରେ ଇଂରେଜମାନେ ଯେଉଁ ଅଭିଯାନ ଚଳାଇଥିଲେ ସେଥିରେ ବନଜାରାଙ୍କୁ ଉପଯୋଗ କରିଥିଲେ ।

ବନ୍‌ଜାରାମାନଙ୍କର ଭାଷା ଗୌର ବୋଲି (ଲମ୍ବାଡି, ବନଜାରୀ) ଥିଲାବେଳେ ଲିପି ଦେବନାଗରୀରେ ଲେଖାଯାଇଥାଏ । ପ୍ରଦେଶ ଭେଦରେ ଏମାନଙ୍କ ଭାଷା ଭିନ୍ନ ଭିନ୍ନ ହୋଇଥାଏ । ସଂଗୀତ ଏବଂ ନୃତ୍ୟରେ ନିପୁଣ ହୋଇଥିବା ହେତୁ ଏହି ସମାଜର ମହିଳାମାନେ ହସ୍ତକଳା ସଂପନ୍ନ ରଙ୍ଗବେରଙ୍ଗର କଞ୍ଚାଲି (ବ୍ଲାଉଜ) ଏବଂ ଫେଟିୟା (ସ୍କର୍ଟ) ପିନ୍ଧିଥାନ୍ତି । ପୁରୁଷମାନେ ଧୋତି ପଞ୍ଜାବୀ ସହ ମୁଣ୍ଡରେ ପଗଡି ଭିଡିଥାନ୍ତି । ପୋଷାକରେ ମୁଦ୍ରା, ଦର୍ପଣ, ସୁନ୍ଦର ମାଳି ଆଦି ଲଗାଇ ମହିଳାଙ୍କ ପୋଷାକ ତିଆରି ହୋଇଥାଏ । କର୍ଣ୍ଣାଟକ ପ୍ରଦେଶର ସାନ୍ଦୁର ଲମ୍ବାନି ସିଲାଇ ପୋଷାକକୁ ଜିଆଇ ଟ୍ୟାଗ ମିଳିଛି । ଶ୍ରାବଣ ମାସରେ ତୀଜ ଏମାନଙ୍କର ସବୁଠୁ ବଡ ପର୍ବ । ଏହି ସମୟରେ ଅବିବାହିତା ବନଜାରା ଝିଅ ଭଲ ସ୍ୱାମୀ ପାଇବାକୁ ପ୍ରାର୍ଥନା କରିଥାଏ । ଘୁମର ଏବଂ ଚରୀ ନୃତ୍ୟ ଏମାନଙ୍କ ପାରମ୍ପରିକ ନୃତ୍ୟ । ଏମାନଙ୍କର ଅନ୍ୟ ଏକ ଗୋଷ୍ଠୀ ଦଧିସ ବା ଗଜୁଗୋନିଆ ରହିଛି, ଯେଉଁମାନେ ଗ୍ରାମକୁ ଗ୍ରାମ ବୁଲି ସଂଗୀତ ଗାନ କରିଥାନ୍ତି, ହାତରେ ସାରଙ୍ଗୀ ଧରିଥାନ୍ତି । ଏମାନଙ୍କ ଦେବାଦେବୀଙ୍କ ମଧ୍ୟରେ ବାଲାଜୀ, ଜଗଦମ୍ବା ଦେବୀ, ଭବାନୀ, ରେଣୁକାମାତା, ହନୁମାନ ଆଦି ରହିଥାନ୍ତି । ସେବାଲାଲ ବା ସେବା ଭାୟା ଥିଲେ ଏହି ସମାଜର ଜଣେ ପରିଚିତ ସନ୍ଥ ଯିଏ ୧୫ ଫେବୃଆରୀ ୧୭୩୯ରେ ଜନ୍ମଲାଭ କରି ୪ ଡିସେମ୍ବର ୧୮୦୬ରେ ଦେହତ୍ୟାଗ କରିଥିଲେ । ଏମାନେ ବର୍ଷସାରା ଯାଯାବର ଜୀବନଯାପନ କରୁଥିଲେ ହେଁ ଜୁନ-ଅଗଷ୍ଟ ମଧ୍ୟରେ ନିଜ ଗ୍ରାମରେ ଥରେ ଏକାଠି ହୋଇଥା'ନ୍ତି । ଗ୍ରାମରେ ବୟସ୍କ ଲୋକେ ସବୁ ସମୟରେ ରହିଥା'ନ୍ତି ।



ଉତ୍ତର ଭାରତରୁ ଯାଇ ଇଉରୋପରେ ବସବାସ କରୁଥିବା ଯାଯାବର ବା ବନଜାରା ଲୋକେ ସେସବୁ ଦେଶରେ ରୋମା (ରୋମାନୀ) ଭାବେ ପରିଚିତ । ଏମାନଙ୍କ ମଧ୍ୟରୁ ରୋମାନିଆରେ ୧୮ ଲକ୍ଷ ୫୦ ହଜାର, ୟୁକ୍ରେନରେ ୨ଲକ୍ଷ ୬୦ହଜାର, ଫ୍ରାନ୍ସରେ ୧୨ଲକ୍ଷ, ବୁଲଗେରିଆରେ ସାଢେ ସାତଲକ୍ଷ, ଗ୍ରୀସରେ ତିନିଲକ୍ଷ, ତୁର୍କୀରେ ୨୮ ଲକ୍ଷ, ମଣ୍ଟେନିଗ୍ରୋରେ ୨୦ହଜାର ରୋମାନୀ ବସବାସ କରୁଛନ୍ତି । ଏହାଛଡା କାନାଡାରେ ୮୦ହଜାର, ଲାଟାଭିଆରେ ୧୩ହଜାର, ବେଲାରୁଷରେ ୪୭ହଜାର, ଆଲବାନିଆରେ ଦେଢଲକ୍ଷ, ଚେକ୍ ଗଣରାଜ୍ୟରେ ଅଢେଇ ଲକ୍ଷ, ଅଷ୍ଟ୍ରିଆରେ ୨୫ହଜାର, ଫିନ୍‌ଲାଣ୍ଡରେ ୧୨ହଜାର, ମାଲଡୋଭାରେ ଲକ୍ଷେ ୭୧ ହଜାର, ବୋସନିଆରେ ୫୮ହଜାର, କ୍ରୋଏସିଆରେ ୩୫ହଜାର, ପୋଲାଣ୍ଡରେ ୩୩ହଜାର, ଆୟର୍ଲାଣ୍ଡରେ ୩୮ହଜାର, କୋସୋଭୋରେ ୩୬ହଜାର, ଅଷ୍ଟ୍ରିଆରେ ୫୦ହଜାର, ନେଦରଲାଣ୍ଡରେ ୪୦ହଜାର, ସ୍ୱିଡେନରେ ଏକଲକ୍ଷ, ନର୍ଥ ମାସିଡୋନିଆରେ ୧ଲକ୍ଷ ୯୭ ହଜାର, ଇରାନରେ ଏକଲକ୍ଷ ଦଶ ହଜାର, ସ୍ଲୋଭାକିଆରେ ପାଞ୍ଚଲକ୍ଷ, ଜର୍ମାନୀରେ ଏକ ଲକ୍ଷ, ଇଟାଲୀରେ ୧ଲକ୍ଷ ୮୦ ହଜାର, ସର୍ବିୟାରେ ୬ଲକ୍ଷ, ରୁଷିଆରେ ୮ଲକ୍ଷ୨୫ହଜାର ବ୍ରିଟେନରେ ୨ ଲକ୍ଷ ୨୫ହଜାର, ହଙ୍ଗେରୀରେ ୮ଲକ୍ଷ ୭୦ ହଜାର, ସ୍ପେନରେ ୧୫ଲକ୍ଷ, ବ୍ରାଜିଲରେ ୮ଲକ୍ଷ, ଆମେରିକାରେ ୧୦ଲକ୍ଷ ରୋମାନୀ ବସବାସ କରୁଛନ୍ତି । ଏମାନଙ୍କ ପୂର୍ବପୁରୁଷ ଉତ୍ତର ଭାରତର ହରିୟାଣା, ପଞ୍ଜାବ, ରାଜସ୍ଥାନ ଆଦି ରାଜ୍ୟରେ ବସବାସ କରୁଥିଲା ବେଳେ ଏକ ହଜାର ବର୍ଷ ପୂର୍ବେ ମାମୁଦର ସେନା ସେମାନଙ୍କୁ ବାସଚ୍ୟୁତ କରିବାରୁ ସେମାନେ ଦେଶଛାଡି ଚାଲିଯାଇଥିଲେ । ଇଉରୋପରେ ଏମାନେ ରୋମା, ସିଣ୍ଟି, କାଲେ, ମାନୁଷ ଆଦି ଭିନ୍ନ ଭିନ୍ନ ନାମରେ ପରିଚିତ । ୧୭୬୩ରେ ହଙ୍ଗେରୀର ଜଣେ ଗବେଷକ ଛାତ୍ର ଷ୍ଟିଫାନ୍ ଭାଲୟୀ ପ୍ରଥମେ ତିନିଜଣ ଭାରତୀୟ ଛାତ୍ରଙ୍କ ଭାଷାକୁ ଅଧ୍ୟୟନ କରି ତାହା ହଙ୍ଗେରୀର ରୋମାଲୋକଙ୍କ ସହ ମିଳୁଥିବା ଏବଂ ରୋମାନୀଙ୍କ ଶବ୍ଦାବଳୀ ସଂସ୍କୃତ ସହ ଖାପ ଖାଉଥିବାର ଜାଣିବାକୁ ପାଇଥିଲେ । ଏମାନଙ୍କ ସଂପର୍କରେ ୧୧ଶ ଶତାବ୍ଦୀରେ ଗ୍ରୀସର ମାଉଣ୍ଟ ଏଥସରେ ଜଣେ ଧର୍ମଗୁରୁ ଲେଖିଥିଲେ । ୧୪୧୭ରେ ଜର୍ମାନୀର ହାମ୍‌ବର୍ଗଠାରେ କେତେକ ଅଧିକାରୀ ଏମାନଙ୍କୁ ଦେଖିଥିବା କଥା ଉଲ୍ଲେଖ କରିଥିଲେ । ୧୪୨୫ରେ ବାର୍ସିଲୋନା, ସ୍ପେନରେ ଲୋକେ ରୋମାନୀଙ୍କୁ ଦେଖିଥିବାର ଲେଖିଥିଲେ । ଖ୍ରୀ. ୧୫୦୦ ବେଳକୁ ରୋମାନୀମାନେ ଇଂଲଣ୍ଡ, ସ୍କଟଲାଣ୍ଡ, ସ୍ୱିଡେନରେ ବସବାସ କରୁଥିବା ଦେଖାଯାଇଥିଲା । ରୋମାନୀମାନେ ଦେଶ ସ୍ଥଳରେ ସ୍ଥାନୀୟ ଧର୍ମକୁ ଆପଣାର ସୁରକ୍ଷା ପାଇଁ ଗ୍ରହଣ କଲେ । ମଧ୍ୟପ୍ରାଚ୍ୟରେ ଇସଲାମ, ଦକ୍ଷିଣ ଆମେରିକାରେ କ୍ୟାଥୋଲିକ ଏବଂ ଉତ୍ତର ଆମେରିକା ଏବଂ ଇଉରୋପରେ ପ୍ରୋଟେଷ୍ଟାଣ୍ଟ ଧର୍ମକୁ ଗ୍ରହଣ ଏମାନେ କରିନେଲେ । ଏମାନେ ଯେଉଁଠାକୁ ଗଲେ ମଧ୍ୟ ନିଜର ହସ୍ତଶିଳ୍ପ ଦକ୍ଷତାକୁ ଛାଡି ନ ଥିଲେ । ଅଳଙ୍କାର ପ୍ରସ୍ତୁତି, ମୂର୍ତ୍ତିନିର୍ମାଣ, ଧାତୁରେ ଭିନ୍ନ ଭିନ୍ନ ବସ୍ତୁ ପ୍ରସ୍ତୁତି, ସୁନ୍ଦର ପୋଷାକ ପ୍ରସ୍ତୁତି, ନୃତ୍ୟ ଓ ସଂଗୀତକୁ ଏମାନେ ସବୁ ଦେଶରେ ପ୍ରସାରିତ କଲେ । କିନ୍ତୁ ଇଉରୋପରେ ମଧ୍ୟଯୁଗରେ ରୋମାନୀମାନେ ସ୍ଥାନୀୟ ସମସ୍ତ ଚଳଣିକୁ ଆଖିବୁଜି ଗ୍ରହଣ ନକରିବାରୁ ସେମାନଙ୍କୁ ଚୋର, ଖଣ୍ଟ, ଅପରାଧୀ, ଡାଆଣୀ, ବେଶ୍ୟା, ଅପହରଣକାରୀ ଆଦି କହି ନିର୍ଯାତନା ଦିଆଗଲା । ଖ୍ରୀ. ୧୪୪୫ରେ ଭ୍ଲାଡ ଡ୍ରାକୁଲ (ଡ୍ରାକୁଲା) ଦଶହଜାର ବୁଲଗେରିଆନ ରୋମାନୀଙ୍କୁ ଧରିନେଇ କ୍ରୀତଦାସ ଭାବେ ପଠାଇଥିଲା । ଖ୍ରୀ. ୧୭୦୦ବେଳକୁ ପର୍ତ୍ତୁଗୀଜମାନେ ରୋମାନୀ କ୍ରୀତଦାସଙ୍କୁ ନିଜ ଉପନିବେଶ ଭାରତ, ବ୍ରାଜିଲ, ଆଫ୍ରିକାକୁ ପଠାଇଥିଲେ । ସ୍ପେନୀୟମାନେ ପାଣିଜାହାଜରେ ରୋମାନୀଙ୍କୁ ଧରି ଉତ୍ତର ଏବଂ ଦକ୍ଷିଣ ଆମେରିକାରେ ପହଞ୍ଚାଇଥିଲେ । ୧୯ଶ ଶତାବ୍ଦୀରେ ଏମାନେ ଆମେରିକା ଓ କାନାଡାରେ ବହୁସଂଖ୍ୟାରେ ପ୍ରବେଶ କରିଥିଲେ । ବଲକାନ ଏବଂ ରୁଷିଆରେ ରାଜନୀତିକ ଅସ୍ଥିରତା ଯୋଗୁ ରୋମାନୀମାନେ ଇଉରୋପର ଭିନ୍ନ ଭିନ୍ନ ରାଷ୍ଟ୍ରକୁ ଚାଲିଯାଇଥିଲେ । ଦ୍ୱିତୀୟ ବିଶ୍ୱଯୁଦ୍ଧ କାଳରେ ପ୍ରାୟ ୧୫ଲକ୍ଷ ରୋମାନୀ ନାଜିଙ୍କ ଆକ୍ରୋଶର ଶିକାର ହୋଇ ପ୍ରାଣ ହରାଇଥିଲେ । ୨୦୧୦ରେ ଫ୍ରାନ୍ସ ସରକାର ଯୋଜନାବଦ୍ଧ ଭାବେ ଦେଶର ଗ୍ରାମାଞ୍ଚଳରୁ ରୋମାନୀଙ୍କୁ ହଟାଇବା ଅଭିଯାନ ଚଳାଇଲେ । ଯାହାକୁ ନେଇ ଫ୍ରାନ୍ସ ଏବଂ ରୋମାନିଆ ମଧ୍ୟରେ ଉତ୍ତେଜନା ଦେଖାଦେଇଥିଲା । ସଂପ୍ରତି ଆଣ୍ଟାର୍କଟିକାକୁ ଛାଡିଦେଲେ ପୃଥିବୀର ଭିନ୍ନ ଭିନ୍ନ ଦେଶରେ ପ୍ରାୟ ଦେଢକୋଟିରୁ ଅଧିକ ରୋମାନୀ ରହିଥିବା କୁହାଯାଇଛି ।

ରୋମାନୀ ଲୋକେ ଭିନ୍ନ ଭିନ୍ନ ରାଷ୍ଟ୍ରରେ ନିଜର ଦକ୍ଷତା ପ୍ରଦର୍ଶନ କରିବାକୁ ସକ୍ଷମ ହୋଇଛନ୍ତି । ଚାର୍ଲି ଚାପଲିନ୍ (୧୮୮୯-୧୯୭୭), ୟୁଲ ବ୍ରିନ୍ନର (୧୯୨୦-୧୯୮୫), ଏଲଭିସ ପ୍ରିସଲେ (୧୯୩୫-୧୯୭୭), ବବ୍ ହସକିନ୍ସ (୧୯୪୨-୨୦୧୪), ପାବ୍‌ଲୋ ପିକାସୋ (୧୮୮୧-୧୯୭୩), ରୀତା ହେଓ୍ୱର୍ଥ (୧୯୧୮-୧୯୮୭) ଥିଲେ ଜଣେ ଜଣେ ପ୍ରସିଦ୍ଧ ରୋମାନୀ ।

କହିବାକୁ ଗଲେ ରୋମାନୀ ଲୋକଙ୍କ ମୂଳ ବାସସ୍ଥାନ ଭାରତ ହୋଇଥିଲା ବେଳେ ଏମାନଙ୍କ ସଂପର୍କରେ ଭାରତରେ ଆଜି ମଧ୍ୟ ଯେମିତି ଅଳ୍ପ ଆଲୋଚନା ହୋଇଥାଏ, ସେମିତି ଇତିହାସ ଓ ଗଣମାଧ୍ୟମରେ ଏମାନେ କମ୍ ସ୍ଥାନ ପାଇଥା'ନ୍ତି । ଏବେ ସମୟ ଆସିଛି, ଭାରତ ସରକାର, ଇତିହାସ ଲେଖକ, ଗବେଷକମାନେ ଏହି ବିଷୟକୁ ନେଇ ଅଧିକ କାର୍ଯ୍ୟ କରିବା ଆବଶ୍ୟକ ।

*-ଭାରତୀୟ ସମ୍ବାଦ ସେବା (ଭାସ୍)*
*ଭୁବନେଶ୍ୱର-୭୫୧୦୦୩*

# ମ୍ୟାଲେରିଆ ଓ ଯକୃତ

ପ୍ରଫେସର ଡାକ୍ତର ଉମେଶଚନ୍ଦ୍ର ପାତ୍ର



ପ୍ରତିବର୍ଷ ବିଶ୍ୱରେ ୩.୩ ନିୟୁତ ଲୋକ ମ୍ୟାଲେରିଆ ଦ୍ୱାରା ଆକ୍ରାନ୍ତ ହେଉଛନ୍ତି। ୨୦୧୬ରେ ହୋଇଥିବା ଅଧ୍ୟୟନ ଅନୁଯାୟୀ ମ୍ୟାଲେରିଆରେ ଆକ୍ରାନ୍ତ ହୋଇ ପ୍ରତି ବର୍ଷ ୬ଲକ୍ଷ ୮୪ ହଜାର ଲୋକ ମୃତ୍ୟୁବରଣ କରୁଛନ୍ତି। ଏସିଆ, ଆଫ୍ରିକା ଓ ଲାଟିନ୍ ଆମେରିକୀୟ ଦେଶଗୁଡ଼ିକରେ ମ୍ୟାଲେରିଆ ଆକ୍ରାନ୍ତ ଏବଂ ମୃତକଙ୍କ ସଂଖ୍ୟା ଅଧିକ। ମ୍ୟାଲେରିଆ ମୃତ୍ୟୁ ଏବଂ ପ୍ରଭାବ ରୋକିବା ଦିଗରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଏପ୍ରିଲ ୨୫ ତାରିଖକୁ ବିଶ୍ୱ ମ୍ୟାଲେରିଆ ଦିବସ ଭାବେ ପାଳନ କରାଯାଇଥାଏ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ଅନୁମୋଦନ ଲାଭ କରିଥିବା ଏହି ଦିବସରେ ବିଶ୍ୱବ୍ୟାପୀ ବିଭିନ୍ନ ପ୍ରକାର ସଚେତନତା ଏବଂ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଇଥାଏ। ସାଧାରଣତଃ ମଶା କାମୁଡ଼ିବା ଦ୍ୱାରା ମ୍ୟାଲେରିଆ ବ୍ୟାପିଥାଏ। ମଶା କାମୁଡ଼ାରୁ ବର୍ତ୍ତିବାକୁ ହେଲେ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବାର ଆବଶ୍ୟକତା ରହିଛି। ମ୍ୟାଲେରିଆର ପ୍ରଭାବ ବୃଦ୍ଧିକୁ ଆଖି ଆଗରେ ରଖି ଚଳିତ ବର୍ଷ ମ୍ୟାଲେରିଆ ନିରାକରଣ ଦିଗରେ ଅଧିକ ନିବେଶ କରିବାକୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ବିଶ୍ୱ ସମୁଦାୟକୁ ଆହ୍ୱାନ ଜଣାଇଛି। ୨୦୧୭ ବିଶ୍ୱ ମ୍ୟାଲେରିଆ ଦିବସରେ ମ୍ୟାଲେରିଆକୁ ଚିର ବିଦାୟ ନେବା ନିମିତ୍ତ ଆହ୍ୱାନ ଦିଆଯାଇଛି। ମ୍ୟାଲେରିଆ ଜୀବାଣୁ ସ୍ପୋରୋଜୋଏଟସ୍ ମନୁଷ୍ୟ ଶରୀରକୁ ପ୍ରବେଶ କରି ପ୍ରଥମେ ଯକୃତକୁ ଆକ୍ରମଣ କରେ। ଯକୃତରେ ଥିବା ରକ୍ତନଳୀରୁ ତାହା ଯାଇ ଯକୃତ କୋଷ ଭିତରେ ପ୍ରବେଶ କରେ। ଯକୃତ କୋଷ ଭିତରେ ତାହା ବୃଦ୍ଧିପ୍ରାପ୍ତ ହୋଇ ଶରୀରର ରକ୍ତକୋଷକୁ ଆକ୍ରମଣ କରେ। ମ୍ୟାଲେରିଆ ଜୀବାଣୁ ଲିଭର ଭିତରେ ଥାଇ ରୋଗ ପ୍ରତିରୋଧକ ଶକ୍ତିକୁ ଅତିକ୍ରମ କରି ଲୋହିତ ରକ୍ତ କଣିକାକୁ ଆକ୍ରମଣ କରେ। ମ୍ୟାଲେରିଆରେ ଯକୃତ ଆକ୍ରାନ୍ତ ହେଲେ ଜଣ୍ଡିସ ହୁଏ। ରକ୍ତରେ ଲିଭର ଏନଜାଇମ୍‌ସଗୁଡ଼ିକ ବଢ଼ିଯାଆନ୍ତି। ଲୋହିତ ରକ୍ତ କଣିକା ନଷ୍ଟ ହୁଏ। ଗ୍ଲୁକୋଜ-୬ ଫସ୍‌ଫେଟ ଅଭାବ ଥିଲେ ଲୋହିତ ରକ୍ତ କଣିଆ ଆହୁରି ବେଶୀ ଭାବରେ ନଷ୍ଟ ହୁଏ। ମ୍ୟାଲେରିଆ ଔଷଧ ସେପ୍ଟିସିମିଆ ଓ ଡିଆଇସି ଇତ୍ୟାଦି କାରଣ ଯୋଗୁଁ ମଧ୍ୟ ଜଣ୍ଡିସ୍ ଦେଖାଦିଏ।



ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ନିର୍ଦ୍ଦିଷ୍ଟ ଭାବେ ମ୍ୟାଲେରିଆ ପ୍ରବଣ ଦକ୍ଷିଣ ଏସିଆ ଅଞ୍ଚଳରେ ଏ ଘାତକ ଜ୍ୱରର ପ୍ରକୋପ ନେଇ ଏକ ରିପୋର୍ଟ ପ୍ରକାଶ ପାଇଛି। ବିଶ୍ୱର ସବୁଠାରୁ ଅଧିକ ମ୍ୟାଲେରିଆପ୍ରବଣ ୧୦ଟି ଦେଶ ମଧ୍ୟରୁ ଛଅଟି ଦେଶ ଏହି ଅଞ୍ଚଳରେ ଅବସ୍ଥିତ। ବିଶ୍ୱର ପ୍ରାୟ ଚଉଠେ ଲୋକ ବସବାସ କରୁଥିବା ଏ ଅଞ୍ଚଳରେ ମ୍ୟାଲେରିଆର ପ୍ରକୋପ ଏତେ ବେଶି ଯେ, ପ୍ରତି ଚାରିଜଣରେ ତିନିଜଣ ଏହାଦ୍ୱାରା ଆକ୍ରାନ୍ତ ହେବାର ଆଶଙ୍କା ରହିଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ ଅନୁଯାୟୀ ବିଗତ ଗୋଟିଏ ଦଶକ ମଧ୍ୟରେ ଦକ୍ଷିଣ ପୂର୍ବ ଏସୀୟ ଅଞ୍ଚଳରେ ମ୍ୟାଲେରିଆ ଆକ୍ରାନ୍ତ ଓ ମ୍ୟାଲେରିଆଜନିତ ମୃତ୍ୟୁସଂଖ୍ୟା ହ୍ରାସ ପାଇଥିଲେ ମଧ୍ୟ ଏବେ ବି ଏହା ଜୀବନ ପାଇଁ ଘାତକ ଏବଂ ଜୀବିକା ପାଇଁ ବିପଦ ହୋଇ ରହିଛି। ଦକ୍ଷିଣ ପୂର୍ବ ଏସିଆର ଅନ୍ୟ ମ୍ୟାଲେରିଆପ୍ରବଣ ଦେଶ ଅପେକ୍ଷା ଭାରତ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏ ରିପୋର୍ଟକୁ ଅଧିକ ଗୁରୁତ୍ୱର ସହ ନେଇ ଏକ ଚେତାବନୀ ଭାବେ ବିଚାର କରୁଛି। ବିଶ୍ୱର ସର୍ବାଧିକ ମ୍ୟାଲେରିଆପ୍ରବଣ ୧୦ଟି ଦେଶର ତାଲିକାରେ ଭାରତ ରହିଛି। ଅନ୍ୟ ଦେଶମାନେ ଯେଉଁ ଅନୁପାତରେ ମ୍ୟାଲେରିଆ ନିୟନ୍ତ୍ରଣରେ ସଫଳତା ହାସଲ କରି ପାରିଛନ୍ତି, ଭାରତ ସେ ଅନୁପାତରେ ଏ ଘାତକ ଜ୍ୱରର ମୁକାବିଲାରେ ସଫଳ ହୋଇପାରିନାହିଁ। ୨୦୦୦ ମସିହାରୁ ୨୦୧୨ ମଧ୍ୟରେ ନେପାଳ, ଭୁଟାନ, କୋରିଆ, ବାଙ୍ଗଲାଦେଶ, ଶ୍ରୀଲଙ୍କା ଆଦି ଦେଶମାନେ ମ୍ୟାଲେରିଆ ଆକ୍ରାନ୍ତଙ୍କ ସଂଖ୍ୟା ୭୫ ପ୍ରତିଶତ ହ୍ରାସ କରିବାରେ ସଫଳ ହୋଇଛନ୍ତି। କିନ୍ତୁ ଭାରତ ଏ କ୍ଷେତ୍ରରେ ପଛରେ ପଡ଼ିଯାଇଛି। ୨୦୧୫ ଶେଷ ବେଳକୁ ଯାଇ ଭାରତ ମ୍ୟାଲେରିଆ ଆକ୍ରାନ୍ତଙ୍କ ସଂଖ୍ୟା ୫୦ରୁ ୭୫ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ କରିବାରେ ସମର୍ଥ ହୋଇପାରେ। ଏଠାରେ ଉଲ୍ଲେଖ କରାଯାଇପାରେ ଯେ ଏ ଅଞ୍ଚଳର ଅନ୍ୟତମ ଦେଶ ମାଳଦ୍ୱୀପରେ ୧୯୮୪ରୁ ଆଉ କେହି ଜଣେହେଲେ ମ୍ୟାଲେରିଆରେ ଆକ୍ରାନ୍ତ ହୋଇନାହାନ୍ତି। ଶ୍ରୀଲଙ୍କା ମଧ୍ୟ ମ୍ୟାଲେରିଆର ସମ୍ପୂର୍ଣ୍ଣ ନିରାକରଣ ଲକ୍ଷ୍ୟ ହାସଲର ନିକଟତର। ଭାରତରେ ଏବେ ବି ମ୍ୟାଲେରିଆର ପ୍ରକୋପ ଭୟଙ୍କର। କେବଳ ଦୁଇଟି ରାଜ୍ୟ ଜାମ୍ମୁ-କାଶ୍ମୀର ଓ ହିମାଚଳ ପ୍ରଦେଶକୁ ଛାଡ଼ିଦେଲେ ଦେଶର ଅବଶିଷ୍ଟ ସବୁ ରାଜ୍ୟ ମ୍ୟାଲେରିଆପ୍ରବଣ। ଲୋକସଂଖ୍ୟାର ପାଖାପାଖି ୭୦ ପ୍ରତିଶତ ମ୍ୟାଲେରିଆ ଦ୍ୱାରା ଆକ୍ରାନ୍ତ ହେବାର ଆଶଙ୍କା ରହିଛି। ଆକ୍ରାନ୍ତ ଓ ମୃତ୍ୟୁସଂଖ୍ୟା ହିଁ ମ୍ୟାଲେରିଆ ଭାରତ ପାଇଁ କେମିତି ଏକ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ତାର ସୂଚନା ଦିଏ। ପ୍ରତିବର୍ଷ ପ୍ରାୟ ୯୫ଲକ୍ଷ ଲୋକ ଦେଶର ମ୍ୟାଲେରିଆ ଦ୍ୱାରା ଆକ୍ରାନ୍ତ ହେଉଛନ୍ତି ଏବଂ ସେଥିରୁ ପ୍ରାୟ ୪୫ ହଜାର ପୀଡ଼ିତଙ୍କ ମୃତ୍ୟୁ ହୁଏ। ଉଲ୍ଲେଖନୀୟ ହେଲା ସମଗ୍ର ବିଶ୍ୱରେ ମ୍ୟାଲେରିଆଜନିତ ବାର୍ଷିକ ମୃତ୍ୟୁସଂଖ୍ୟା ଯେତେ, ସେଥିରେ ଦକ୍ଷିଣ ପୂର୍ବ ଏସିଆର ଭାଗ ୯୮ ପ୍ରତିଶତ ଏବଂ ସମଗ୍ର ଦକ୍ଷିଣ ପୂର୍ବ ଏସିଆର ମ୍ୟାଲେରିଆରେ ଯେତିକି ମୃତ୍ୟୁ ହୁଏ ସେଥିରେ ଭାରତର ଭାଗ ୩୮ ପ୍ରତିଶତ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ତାହା ରିପୋର୍ଟ ଅନୁଯାୟୀ, ଶିଳ୍ପାୟନ ଓ ସହରୀକରଣ ଯୋଗୁଁ ମ୍ୟାଲେରିଆ ପ୍ରାଦୁର୍ଭାବ ବୃଦ୍ଧି ପାଉଛି । କ୍ରମଶଃ ଦେଶର ଗ୍ରାମାଞ୍ଚଳ ଅପେକ୍ଷା ସହରାଞ୍ଚଳ ଅଧିକ ମ୍ୟାଲେରିଆପ୍ରବଣ ହୋଇପଡୁଛି। ଅନିୟନ୍ତ୍ରିତ ସହରୀକରଣ ଏବଂ ଯୋଜନାବିହୀନ ଶିଳ୍ପାୟନ ଯୋଗୁଁ ଠିକ୍ ଭାବେ ଜଳ ନିଷ୍କାସନ ହୋଇପାରୁନାହିଁ। ଫଳରେ ଅନେକ ସ୍ଥାନରେ ଦୂଷିତ ଆବର୍ଜନାପୂର୍ଣ୍ଣ ପାଣି ଜମି ରହୁଛି। ଏହା ହିଁ ମଶା ବଂଶ ବୃଦ୍ଧିର କାରଣ ହୋଇ ମ୍ୟାଲେରିଆ ସଂକ୍ରମଣର ଆଶଙ୍କାକୁ ବୃଦ୍ଧି କରୁଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ସଦ୍ୟତମ ରିପୋର୍ଟ ସରକାର ଓ ସାଧାରଣ ଜନତାଙ୍କ ପାଇଁ ଆଉ ଏକ ସତର୍କ ସଙ୍କେତ। ରିପୋର୍ଟରେ ଥିବା ତଥ୍ୟରୁ ଏହା ସ୍ପଷ୍ଟ ଯେ ଦୀର୍ଘବର୍ଷ ହେଲା ଜାତୀୟ ସ୍ତରରେ ମ୍ୟାଲେରିଆ ନିୟନ୍ତ୍ରଣ ଅଭିଯାନ ଚାଲିଥିଲେ ସୁଦ୍ଧା, ସେଥିରୁ ଈପ୍‌ସିତ ସୁଫଳ ମିଳିପାରିନାହିଁ। ମାଲେରିଆ ନିରାକରଣ ଅଭିଯାନକୁ ଆହୁରି ଜୋରଦାର କରାଯିବାର ଆବଶ୍ୟକତା ରହିଛି। ଅବଶ୍ୟ ସବୁ ରୋଗର ନିୟନ୍ତ୍ରଣ ପରି ମ୍ୟାଲେରିଆର ମୁକାବିଲା ପାଇଁ ମଧ୍ୟ ସରକାରୀ ଅଭିଯାନ ଅପେକ୍ଷା ଜନସଚେତନତା ଉନ୍ନତ ପରିମଳ ବ୍ୟବସ୍ଥା ଅଧିକ ଆବଶ୍ୟକ ।

*-ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ: ୯୪୩୭୦୫୧୯୫୭*




## ବ୍ରାହ୍ମଣ ସମାଜର ପ୍ରଥମ ବାର୍ଷିକ ସମ୍ମିଳନୀ

କେନ୍ଦୁଝର,(ପି.ଏନ):ଉତ୍କଳ ବ୍ରାହ୍ମଣ ସମାଜ କେନ୍ଦୁଝର ତରଫରୁ ସ୍ଥାନୀୟ ସତ୍ୟସାଇ ମନ୍ଦିର କେନ୍ଦୁଝର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ କେନ୍ଦୁଝର ଜିଲ୍ଲାର ବହୁ ବ୍ରାହ୍ମଣ ଓ ଶାସ୍ତ୍ରଜ୍ଞ ଯୋଗ ଦେଇଥିଲେ । ଓଡିଶା ରାଜ୍ୟର ବରେଣ୍ୟ ପଣ୍ଡିତ ଶ୍ରୀଯୁକ୍ତ ବୀରଭଦ୍ର ପଣ୍ଡା ମୁଖ୍ୟଅତିଥି ଓ କେନ୍ଦୁଝର ଜିଲ୍ଲାର ସର୍ବମାନ୍ୟ ପଣ୍ଡିତ ରାଜକିଶୋର ପଣ୍ଡା ଓ ରୁକୁଣାପୁର ଶାସନର ଗୌର ଚନ୍ଦ୍ର ଶତପଥୀ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗଦାନ କରିଥିଲେ । ଅଧ୍ୟାପକ ବନବିହାରୀ ମିଶ୍ର ଓ ମଧୁସୂଦନ ମିଶ୍ର ମୁଖ୍ୟବକ୍ତା ଏବଂ ଅନ୍ୟତମ ବକ୍ତା ଭାବେ ଯୋଗଦାନ କରି ସ୍ୱବକ୍ତବ୍ୟ ରଖିଥିଲେ । ସମସ୍ତ ବକ୍ତା ନିଜସ୍ୱ ବକ୍ତବ୍ୟରେ ବ୍ରାହ୍ମଣ ମାନଙ୍କର ଅସ୍ତିତ୍ୱକୁ ନେଇ ଶଙ୍କା ପ୍ରକଟ କରିବା ସଙ୍ଗେ ସଙ୍ଗେ ଆଗାମୀ ଦିନରେ ସେମାନେ ସଜାଗ ହେବାକୁ ନିବେଦନ କରିଥିଲେ । ସଭା ଶେଷରେ 'ଗୀତା' ଆବୃତ୍ତି ଓ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା । ପରିଶେଷରେ କୃତି ପ୍ରତିଯୋଗିଙ୍କୁ ମଞ୍ଚାସୀନ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଏହି ବାର୍ଷିକ ଉତ୍ସବରେ 'ବ୍ରାହ୍ମଣ' ପତ୍ରିକା ମୁଖ୍ୟଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା ।

## ଗୁରୁତର ମହିଳା ରୋଗୀଙ୍କୁ ଭାରରେ ବୋହିଲେ ୩ କି.ମି.

ଭଗାମୁଣ୍ଡା,(ପି.ଏନ):କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ଭଇଁରପୁର ପଂଚାୟତ ରୋହି ଗ୍ରାମର ଚଡକମରା ସାହିର ଶ୍ୟାମ ସୁନ୍ଦର ଜୁଆଙ୍ଗଙ୍କ ପତ୍ନୀ ଯମୁନା ଜୁଆଙ୍ଗ ଗୁରୁତର ଅସୁସ୍ଥ ହୋଇ ପଡିଥିଲେ । ରୋହି ଗ୍ରାମର ଆଶାକର୍ମୀ ଜ୍ୟୋସ୍ନାରାଣୀ ମହାନ୍ତଙ୍କୁ ପରିବାର ଲୋକେ ଯମୁନା ଜୁଆଙ୍ଗଙ୍କୁ ଡାକ୍ତରଖାନା ନେବା ପାଇଁ ଖବର ଦେଇଥିଲେ । ଖବର ପାଇ ଆଶାକର୍ମୀ ସଙ୍ଗେ ସଙ୍ଗେ ୧୦୮ ଆମ୍ବୁଲାନ୍ସକୁ ଖବର ଦେଇଥିଲେ । ୧୦୮ ଆମ୍ବୁଲାନ୍ସଟି ରୋହି ଗ୍ରାମ ପର୍ଯ୍ୟନ୍ତ ଆସିଥିଲେ ମଧ ରାସ୍ତା ନଥିବାରୁ ଚକଡମରା ସାହି ପର୍ଯ୍ୟନ୍ତ ଯାଇପାରି ନଥିଲା । ଯମୁନାଙ୍କ ସ୍ୱାମୀ ଶ୍ୟାମ ସୁନ୍ଦର ଓ ସମୁଦି ଏକ ଭାର କରି ଅସୁସ୍ଥ ଯମୁନାଙ୍କୁ ପାହାଡିଆ ଓ ପାଦଚଲା ରାସ୍ତାରେ ୩ କି.ମି. ପର୍ଯ୍ୟନ୍ତ ବୋହିକି ଆଣିଥିଲେ । ମଝିରେ ମଝିରେ ଆଶା କର୍ମୀ ମଧ ଭାର ବୋହୁଥିଲେ । ରୋହି ଗ୍ରାମ ପର୍ଯ୍ୟନ୍ତ ଆଣିବା ପରେ ୧୦୮ ଆମ୍ବୁଲାନ୍ସରେ ହରିଚନ୍ଦନପୁର ମେଡିକାଲକୁ ନିଆଯାଇଥିଲା ।

## ନାବାଳିକା ପ୍ରେମିକାକୁ ଗର୍ଭବତୀ କରି ପ୍ରେମିକ ଗିରଫ

ତୁରୁମୁଙ୍ଗା,(ପି.ଏନ):କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅଂଚଳରେ ନାବାଳିକା ପ୍ରେମିକାକୁ ଗର୍ଭବତୀ କରି ଯୁବକ ଗିରଫ ହେବା ଘଟଣା ଏବେ ସ୍ଥାନୀୟ ଅଂଚଳରେ ଚର୍ଚ୍ଚାର ବିଷୟ ପାଲଟିଛି । ମିଳିଥିବା ସୂଚନା ଅନୁସାରେ ପାଟଣା ଥାନା ଅନ୍ତର୍ଗତ ଖୁଣ୍ଟାପଡା ଗ୍ରାମର ରାମଦାସ ମୁଣ୍ଡାଙ୍କ ପୁଅ ନାନୁ ଆଲିଆସ୍ ଲାଲ୍ କିଶୋର ମୁଣ୍ଡା(୨୩) ଟଭାସରୁଆ ଗ୍ରାମର ବାପ ଛେଉଣ୍ଡ ନାବାଳିକା (୧୬)ଙ୍କ ସହ ପ୍ରେମ ସମ୍ପର୍କ ରଖିଥିଲେ ଏବଂ ନାବାଳିକା ଗର୍ଭବତୀ ହେବାପରେ ଏହାକୁ ନେଇ ଦୁଇଦିନ ପୂର୍ବରୁ ଗ୍ରାମରେ ସଭା ବସି ଏହା ଝିଅର ମାମୁଁ ନାବାଳିକାକୁ ବିହାର କରିବା ପାଇଁ ଲାଲ୍‌କିଶୋରଙ୍କୁ ବିବାହ ପାଇଁ ବାଧ କରିବାରୁ ଲାଲ୍ କିଶୋର ମନା କରିଥିଲେ ।

## ଦୁଇ ବର୍ଷ ପରେ ଗୁପ୍ତେଶ୍ୱର ପୀଠରେ ଭକ୍ତଙ୍କ ଭିଡ଼

ଜୟପୁର, (ପି.ଏନ): ଆରମ୍ଭ ହୋଇଛି ଶ୍ରାବଣ ମାସ । ଶ୍ରାବଣ ମାସକୁ ଏକ ପୂଣ୍ୟ ମାସ ଭାବେ ମନାଯାଏ । ଶିବଙ୍କର ଏହି ମାସର ପ୍ରତ୍ୟେକ ସୋମବାର ବେଶ୍ ଗୁରୁତ୍ୱପୂର୍ଣ୍ଣ । ବିଶ୍ୱାସ ରହିଛି ଯେ, ଶ୍ରାବଣ ସୋମବାରରେ ଶିବଙ୍କ ପୂଜାର୍ଚ୍ଚନା କରି ଯାହାବି ମାଗିବେ ଆପଣଙ୍କ ମନସ୍କାମନା ନିଶ୍ଚୟ ପୂରା ହେବ । ଏହି ବିଶ୍ୱାସ ନେଇ ଆଜି ଶ୍ରାବଣ ପ୍ରଥମ ସୋମବାରରେ ବିଭିନ୍ନ ଶଇବ ପୀଠରେ ଭକ୍ତଙ୍କ ଭିଡ଼ ଜମିଥିବା ବେଳେ କୋରାପୁଟର ପ୍ରସିଦ୍ଧ ଗୁପ୍ତେଶ୍ୱର ପୀଠରେ କାଉଡ଼ିଆଙ୍କ ଭିଡ଼ ଲାଗିଛି । ଗୁପ୍ତେଶ୍ୱର ପୀଠରେ ଦେବଦେବ ମହାଦେବଙ୍କ ମସ୍ତକରେ ଜଳଲାଗି କରୁଛନ୍ତି କାଉଡ଼ିଆ ଭକ୍ତ । ଗତକାଲି ନଦୀ ଘାଟରେ କାଉଡ଼ିଆଙ୍କ ଭିଡ଼ ଜମିଥିବା ବେଳେ ଆଜି ମନ୍ଦିରରେ ଭକ୍ତଙ୍କ ଭିଡ଼ ଜମିଛି । ବୋଲବମ ଶବ୍ଦର ଉଚ୍ଚାରଣ ସହ କାନ୍ଧରେ ବାଉଁଶ ଭାରାରେ ଜଳପୂର୍ଣ୍ଣ କଳସୀ ବୋହି ପାଦରେ ଚାଲି ଚାଲି ଆସି ପହଂଚିଛନ୍ତି ଗୁପ୍ତେଶ୍ୱର ପୀଠରେ । ଆଜି ଭୋର ଠାରୁ ମନ୍ଦିରର ପାଦଦେଶରୁ ଲମ୍ବା ଧାଡିରେ ଆସି ଶ୍ରଦ୍ଧାଳୁମାନେ ଠାକୁର ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରୁଛନ୍ତି । ଗତ ଦୁଇ ବର୍ଷ କୋଭିଡ କଟକଣା ଲାଗି ଶ୍ରଦ୍ଧାଳୁ ଶ୍ରାବଣରେ ସାଧାରଣ ଦର୍ଶନରୁ ବଂଚିତ ଥିଲେ କିନ୍ତୁ ଚଳିତ ବର୍ଷ ପ୍ରଶାସନ ପକ୍ଷରୁ ସାଧାରଣ ଦର୍ଶନ ପାଇଁ ସୁଯୋଗ ରହିଥିବା ଯୋଗୁଁ ଆଜି ପୀଠରେ ଅଧିକ ଭକ୍ତଙ୍କ ଭିଡ଼ ଜମିଛି ଆଉ ରୀତିନୀତି ଅନୁଯାୟୀ ଦେବଦେବ ମହାଦେବ ଭଗବାନ ଶିବଙ୍କ ପୂଜାର୍ଚ୍ଚନା କରାଯାଇଛି ବୋଲି ମୁଖ୍ୟ ପୂଜକ ପ୍ରକାଶ କରିଛନ୍ତି । ଅନ୍ୟପଟେ ଭକ୍ତଙ୍କ ସୁବିଧା ନିମନ୍ତେ ପ୍ରଶାସନ ପକ୍ଷରୁ ଟ୍ରାଫିକ ବ୍ୟବସ୍ଥା କରାଯାଇଥିବା ବେଳେ ସୁରକ୍ଷା ଦୃଷ୍ଟିରୁ ପୋଲିସ, ଅଗ୍ନିଶମ ବିଭାଗ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି ବୋଲି ଅତିରିକ୍ତ ତହସିଲଦାର ସଂଜୀବ କୁମାର ସାହୁ ପ୍ରକାଶ କରିଛନ୍ତି । ଦୀର୍ଘ ୨ ବର୍ଷ ପରେ ବୋଲବମ ଆରମ୍ଭ ହୋଇଛି । ଗୁପ୍ତେଶ୍ୱର ପୀଠ ମଧ ଚଳଚଂଚଳ ହୋଇଛି ।

## ଯୁବ କଂଗ୍ରେସର କାର୍ଯ୍ୟକାରିଣୀ ବୈଠକ

ଜୟପୁର, (ପି.ଏନ): କୋରାପୁଟ ଜିଲ୍ଲା ଯୁବକଂଗ୍ରେସ ସଭାପତି ସୁକାନ୍ତ ପଟନାୟକଙ୍କ ନେତୃତ୍ୱରେ କାର୍ଯ୍ୟକାରିଣୀ ବୈଠକ ଜିଲ୍ଲା କଂଗ୍ରେସ ଭବନରେ ଅନୁଷ୍ଠିତ ହୋଇଛି । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ପୌର ଅଧକ୍ଷ ନରେନ୍ଦ୍ର ମହାନ୍ତି ଏବଂ ସମ୍ମାନିତ ଅତିଥି ଭାବେ ବ୍ଲକ ସଭାପତି ବସନ୍ତ ନାୟକ ଉପସ୍ଥିତ ରହି ଯୁବ କଂଗ୍ରେସ ଦୋଳର ମେରୁଦଣ୍ଡ କୋରାପୁଟ ଜିଲ୍ଲା ରେ ଯୁବ ଶକ୍ତି ଯୋଗୁ କଂଗ୍ରେସ ଭଲ ପ୍ରଦର୍ଶନ କରୁଛି । ଆସନ୍ତା ଦିନରେ ୨୦୨୪ ନିର୍ବାଚନକୁ ଲକ୍ଷ କରି ଯୁବକଂଗ୍ରେସକୁ ଆହୁରି ମଜବୁତ କରିବାପାଇଁ ସମସ୍ତଙ୍କୁ ଅନୁରୋଧ କରିଥିଲେ । ଆଜିର ବୈଠକରେ ଜିଲ୍ଲା କଂଗ୍ରେସ ତରଫରୁ ନିଷ୍ପତି ନିଆଯାଇଛି ଯେ, ଆସନ୍ତା ସାତ ଦିନ ମଧରେ ସମସ୍ତ ପାଂଚଗୋଟି ବିଧାନସଭା ନିର୍ବାଚନ ମଣ୍ଡଳି, ଚଉଦଟି ବ୍ଲକ ଓ ଚାରିଟି ନଗରର ଯୁବ ସଭାପତି ଗଣ ନିଜ କ୍ଷେତ୍ରର ସମ୍ପୂର୍ଣ୍ଣ କମିଟି ଗଠନ କରିବେ ଏବଂ ଆସନ୍ତା ପ୍ରତେକ ମାସରେ ନିଜ ନିଜ କ୍ଷେତ୍ରର କମିଟିଙ୍କୁ ନେଇ ନିଜ ଅଂଚଳରେ ରହିଥିବା ବିଭିନ୍ନ ସମସ୍ୟାକୁ ନେଇ ଆନ୍ଦୋଳନ ଜାରିରଖିବେ ଓ ସଂଗଠନ ସୁଦୃଢ କରିବା ପାଇଁ ବୈଠକ କରି ପ୍ରତ୍ୟେକ (ବୁଥ କୁ ୟୁଥ )ସହ ଜଡିବା ପାଇଁ ପ୍ରୟାସ କରବେ । ସ୍ଥାନୀୟ ସମସ୍ୟା ବିଭିନ୍ନ ଦୁର୍ନୀତି ଅର୍ଥାତ ବେକାରୀ ସମସ୍ୟା ମହିଳାଙ୍କ ସମସ୍ୟା, ଦରଦାମ, ଜିଏସଟି ନାଁରେ କେନ୍ଦ୍ର ଓ ରାଜ୍ୟ ସରକାର ସାଧାରଣ ଲୋକଙ୍କୁ ହରି ଲୁଟ, ଦେଶର ଅର୍ଥ ନୀତି ଦୁର୍ବଳ ହୋଇଥିବା, ଘନ ଘନ ବିଦ୍ୟୁତ କାଟ, ଡାକ୍ତରଖାନରେ ଡାକ୍ତର ଅଭାବକୁ ନେଇ ପ୍ରତେକ ବୁଥ ସ୍ତରରୁ କେନ୍ଦ୍ରର ବିଜେପି ଓ ରାଜ୍ୟର ବିଜେଡି ସରକାର ବିରୁଦ୍ଧରେ ଲଢେଇ କରିବା ପାଇଁ ଯୁବକଂଗ୍ରେସ ନିଷ୍ପତି ନେଇଛି । ଉକ୍ତ କାର୍ଯ୍ୟକ୍ରମରେ କୋରାପୁଟ ଜିଲ୍ଲା ଯୁବକଂଗ୍ରେସର ପ୍ରଭାରୀ ରାକେଶ ସାହୁ, ଜିଲ୍ଲା ଯୁବକଂଗ୍ରେସର ଉପସଭାପତି ମୁନା ଖାନ, ପବିତ୍ର ସନ୍ତା, ଟୁଲୁ ରଥ, ଘଂଶି ନାଗ,ପାଂଚଟି ବିଧାନସଭା କ୍ଷେତ୍ର ର ସଭାପତି ରମେଶ ରାଓ, ଟେନଜ ଖସଲା, ରବୀନଚାନ୍ଦ ଟାକିରୀ, ନୀଳାମ୍ବର ହୋଂଶ ସମସ୍ତ ସମସ୍ତ ନଗର, ବ୍ଲକ ଯୁବ ସଭାପତି ଓ ମହିଳା ଯୁବ କର୍ମୀ ସୁଜାତା ଆଶା, ପଲଭି ରାଓଙ୍କ ସମେତ ବହୁ ଯୁବ କଂଗ୍ରେସର କର୍ମକର୍ତା ଉପସ୍ଥିତ ଥିଲେ ।

## କନ୍ଧମାଳରେ ନୂଆ ୭ କୋଭିଡ୍ ସଂକ୍ରମିତ ଚିହ୍ନଟ

କନ୍ଧମାଳ, (ପି.ଏନ): ରାଜ୍ୟରେ କରୋନା ପୁଣି କାୟା ବିସ୍ତାର କରିବାରେ ଲାଗିଛି । ସେହିପରି କନ୍ଧମାଳ ଜିଲ୍ଲାରେ ମଧ ଆଜି ପୁଣି ୭ ଜଣ ନୂତନ କରୋନା ପଜିଟିଭ ଚିହ୍ନଟ ହୋଇ ଛନ୍ତି । ଗତକାଲି ରବିବାର ୭ ନୂଆ ପଜିଟିଭକୁ ମିଶାଇ ଏଯାଏଁ ପଜିଟିଭ ସଂଖ୍ୟା ୨୪ ରେ ପହଂଚିଛି । ଜିଲ୍ଲା ପ୍ରଶାସନ ପକ୍ଷରୁ ଏ ନେଇ କଟକଣା ଆରମ୍ଭ କରାଯାଇ ନ ଥିବାରୁ ଲୋକେ ମାସ୍କ ପିନ୍ଧିବା, ସାମାଜିକ ଦୂରତାକୁ ଆଉ ମାନୁ ନାହାଁନ୍ତି । ଅନ୍ୟପକ୍ଷରେ ଜିଲ୍ଲାରେ ସମସ୍ତ ବିଦ୍ୟାଳୟ ସବୁ ଖୋଲି ଯାଇଛି । ସେଠାରେ ଛୋଟଛୋଟ ପିଲା ମାନେ ମଧ କରୋନା ସଂକ୍ରମଣ ପାଇଁ ଥିବା ସାମାଜିକ ଦୂରତାକୁ ମାନୁନାହାନ୍ତି । ଫଳରେ ସଂକ୍ରମିତଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି । ଏଥିରେ ପିଲା ମାନଙ୍କର ସଂକ୍ରମିତ ହେବାର ଆଶଙ୍କା ମଧ ରହିଛି । ଏଣୁ ଆଗକୁ ମଧ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢ଼ିବାର ଆଶଙ୍କା ରହିଛି । ସେଥିପାଇଁ ଜିଲ୍ଲା ପ୍ରଶାସନ ସଜାଗ ହୋଇ ଗ୍ରାମରୁ ସହର ଯାଏ କରୋନା ସଚେତନତା ସୃଷ୍ଟି କରିବାର ଆବଶ୍ୟକତା ରହିଛି ।

## କଳଙ୍କ ସାଜିଲେ ଶିକ୍ଷକ

ହାଟଡିହି, (ପି.ଏନ):କଥାରେ ଅଛି ଗୁରୁବ୍ରହ୍ମା, ଗୁରୁବିଷ୍ଣୁ ଗୁରୁଦେବ ମହେଶ୍ୱର, ଗୁରୁ ସାକ୍ଷାତ ପରମ ବ୍ରହ୍ମ ତସ୍ମୈଶ୍ରୀ ଗୁରୁବେ ନମଃ । ଏହି ଉକ୍ତିଟି ଗୁରୁଙ୍କ ସମ୍ମାନ ପାଇଁ ଉଦିଷ୍ଟ । ହେଲେ ଆଜି ଜଣେ ଶିକ୍ଷକଙ୍କ ହିନ ମାନସିକତା ଛାତ୍ରଛାତ୍ରୀଙ୍କ ମନରେ ଘୃଣା ଭାବ ଭରିଦେଇଛି । ଏଭଳି ଏକ ଘଟଣା ଦେଖିବାକୁ ମିଳିଛି କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ଗୋପାଳପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ । ଯାହାକି ଅନିରୁଦ୍ଧ ବିଶ୍ୱାଳ ନାମକ ଜଣେ ଶିକ୍ଷକ ଛାତ୍ରଛାତ୍ରୀଙ୍କୁ କିସ୍ ବିଷୟରେ ପାଠ ପଢାଇ ତାଙ୍କୁ କେତେ ପିଲା ଭଲପାଉଛନ୍ତି ଏବଂ କିଏ ତାଙ୍କ ଗାଲରେ କିସ୍ ଦେଇପାରିବ କହି ଡାକୁଥିବା ବେଳେ ପୁଅ ପିଲା ନୁହଁ କେବଳ ଝିଅ ଛୁଆ ଆସି ରସିରିକା ଅନିରୁଦ୍ଧ ସାରଙ୍କୁ କିସ୍ ଦେବେ । ତୁମେ ମୋତେ କିଏ ଭଲପାଅ ବୋଲି କଥା ମଧ ଦେବ, ଏଠାରେ ପ୍ରଶ୍ନ ଉଠେ ପାଠପଢା ବଦଳରେ ପିଲାଙ୍କୁ କି ଶିକ୍ଷା ଦେଉଥିଲେ ଅନିରୁଦ୍ଧ ସାର । ଯାହା ଛୋଟ ଛୋଟ ପିଲାଙ୍କ ମନରେ ଖରାପ ପ୍ରଭାବ ପକାଇଲା ଓ ଶିକ୍ଷକଙ୍କ ଚରିତ୍ର ଉପରକୁ ପିଲାଙ୍କ ଆଙ୍ଗୁଠି ଉଠିଲା । ଯାହାକୁ ନେଇ ସ୍କୁଲ ଛୋଟ ଛୋଟ ପିଲା, ଅଭିଭାବକଙ୍କ ମହଲରେ ଘୋର ବିରୋଦ କରିବା ସହ ଉକ୍ତ ଶିକ୍ଷକ ଅନିରୁଦ୍ଧ ବିଶ୍ୱାଳଙ୍କ ଉପରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଗୋପାଳପୁର ଗ୍ରାମବାସୀ ଦାବି କରିଛନ୍ତି । ଏଭଳି ଶିକ୍ଷକ ମାନଙ୍କ ପାଇଁ ସାରା ଶିକ୍ଷକ ସମାଜ କଳଙ୍କିତ ହେଉଥିବା କୁହାଯାଉଛି । ସ୍ଥାନୀୟ ଶିକ୍ଷାଧିକାରୀଙ୍କୁ ପଚାରିବାରୁ ସେ କହିଛନ୍ତି ଏଭଳି କୌଣସି ଲିଖିତ ଅଭିଯୋଗ ଆସିନାହିଁ ଯଦି ଆସେ ତାହେଲେ ଉକ୍ତ ଶିକ୍ଷକଙ୍କ ଘଟଣଆ ଉପରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

## ପାରାଦୀପରେ ନିଟ୍ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ

ପାରାଦୀପ,(ପି.ଏନ): ପାରାଦୀପ ଠାରେ ରବିବାର ଦିନ ପ୍ରଥମ ଥର ପାଇଁ ଡାକ୍ତରୀ ପ୍ରବେଶିକା ପରୀକ୍ଷା ନିଟ୍ ଅନୁଷ୍ଠିତ ହୋଇଥିଲା । ଚଳିତ ମାସ ୧୭ ତାରିଖ ଦିନ ଜଗତସିଂହପୁର ଜିଲ୍ଲାର ପାରାଦୀପ ଠାରେ ଏହି ପ୍ରବେଶିକା ପରୀକ୍ଷା ନିଟ୍-୨୦୨୨ ଜାତୀୟ ପରୀକ୍ଷଣ ସଂସ୍ଥା(ଏନଟିଏ) ଦ୍ୱାରା ସୂଚାରୁ ରୂପେ ପରିଚାଳିତ ହୋଇଯାଇଛି । ଏହି ଜାତୀୟସ୍ତରର ପ୍ରବେଶିକା ପରୀକ୍ଷାରେ ଜଗତସିଂହପୁର ଜିଲ୍ଲା ପାଇଁ ସର୍ବମୋଟ ୭୦୬ ଜଣ ଛାତ୍ରଛାତ୍ରୀ ପଂଜୀକୃତ ହୋଇଥିବା ସ୍ଥଳେ ୬୭୯ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ । ଜଗତସିଂହପୁର ପବ୍ଲିକ୍ ସ୍କୁଲ୍ ଠାରେ ୨୦୨ ଜଣ, ପାରାଦୀପ ପୋର୍ଟ ଡ.ଏ.ଭି.ସ୍କୁଲରେ ୩୬୦ ଜଣ ଓ ପିପିଏଲ୍ ଡି.ଏ.ଭି. ପବ୍ଲିକ୍ ସ୍କୁଲରେ ୧୪୪ ଜଣ ପରୀକ୍ଷାର୍ଥୀଙ୍କ ପାଇଁ ପରୀକ୍ଷା ଦେବାର ବ୍ୟବସ୍ଥା କରାଯାଇଥିଲା । ତେବେ ଜିଲ୍ଲାରେ ପ୍ରଥମ ଥର ପାଇଁ ନିଟ୍ ପ୍ରବେଶିକା ପରୀକ୍ଷା ଆୟୋଜିତ ହୋଇଥିବାରୁ ଆଗାମୀ ଦିନ ପାଇଁ ବିଭିନ୍ନ ଜାତୀୟ ପରୀକ୍ଷା ଏହି ଜିଲ୍ଲାରେ ହେବା ପାଇଁ ପଥ ସୁଗମ ହୋଇଛି । ଏହି ପରୀକ୍ଷାକୁ ଜିଲ୍ଲା ପ୍ରଶାସନ ଓ ପୋଲିସ୍ ପ୍ରଶାସନ ସୁଚାରୁ ରୂପେ ସମ୍ପାଦନ କରିଥିଲେ ।

## ସଠିକ୍ ଢଙ୍ଗରେ ହେଉନି କେନାଲ ସଫେଇ : କେନାଲ ବନ୍ଧ ଦୁର୍ବଳ, ପାଣି ଚିନ୍ତାରେ ଚାଷୀ

ସାଲେପୁର, (ପି.ଏନ): ଚାଷୀମାନଙ୍କ ପାଇଁ ସରକାର ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରୁଥିଲା ବେଳେ ଅଚ୍ୟୁତପୁର ଜଳସେଚନ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଅଧିନରେ ଥିବା ୮ ନଂ କେନାଲ ଓ ୩୭ ଟି ଶାଖା କେନାଲ, ଚାରୋଟି ଫିଡର, ତିନୋଟି ମାହାରା ରହିଛି । ଏହି ସେକ୍ସନରେ ମାତ୍ର ତିନିଜଣ କର୍ମଚାରୀ ରହିଥିଲା ବେଳେ ଜଣେ ଖଲାସୀ ଓ ଜଣେ ପେଟ୍ରୋଲ କାର୍ଯ୍ୟକରୁଛନ୍ତି । ଦୀର୍ଘ ଦୁଇ ବର୍ଷ ହେଲା କନିଷ୍ଠ ଯନ୍ତ୍ରୀଙ୍କ ପଦ ଖାଲି ପଡିଛି । ବର୍ତମାନ ୮ ନଂ କେନାଲ ସଫେଇ ଜେ.ସି.ବି. ଦ୍ୱାରା ନାମକୁ ମାତ୍ର କରାଯାଉଛି । ଏପରିକି ୮ ନଂ କେନାଲର କେତେକ ସ୍ଥାନରେ ବନ୍ଧ ଦୁର୍ବଳ ଥିଲାବେଳେ ଗତ ବର୍ଷ ବାଲି ବସ୍ତା ପକାଯାଇ ବନ୍ଧ ମରାମତି କରାଯାଇଥିଲା । ଚଳିତ ବର୍ଷ ଏହି ବନ୍ଧ ମରାମତି କାର୍ଯ୍ୟ କରାଯାଉ ନାହିଁ । ଅପରପକ୍ଷରେ ନାମକୁମାତ୍ର କେନାଲ ସଫେଇ ନାଁରେ ଲକ୍ଷ ଲକ୍ଷ ଟଙ୍କା ହରିଲୁଟ୍ ହେବାର ଆଶଙ୍କା ସୃଷ୍ଟି ହୋଇଛି । ଯାହାଦ୍ୱାରା ଏବେଠୁଁ ଚାଷୀ ମହଲରେ ଆଶଙ୍କା ପ୍ରକାଶ ପାଇଲାଣି ଯେ ଚଳିତ ବର୍ଷ କେନାଲ ପାଣି ୮ ନଂ କେନାଲର ଶେଷ ମୁଣ୍ଡଯାଏ ଯିବନାହିଁ । ଏପରିକି କେନାଲରେ ପାଣି ଆସିଲେ ଶାଖା କେନାଲ ଗୁଡିକ ସଫେଇ କରାଯାଏ । ଶାଖା କେନାଲର ଅନେକ ସ୍ଥାନରେ କେନାଲ ବନ୍ଧ ଦୁର୍ବଳ । ଗତବର୍ଷ ବହୁ କେନାଲ ବନ୍ଧରେ ଘାଇ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଥିଲା । ଚଳିତ ବର୍ଷ ବି କେତେକ କେନାଲର ବନ୍ଧ ଦୁର୍ବଳଥିବା ଓ ଭାଙ୍ଗି ଯାଇଥିବାରୁ କେନାଲ ପାଣି ଆସିଲେ ଘାଇ ସୃଷ୍ଟି ହେବାର ଆଶଙ୍କାକୁ ଏଡାଇ ଦିଆଯାଇନପାରେ । ଏଣୁ ଜଳସଂପଦ ବିଭାଗ କାହାସ୍ୱାର୍ଥରେ କାର୍ଯ୍ୟ କରୁଛି ବୋଲି ଆଲୋଚନା ହେଉଛି । ସାଧାରଣରେ ଚର୍ଚ୍ଚା ହେଉଛି ଯେ, ଜଳସଂପଦ ବିଭାଗ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକା ପାଇଁ ମାହାଙ୍ଗା ଓ ନିଶ୍ଚିନ୍ତକୋଇଲି ଅଂଚଳର କୃଷକମାନେ ଅନେକ ସମୟରେ ସମସ୍ୟା ଭୋଗୁଛନ୍ତି । ଏଣୁ ବିଭାଗୀୟ ମନ୍ତ୍ରୀ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବା ସହ ନିମ୍ନମାନର କେନାଲ ସଫେଇ ଓ କେନାଲ ବନ୍ଧ ମରାମତି କରିବା ଓ ପୋତି ହୋଇଥିବା କେନାଲର ପୁନରୁଦ୍ଧାର କରିବାକୁ ସାଧାରଣରେ ଦାବି ହେଉଛି ।

## ଅଖିଳ ଭାରତୀୟ ଗ୍ରାହକ ପଚାଂୟତ ଓଡିଶା ପଶ୍ଚିମ ପ୍ରାନ୍ତ ବୈଠକ : ପ୍ରାନ୍ତ ପ୍ରଭାରୀ ଗସ୍ତ

ବଲାଙ୍ଗିର, (ପି.ଏନ): ଓଡିଶା ପଶ୍ଚିମ ପ୍ରାନ୍ତ ଅଖିଳ ଭାରତୀୟ ଗ୍ରାହକ ପଚାଂୟତର ରାଜ୍ୟ ପ୍ରଭାରୀ ତଥା ଅଖିଳ ଭାରତୀୟ କାର୍ଯ୍ୟକାରୀ ସଦସ୍ୟ ରବିକାନ୍ତ ଜୈସବାଲ ତାଙ୍କ ଦୁଇଦିନିଆ ପ୍ରବାସ କାଳରେ ରାୟଗଡା ଭିଗନନ ଇଂରାଜୀ ମିଡିୟମ ସ୍କୁଲ ଠାରେ ଜିଲ୍ଲାର ସଂଗଠନ ବୈଠକରେ ଯୋଗଦେବା ସହିତ ସମ୍ବଲପୁର ଠାରେ ପ୍ରାନ୍ତୀୟ ବୈଠକରେ ଯୋଗ ଦେଇଥିଲେ । ୧୬ ଓ ୧୭ ଜୁଲାଇ ଦୁଇ ଦିନ ପ୍ରବାସ କାଳରେ ପ୍ରଥମ ଦିନ ରାୟଗଡା ଠାରେ କିଶୋର କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଯୋଗଦେବା ସହିତ ରାଜ୍ୟ ସମ୍ପାଦକ ମାଣିକ ଲାଲ ବର୍ମାଙ୍କ ସହିତ ପଚାଂୟତର ବିଭିନ୍ନ ଆୟାମ ଓ ପ୍ରକୋଷ୍ଠ ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା ସହ ପଚାଂୟତର କାର୍ଯ୍ୟପ୍ରଣାଳୀ ବିସ୍ତାରିତ ରୂପରେ ଦିଗଦର୍ଶନ ଦେଇଥିଲେ । ସେଠାରେ ପୂର୍ବରୁ ଗଠିତ ପୂର୍ଣ୍ଣ କାର୍ଯ୍ୟକର୍ତାଙ୍କ ନାମ ଘୋଷଣା ସହିତ ସେବା ମନୋଭାବ ନେଇ ନିଜ ଦାୟିତ୍ୱ ସମ୍ପାଦନ କରିବା ପାଇଁ କହିଥିଲେ । ସଂଗଠନ ଦାୟିତ୍ୱରେ ସଭାପତି କିଶୋର ଚନ୍ଦ୍ର ସାହୁ, ଉପ ସଭାପତି ରାଜକିଶୋର ସାହୁ, ସାଧାରଣ ସମ୍ପାଦକ ପରମାନନ୍ଦ ପଧାନ, ସହ ସମ୍ପାଦକ ଉର୍ମିଳା ସାହୁ, କୋଷାଧକ୍ଷ ପ୍ରବିଣ କୁମାର ବେହେରାଙ୍କ ସମେତ ବିଭିନ୍ନ ପ୍ରକୋଷ୍ଠ ପ୍ରମୁଖ, କାର୍ଯକାରୀ ସଦସ୍ୟ ମାନଙ୍କର ନାମ ଘୋଷାଣ କରିଥିଲେ । ସେଠାରେ ସେ ଏକ ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ଓ ପର୍ଯ୍ୟାବରଣ ସୁରକ୍ଷା ଦିଗରେ ବନୀକରଣ ସହିତ ଅଧିକ ମାତ୍ରାରେ ଯେପରି ନୂତନ ଚାରା ରୋପଣ ଦିଗରେ ବ୍ରତୀ ହୋଇ ଏହାର ସୁରକ୍ଷା ଦେବାକୁ କହିଥିଲେ । ଦ୍ୱିତୀୟ ଦିନ ପ୍ରାନ୍ତୀୟ ବୈଠକରେ ସମ୍ବଲପୁର ଠାରେ ଯୋଗଦେଇ ବିଭିନ୍ନ ଦିଗରୁ କାର୍ଯ୍ୟ ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ । ପୂର୍ବତନ ରାଜ୍ୟ ସଭାପତି ତଥା କେନ୍ଦ୍ରୀୟ କାର୍ଯ୍ୟକାରିଣୀର ଆମନ୍ତ୍ରିତ ସଦସ୍ୟ ରାଧା ମାଧବ ବହିଦାରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ପୂର୍ବ କ୍ଷେତ୍ର ସଂଗଠନ ମନ୍ତ୍ରୀ ରାମଚନ୍ଦ୍ର ସ୍ୱାଇଁ, ସହ ସଂଗଠନ ସମ୍ପାଦକ ବଦ୍ରିନାରାୟଣ ମହାରଣା ବିଶେଷ ରୂପରେ ଯୋଗଦେଇ ଥିଲାବେଳେ ରାଜ୍ୟ ସଂଗଠନ ମନ୍ତ୍ରୀ ସତ୍ୟ ନାରାୟଣ ପଟେଲ୍, ସାଧାରଣ ସମ୍ପାଦକ ମାଣିକ ଲାଲ ବର୍ମା, କୋଷାଧକ୍ଷ ନଳିନୀ ମହାନ୍ତି, କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜିତ୍ ପଟେଲ୍, ବଲାଙ୍ଗିର ଜିଲା ସଭାପତି ଗୋପବନ୍ଧୁ ଶତପଥୀଙ୍କ ସମେତ ଅନ୍ୟ ଜିଲ୍ଲାରୁ ସଦସ୍ୟ ସଦସ୍ୟା ମାନେ ଯୋଗଦେଇଥିଲେ । ଗ୍ରାହକ ପଚାଂୟତକୁ ପ୍ରାନ୍ତର ୧୫ ଗୋଟି ଜିଲ୍ଲାରେ ସ୍ଥିତି ପରଖିବା ସହିତ କାର୍ଯ୍ୟକ୍ରମ ସହିତ ଲୋକଙ୍କୁ ଯୋଡି ରଖିବାକୁ କହିଥିଲେ ।

## ବିଦ୍ୟାଳୟ ସୁରକ୍ଷା ସପ୍ତାହ ପାଳନ

ବଲାଙ୍ଗୀର, (ପି.ଏନ): ବଲାଙ୍ଗିର ସ୍ଥିତ ପତିତପାବନ ଏକାଡେମୀ ଠାରେ ବିଦ୍ୟାଳୟ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି । ପ୍ରଧାନଶିକ୍ଷକ ସିନୁ ସୁନ୍ଦର ପାଢୀଙ୍କ ସଭାପତିତ୍ୱ ଓ ବିଜ୍ଞାନଶିକ୍ଷକ ସୁନିଲ କୁମାରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟରେ ବିଭିନ୍ନ ସମୟରେ ସମ୍ମାନୀତ ଅତିଥିମାନେ ଆସି ଛାତ୍ରଛାତ୍ରୀମାନଙ୍କୁ ସୁରକ୍ଷା ସପ୍ତାହ ବିଷୟରେ ମତାମତ ରଖିଥିଲେ । ଏହି ଅବସରରେ ବିଦ୍ୟାଳୟରେ ସ୍ୱଚ୍ଛତା, ଶୃଙ୍ଖଳା ନୀତି ପାଳନ, ବୃକ୍ଷଗୁଡିକର ସୁରକ୍ଷା, ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷୟିତ୍ରୀଙ୍କ ସୁରକ୍ଷା, ଯାତାୟତ ସୁରକ୍ଷା ତଥା ପ୍ରାଥମିକ ଚିକିତ୍ସା ବିଷୟରେ ଛାତ୍ରଛାତ୍ରୀମାନଙ୍କୁ ଅବଗତ କରାଯାଇଥିଲା । ପ୍ରାଥମିକ ଚିକିତ୍ସାର ଅଧ୍ୟାପକ ରବି ଚନ୍ଦ୍ର ପଶାୟତ ଓ ଫାଷ୍ଟ ଏଡର ରାମ ନାରାୟଣ ଦାଶଙ୍କ ଦ୍ୱାରା ପ୍ରାଥମିକ ଚିକିତ୍ସା ବିଷୟରେ ଡେମୋନେଷ୍ଟ୍ରେସନ ମାଧ୍ୟମରେ ପିଲାମାନଙ୍କୁ ବିଭିନ୍ନ କୌଶଳ ଶିକ୍ଷା ଦିଆଯାଇଥିଲା । ପ୍ରାଥମିକ ଚିକିତ୍ସା, ଲକ୍ଷ, ଉଦ୍ଦେଶ୍ୟ, ମୁର୍ଚ୍ଛା, ବ୍ୟାଣ୍ଡେଜ୍, କ୍ଷତ, ରକ୍ତ ସ୍ରାବ, ନିଆଁ ଲାଗିବା ଭଳି ବିଭିନ୍ନ ସ୍ଥିତିରେ କିପରି ପ୍ରାଥମିକ ଚିକିତ୍ସା ଦିଆଯିବ ସେହି ବିଷୟରେ ପ୍ରଦର୍ଶନ ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କୁ ବୁଝାଇ ଦିଆଯାଇଥିଲା । କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ଝୁମୁଲତା ସାବତ, ଅଂଶୁପା ଭୋଇ, ଅନନ୍ୟା ମିଶ୍ର ତଥା ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ଓ ବ୍ୟକ୍ତିବିଶେଷ ସହଯୋଗ କରିଥିଲେ । ଶିକ୍ଷୟିତ୍ରୀ ମଧୁସ୍ମିତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ଉମର ବଳଦେବଜୀଉ ଓ ହନୁମାନ ମନ୍ଦିର ପର୍ଯ୍ୟଟନସ୍ଥଳୀ ସଂଯୋଗୀକରଣ ରାସ୍ତା ପାଲଟିଛି ମରଣଯନ୍ତା

ସାଲେପୁର, (ପି.ଏନ): ମାହାଙ୍ଗା ବ୍ଲକର ଐତିହ୍ୟ ଭାବେ ପରିଚିତ ପର୍ଯ୍ୟଟନସ୍ଥଳ ଉମର ବଳଦେବଜୀଉ ଓ ହନୁମାନ ମନ୍ଦିରକୁ ସଂଯୋଗ କରୁଥିବା ଖନ୍ଦୋଳ – ଉମର ଗ୍ରାମ୍ୟ ଉନ୍ନୟନ ରାସ୍ତା ରକ୍ଷଣାବେକ୍ଷଣ ଅଭାବରୁ ଏବେ ପଥଚାରୀଙ୍କ ପାଇଁ ମରଣଯନ୍ତା ପାଲଟିଛି । ଦୀର୍ଘ ବର୍ଷ ଧରି ଏହି ରାସ୍ତାର ପୁରୁଣାମଠ ଠାରୁ ଉମର ଓ ଭଉଁରିଆ ଠାରୁ ପନ୍ଦରବାଟିଆ ମଇଯୋରା ପୋଲ ପର୍ଯ୍ୟନ୍ତ ରାସ୍ତାର ମରାମତି କରାଯାଉନଥିବାରୁ ରାସ୍ତାରେ ବଡ ବଡ ଖାଲଖମା ସୃଷ୍ଟି ହେବା ଫଳରେ ପ୍ରତ୍ୟହ ଛୋଟ ବଡ ଦୁର୍ଘଟଣାମାନ ଘଟୁଛି । ବିଶେଷ କରି ପନ୍ଦରବାଟିଆ ଗ୍ରାମ ମଧରେ ହୋଇଥିବା ଢଳେଇ କଂକ୍ରିଟ ରାସ୍ତାରୁ ଏବେ ବଡ ବଡ ଢଳେଇ ଖଣ୍ଡମାନ ବାହାରି ଅନେକ ସ୍ଥାନରେ ଗାତ ଓ ଫାଟ ସୃଷ୍ଟି ହୋଇଛି । ଏହି ରାସ୍ତାର ଖନ୍ଦୋଳ ଠାରୁ ପନ୍ଦରବାଟିଆ ପୋଲ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ସଡକ ଯୋଜନାରେ ଅର୍ନ୍ତଭୁକ୍ତ କରାଯାଇ କାର୍ଯ୍ୟ କରାଯାଇଥିବାବେଳେ ଆଜି ପର୍ଯ୍ୟନ୍ତ ଏହାର ରକ୍ଷଣାବେକ୍ଷଣ କାର୍ଯ୍ୟ କରାଯାଇନାହିଁ । ଏହି ରାସ୍ତା ମଧରେ ଜମିଜମା ବିବାଦ ଯୋଗୁ ପନ୍ଦରବାଟିଆ ଗ୍ରାମରେ ପୂର୍ବରୁ ହୋଇଥିବା ଅଣ ଓସାରିଆ ଢଳେଇ ରାସ୍ତା ସଂପ୍ରସାରଣ କରାନଯାଇ ଅଧପନ୍ତରିଆ ଭାବେ ଛାଡି ଦିଆଯାଇଛି । ଯାହା ଫଳରେ ଏହି ପୁରୁଣା ଢଳେଇ ରାସ୍ତା ଏବେ ମରଣଯନ୍ତା ପାଲଟିଛି । ସେହିପରି ପୁରୁଣାମଠ ଠାରୁ ଉମର ଲାଇବ୍ରେରୀ ଛକ ପର୍ଯ୍ୟନ୍ତ ପିଚୁ ରାସ୍ତା ମରାମତି କରାନଯିବାରୁ ବିଭିନ୍ନ ସ୍ଥାନରେ ରାସ୍ତା ଦବି ଆଣ୍ଠୁଏ ଆଣ୍ଠୁଏ ପାଣି ଜମି ରହିଥିବାରୁ ଯାନବାହନରେ ଯାତାୟତ କରୁଥିବା ଯାତ୍ରୀମାନେ ଦୁର୍ଘଟଣାର ସମ୍ମୁଖିନ ହେଉଛନ୍ତି ।

## ପାରାଦୀପ ବନ୍ଦର ଶ୍ରମିକ ୟୁନିୟନର ୩୮ ତମ ବାର୍ଷିକ ସମ୍ମିଳନୀ

ପାରାଦୀପ,(ପି.ଏନ): ପାରାଦୀପ ବନ୍ଦର ଶ୍ରମିକ ୟୁନିୟନର ୩୮ତମ ବାର୍ଷିକ ସମ୍ମିଳନୀ ମଧୁବନସ୍ଥିତ ୟୁନିୟନ ପରିସରରେ ଆୟୋଜିତ ହୋଇଯାଇଛି । ବରିଷ୍ଠ ଶ୍ରମିକ ନେତା ଅଜେୟ ରାଉତଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଏହି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ବର୍ଷିୟାନ କୃଷକ ନେତା ସଚ୍ଚିକାନ୍ତ ପାଣି, ୟୁନିୟନର ସାଧାରଣ ସମ୍ପାଦକ ନିମାଇଁ ଚରଣ ବରାଳ ପ୍ରମୁଖ ଯୋଗ ଦେଇ ଜାତି,ଧର୍ମ,ବର୍ଣ୍ଣ ଓ ଅଂଚଳ ନାମରେ ଶ୍ରମିକ ଶ୍ରେଣୀକୁ ଭାଗ ଭାଗ କରି ଦେଶର ଶାସକ ଗୋଷ୍ଠୀ ଶ୍ରମିକ ଶୋଷଣ ନିତୀ ବିରୁଦ୍ଧରେ ଶ୍ରମିକ ଶ୍ରେଣୀ ସଚେତନ ଏବଂ ସଙ୍ଗଠିତ ହେବାକୁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ଆଗାମୀ ବର୍ଷ ନିମନ୍ତେ ଅଜେୟ ରାଉତ ସଭାପତି, ନିମାଇଁ ଚରଣ ବରାଳ ସାଧାରଣ ସମ୍ପାଦକ, ଅଜୟ କୁମାର ବେହେରା ସହ-ସାଧାରଣ ସମ୍ପାଦକ, କୁଶ ଚରଣ ସୂତାର ଉପସଭାପତି ଏବଂ ଅଜୟ କୁମାର ସାହୁ କୋଷାଧକ୍ଷଙ୍କ ସମେତ ୧୮ ଜଣ କର୍ମକର୍ତା ଏବଂ ୪୯ ଜଣିଆ କାର୍ଯ୍ୟକାରୀ କମିଟି ସଭ୍ୟ ନିର୍ବାଚିତ ହୋଇଛନ୍ତି । ଏହି ସମ୍ମିଳନୀରେ ଶତାଧିକ ବନ୍ଦର ଶ୍ରମିକ ଓ କର୍ମଚାରୀ ଯୋଗ ଦେଇଥିଲେ ।

## ରାପିଡୋ ପକ୍ଷରୁ ଆପ୍ ଆଧାରିତ ଅଟୋ ବୁକିଙ୍ଗ ସେବା 'ରାପିଡୋ ଅଟୋ'ର ଶୁଭାରମ୍ଭ

ଭୁବନେଶ୍ୱର: ଭାରତର ବୃହତମ ବାଇକ ଟାକ୍ସି ପ୍ଲାଟଫର୍ମ, ରାପିଡୋ ପକ୍ଷରୁ ଭାରତର ୧୦ଟି ରାଜ୍ୟର ୧୪ଟି ସହରରେ ଏହାର ରାପିଡୋ ଅଟୋ ସେବାର ଶୁଭାରମ୍ଭ କରାଯାଇଛି । ଏହି ସେବା ଯାତ୍ରୀମାନଙ୍କୁ ନିଜ ଘରର ଆରାମ ଏବଂ ସୁରକ୍ଷା ମଧ୍ୟରେ ରହି ସେମାନଙ୍କ ଦୈନନ୍ଦିନ ଯାତ୍ରା ପାଇଁ ଅଟୋ ବୁକ୍ କରିବାର ଅନୁମତି ଦେବ । ଏହି ସେବା ସର୍ବନିମ୍ନ ସୁବିଧା ଦେୟ ସହିତ ମିଟର ମୂଲ୍ୟରେ ଉପଲବ୍ଧ ହେବ । ୨୦୨୦ ଶେଷ ସୁଦ୍ଧା କମ୍ପାନୀ ଏହି ଅଟୋ ସେବାକୁ ଭାରତର ୫୦ଟି ସହରକୁ ସଂପ୍ରସାରିତ କରିବା ପାଇଁ ଲକ୍ଷ ରଖିଛି । ଏହା ହେଉଛି ଶୁଭାରମ୍ଭର ପ୍ରଥମ ପର୍ଯ୍ୟାୟ ଏବଂ ଏପର୍ଯ୍ୟନ୍ତ ରାପିଡୋ ୨୦,୦୦୦ ଅଟୋ କ୍ୟାପ୍‌ଟେନମାନଙ୍କୁ (ଚାଳକ-ସହଯୋଗୀ) ଅନ୍ତର୍ଭୁକ୍ତ କରିସାରିଛି । ଏହା ଆଗାମୀ ୬ ମାସ ମଧ୍ୟରେ ଅଧା ମିଲୟନ କ୍ୟାପ୍‌ଟେନଙ୍କୁ ସାମିଲ କରିବାର ଲକ୍ଷ ରଖିଛି । ଇଚ୍ଛୁକ ଅଟୋ




ଚାଳକମାନେ ରାପିଡୋ କ୍ୟାପ୍‌ଟେନ ଆପ୍ କିମ୍ବା ରାପିଡୋ ହେଲ୍‌ପଲାଇନ୍ ନମ୍ବରରେ ଯୋଗାଯୋଗ କରି ନିଜେ ଏହି ସେବାରେ ସାମିଲ ହୋଇପାରିବେ । ରାପିଡୋ ଅଟୋର ଶୁଭାରମ୍ଭ ସମ୍ପର୍କରେ ରାପିଡୋର ସହ ପ୍ରତିଷ୍ଠାତା ଶ୍ରୀ ଅରବିନ୍ଦ ଶଙ୍କା କହିଛନ୍ତି ଯେ, "ଏହି ରାପିଡୋ ଅଟୋ ଜରିଆରେ ଆମେ ଯାତ୍ରୀମାନଙ୍କୁ ଆମର ବାଇକ ସେବା ବ୍ୟତୀତ ସେମାନଙ୍କ ଦୈନନ୍ଦିନ ଯାତ୍ରା ପାଇଁ ଅନ୍ୟ ଏକ ସୁଲଭ ଏବଂ ସୁରକ୍ଷିତ ବିକଳ୍ପ ଯୋଗାଇଦେବାର ଲକ୍ଷ ରଖିଛୁ, ଯାହା ପରିଚାଳନା ଏବଂ ମୂଲ୍ୟ ନିର୍ଦ୍ଧାରଣରେ ମୂଲ୍ୟଯୁକ୍ତ ଅଟେ ।" ରାପିଡୋ ଅଟୋ ସୁବଠାରୁ ସୁଲଭ ଏବଂ ଆନ୍ତଃ ସହର ଯାତାୟାତ ବିକଳ୍ପରେ ସୁରକ୍ଷା ଅଂଶକୁ ସାମିଲ କରିବ । ପ୍ରତ୍ୟେକ ରାପିଡୋ ଅଟୋ ରାପିଡୋର ଜିପିଏସ ଟେକ୍ନୋଲୋଜିରେ ସମୃଦ୍ଧ ରହିବ । ରାପିଡୋ ଅଟୋ ଜରିଆରେ ବ୍ୟବହାରକାରୀମାନେ ସେମାନଙ୍କ ଭ୍ରମଣକୁ ନିଜର ପ୍ରିୟଜନଙ୍କ ସହିତ ରିୟଲ ଟାଇମ ମଧ୍ୟରେ ଟ୍ରାକ ଏବଂ ସେୟାର କରିବାକୁ ସକ୍ଷମ ହେବେ । ଯାତ୍ରୀମାନଙ୍କ ପାଇଁ ଏକ ସୁରକ୍ଷିତ ଏବଂ ଅନୁରୂପ ଅଭିଜ୍ଞତାକୁ ସୁନିଶ୍ଚିତ କରିବା ଲାଗି ରାପିଡୋ ବାଇକ ଟାକ୍ସିଗୁଡ଼ିକ ଭଳି ରାପିଡୋ ଅଟୋରେ ମଧ୍ୟ ଏକ ଇନ-ଆପ ଫିଡବ୍ୟାକ ମେକାନିଜିମ ରହିବ । ଗ୍ରାହକ ଏବଂ କ୍ୟାପ୍‌ଟେନମାନଙ୍କୁ ସୁରକ୍ଷା ଦେବା ପାଇଁ ମାନଦଣ୍ଡଗୁଡ଼ିକର ଅନୁସରଣ କରିବା ଏବଂ ସୁରକ୍ଷା ବଜାୟ ରଖିବା ଦିଗରେ ନିକଟରେ ରାପିଡୋ ପକ୍ଷରୁ ବାଇକ ଟାକ୍ସି ରାଇଡ ପାଇଁ ଅଭିନବ ସୁରକ୍ଷା ବ୍ୟାକ ସିଲ୍ଡ ସମେତ ଅନେକ ପଦକ୍ଷେପର ଘୋଷଣା କରାଯାଇଛି ।

## ଟି୨୦ ସିଜନ୍‌ରେ ଭାରତର 'ରିଅଲ୍ ହିରୋ'ଙ୍କୁ ରୟାଲ ଚ୍ୟାଲେଞ୍ଜ୍ ସ୍ପୋର୍ଟସ୍ ଡ୍ରିଙ୍କ୍‌ର ସାଲ୍ୟୁଟ୍

ଭୁବନେଶ୍ୱର: ଚଳିତ ବର୍ଷ ଆରମ୍ଭରୁ ଜୀବନର ଅର୍ଥ ବଦଳିଯାଇଛି । ସାଧାରଣ ଲୋକ ଆଗଧାଡ଼ିର ଯୋଦ୍ଧାରେ ପରିଣତ ହୋଇଛନ୍ତି ଯେଉଁମାନେ ମହାମାରୀର ଅପ୍ରତ୍ୟାଶିତ ସମୟରେ ନିଜ କର୍ତବ୍ୟରୁ ଆଗକୁ ବଢି କାର୍ଯ୍ୟ କରିଛନ୍ତି । ଏହି 'ବାସ୍ତବ ଚ୍ୟାଲେଞ୍ଜରମାନଙ୍କୁ' ସାଲ୍ୟୁଟ୍ ଜଣାଇବା ପାଇଁ ରୟାଲ ଚ୍ୟାଲେଞ୍ଜ୍ ସ୍ପୋର୍ଟସ୍ ଡ୍ରିଙ୍କ୍, ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ସହିତ ଏକତ୍ରିତ ହୋଇଛି । ସାମ୍ପ୍ରତିକ ପରିସ୍ଥିତିରେ ଅସହାୟଙ୍କୁ ସହଯୋଗ ପାଇଁ ନିସ୍ୱାର୍ଥପର ଭାବେ କାମ କରିଥିବା ଭାରତର ଏହି ପ୍ରକୃତ ଚ୍ୟାଲେଞ୍ଜର୍‌ମାନଙ୍କର ହୃଦୟସ୍ପର୍ଶୀ, ବୀରତ୍ୱର କାହାଣୀ ସହିତ ଏହି ଅଭିଯାନ ଲକ୍ଷ ଲକ୍ଷ ଲୋକଙ୍କୁ ଏହି ବିଚାରଧାରାକୁ ଆପଣାଇବା ଏବଂ ନିଜ ମଧ୍ୟରେ ପ୍ରକୃତ ଚ୍ୟାଲେଞ୍ଜର ହେବା ପାଇଁ ଅନୁପ୍ରାଣିତ କରିବ । ଏହି ଅଭିଯାନ ଏକ ଟିଭିସି ସହିତ ଲାଇଭ୍ ପ୍ରସାରିତ ହେଉଛି ଯେଉଁଥିରେ ବିରାଟ କୋହଲି, ଏବି ଡେଭିଲିୟର୍ସ ଓ ୟୁଜ୍‌ବେନ୍ଦ୍ର ଚହଲ୍ ଗର୍ବର ସହିତ ଏହି ହିରୋମାନଙ୍କ କାହାଣୀ ବର୍ଣ୍ଣନା କରିଛନ୍ତି, ଯେଉଁମାନେ ଏଭଳି ଆହ୍ୱାନପୂର୍ଣ୍ଣ ସମୟରେ ନିଜର ଅବଦାନ ଦେଉଛନ୍ତି । ଆମ ଦେଶର ଗଭୀରତାରେ ସଂସ୍କୃତିର ବିବିଧତା ସହିତ ବିଭିନ୍ନ କ୍ଷେତ୍ର ହିରୋମାନେ ଭାଇଚାରା ଓ ମାନବଜାତିର ସମର୍ଥନରେ ନିଜ ସୀମାକୁ ଭାଙ୍ଗି ସାହସର ପ୍ରଦର୍ଶନ କରିଛନ୍ତି । ଭୁବନେଶ୍ୱରର ନିବାସୀ ଏଭଳି ଜଣେ ହିରୋ ହେଉଛନ୍ତି ନିଳାଚଳ ପରିଡା (୨୫ ବର୍ଷ), ଯିଏକି ହେଉଛନ୍ତି ଜଣେ ଜାତୀୟ ସ୍ତରୀୟ ପର୍ବତାରୋହୀ । ଏକ ପୂର୍ବ ନିର୍ଦ୍ଧାରିତ ୟୁରୋପିୟ ଅଭିଯାନକୁ ବାତିଲ କରିବା ପରେ ସେ ନିଜର ସମୟ ଓ ପ୍ରୟାସକୁ ମହାମାରୀ ସମୟରେ ସାହାଯ୍ୟ ଆବଶ୍ୟକ କରୁଥିବା ଅସହାୟ ଲୋକଙ୍କ ଉପରେ ଧ୍ୟାନ କେନ୍ଦ୍ରିତ କରିବାରେ ବିନିଯୋଗ କରିବାକୁ ନିଷ୍ପତି ନେଇଥିଲେ । ନିଜ ବନ୍ଧୁମାନଙ୍କ ସହଯୋଗରେ ନିଳାଚଳ ପନିପରିବା ବିକ୍ରି କରିବା, ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହେଉଥିବା ବରିଷ୍ଠ ନାଗରିକଙ୍କ ପାଇଁ ମାଗଣା ହୋମ୍ ଡେଲିଭରିର ବିକଳ୍ପ ପ୍ରଦାନ କରିବା ଲାଗି ଏକ ମେକ୍‌ସିଫ୍ଟ ହଟ୍ ସ୍ଥାପନ କରିଥିଲେ । ଏହି କାର୍ଯ୍ୟ ସହରର ବରମୁଣ୍ଡା ଅଂଚଳର ନିବାସୀମାନଙ୍କୁ ଅନେକ ସାହାଯ୍ୟ କରିଥିଲା ଏବଂ ନିଜର ମୂଲ୍ୟବାନ ଅବଦାନ ପାଇଁ ତାଙ୍କୁ ପ୍ରଶଂସା କରାଯାଇଥିଲା ।




# ତନ୍ତ୍ର ସାଧନା ପୀଠ ମା ବିଶେଶ୍ୱରୀ ଠାକୁରାଣୀ

ପୁରୀ, (ପି.ଏନ): ଶ୍ରୀକ୍ଷେତ୍ରରେ ଅନେକ ଦେବାଦେବୀ ମନ୍ଦିର ପ୍ରତିଷ୍ଠା ଲାଭକରି ଶ୍ରୀମନ୍ଦିର ଚାରିପଟେ ରହିଛନ୍ତି। ସେହିପରି ତନ୍ତ୍ର ସାଧନା ପୀଠ ଭାବେ ମା ବିଶେଶ୍ୱରୀ ଠାକୁରାଣୀ ପ୍ରସିଦ୍ଧି ଲାଭ କରିଥିଲେ। ଚୋଡ଼ଗଙ୍ଗ ଦେବଙ୍କ ରାଜୁତି ସମୟରେ ଏହି ମନ୍ଦିର ପ୍ରତିଷ୍ଠା କରାଯାଇଥିବା ଅନୁମାନ କରାଯାଏ। ନିତେଇ ଧୋବଣୀ ଓ ପିତେଇ ସଉତୁଣୀ ଦୁହେଁ ତନ୍ତ୍ର ବଳରେ ଶ୍ରୀମନ୍ଦିରରେ ଥିବା ମା ବିମଳା ମନ୍ଦିରରେ ତନ୍ତ୍ର ସାଧନା କରିବାରୁ ଭକ୍ତମାନେ ମାଙ୍କୁ ଦର୍ଶନ କରିପାରୁନଥିଲେ। ଚୋଡ଼ଗଙ୍ଗ ଦେବ ଦାକ୍ଷିଣାତ୍ୟ ବିଜେ ସମୟରେ ମା'ଙ୍କ ମୂର୍ତିକୁ ଆଣିଥିବା କଥିତ ଅଛି। ଠାକୁରାଣୀଙ୍କ ମନ୍ଦିର ସହ ଶ୍ରୀମନ୍ଦିରର ସମ୍ପର୍କ ରହିଛି। ଶ୍ରୀଜଗନ୍ନାଥ ବଲ୍ଲଭ ଓ ନରେନ୍ଦ୍ର ପୁଷ୍କରଣୀର ଦକ୍ଷିଣ-ପଶ୍ଚିମ କୋଣରେ ମା ବିଶେଶ୍ୱରୀଙ୍କ ମନ୍ଦିର ଅବସ୍ଥିତ। ମା'ଙ୍କ ମୂର୍ତିର ଉଚ୍ଚତା ୧୫ ଫୁଟ । ମା'ଙ୍କ ପାର୍ଶ୍ୱଦେବୀ ଭାବେ ପଶ୍ଚିମରେ ବରାହୀ, ପୂର୍ବରେ କାଳୀ ଓ ଉତରରେ ତାରାଦେବୀ ରହିଛନ୍ତି। ଦ୍ୱାରପାଳ ଭାବେ ଛାୟା ଓ ମାୟା ବିଜେ କରିଛନ୍ତି। ମା ବିଶେଶ୍ୱରୀ ହେଉଛନ୍ତି ଚର୍ତୁଭୂଜା। ମା'ଙ୍କ ଉପର ଦୁଇ ହାତରେ ଖଣ୍ଡା ଖର୍ପର ଧରିଛନ୍ତି ଓ ନିମ୍ନ ଦୁଇ ହାତରେ ଅଭୟ ଓ ବରଦ ରହିଛି। ପ୍ରଭାର ଉଚ୍ଚତା ପ୍ରାୟ ୫ ଫୁଟ। ଦ୍ୱାରଦେଶରେ ନବଗ୍ରହ ମୂର୍ତି ରହିଛି। ମା'ଙ୍କର ମଧାହ୍ନରେ ଶଙ୍ଖୁଡ଼ି ଭୋଗ ଓ ରାତିରେ ମହାପ୍ରସାଦ ଅର୍ପଣ କରାଯାଏ। ବନଦୁର୍ଗା ମନ୍ତ୍ରରେ ମା'ଙ୍କୁ ପୂଜା କରାଯାଉଛି। ଆଶ୍ୱୀନ ମାସ ଷୋଳପୂଜା ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନିଯୁକ୍ତ ବ୍ରାହ୍ମଣମାନେ ଚଣ୍ଡୀପାଠ କରିଥାନ୍ତି । ତନ୍ତ୍ର ସାଧନା ପୀଠ ହେଉଥିବାରୁ ପୀଠ ନିକଟରେ ହାଡ଼ ପଡ଼ିଥିବାରୁ କାଳକ୍ରମେ ସେହି ସାହିର ନାମ ହାଡ଼ଗଡ଼ିଆ ସାହି ହୋଲି କଥିତ ଅଛି। ସେହି ସାହିରେ ତାନ୍ତ୍ରୀକମାନେ ରହୁଥିଲେ। ମା'ଙ୍କ ପୀଠରେ ଖଣ୍ଡ ମାଛ ବେସର ବେଶ ପ୍ରସିଦ୍ଧି ଲାଭ କରିଛି। ମନ୍ଦିର ମୁଖ୍ୟ ପୁଜକ ଗଣେଶ ଚନ୍ଦ୍ର ଦାଶ କୁହନ୍ତି ନବକଳେବର ସମୟରେ ଦାରୁ ଚୟନ ପାଇଁ ଏହି ଠାରେ ଚଣ୍ଡୀପାଠ ହୁଏ। ଦାରୁ ନ୍ୟାଶ ସମୟରେ ପୂଜାର୍ଚ୍ଚନା କରାଯାଏ । ମା ଦକ୍ଷିଣକୁ ମୁହଁ କରି ରହିଛନ୍ତି । ମନ୍ଦିର ନବଗ୍ରହ ମୂର୍ତି ନିକଟରେ ବାଘାମ୍ବରୀ ଓ ଦିଗାମ୍ବରୀ ମୂର୍ତି ରହିଛି । ମନ୍ଦିର ପରିସରରେ କାଳୀ, ତାରା, ଷୋଡ଼ଶୀ, ଛିନ୍ନମସ୍ତା, ଭୁବନେଶ୍ୱରୀ, ଭୈରବୀ, ଧୂମାବତୀ, ବଗଳାମୁଖୀ, କମଳା ଓ ମାତାଙ୍ଗୀନୀ ପୂଜା ପାଉଛନ୍ତି। ମନ୍ଦିରରେ ସମ୍ମୁଖରେ ଦୁଇଟି ସିଂହମୁର୍ତି ରହିଛନ୍ତି । ମନ୍ଦିର ପରିସରରେ ଗୋଟିଏ କୂଅ ଥିବାବେଳେ ରୋଷଘର ମଧ ରହିଛି । ସକାଳେ ଓ ସନ୍ଧ୍ୟାରେ ପୂଜକ ସୁରେଶ ଚନ୍ଦ୍ର ଦାଶ ପୂଜାର୍ଚ୍ଚନା କରିବା ସହ ମନ୍ଦିର ଉନ୍ନତି ପାଇଁ ପ୍ରୟାସ ଜାରି ରଖିଛନ୍ତି । ମଙ୍ଗଳବାର, ଶନିବାର, ଓ ସଂକ୍ରାନ୍ତିରେ ମନ୍ଦିରରେ ଭକ୍ତଙ୍କ ଗହଳି ଲାଗି ରହିଥାଏ । ରଜସଂକ୍ରାନ୍ତି,ଚୈତ୍ର ମଙ୍ଗଳବାର ପୂଜା, ଆଶ୍ୱୀନ ମାସ ସମେତ ବିଭିନ୍ନ ପର୍ବପର୍ବାଣୀରେ ମଧ ମା'ଙ୍କ ନୀତିକାନ୍ତି ଅନୁଷ୍ଠିତ ହୁଏ । ସକାଳେ ଓ ସନ୍ଧ୍ୟାରେ ଭକ୍ତମାନେ ମାଙ୍କ ଦର୍ଶନ କରି ମାଙ୍କ ଆଶିଷ ଲାଭ କରୁଛନ୍ତି ।

## ଅଲ ଓଡିଶା ଚେସ୍ ଚାମ୍ପିଅନସିପ ଉଦଯାପିତ, ହର୍ଷିତ ରଞ୍ଜନ ସାହୁ ଚାମ୍ପିୟାନ

ଭୁବନେଶ୍ୱର,(ପି.ଏନ): ଅଲ ଓଡିଶା ଚେସ୍ ଚାମ୍ପିଅନସିପରେ କଟକର ହର୍ଷିତ ରଞ୍ଜନ ସାହୁ ଚାମ୍ପିୟାନ ହୋଇଛନ୍ତି । ଦ୍ୱିତୀୟ ରେ ଖୋର୍ଦ୍ଧାର ରାଜେନ୍ଦ୍ର କୁମାର ସାହୁ ଏବଂ ତୃତୀୟ ସ୍ଥାନ ଅଧିକାର କରିଛନ୍ତି କଟକର ନିଲସୁ ପଟ୍ଟନାୟକ। ସେମାନଙ୍କୁ ଟ୍ରଫି ସହ ପ୍ରାଇଜ ମନି ପ୍ରଦାନ କରାଯାଇଛି। ଅନ୍ୟପଟେ ଶ୍ରେଷ୍ଠ ୧୫ ଜଣ ଖେଳାଳିଙ୍କୁ ଟ୍ରଫି ସହ ପ୍ରାଇଜ ମନି ପ୍ରଦାନ କରାଯାଇଛି। ଏହା ବ୍ୟତୀତ ବିଭିନ୍ନ ଏଜ ଗ୍ରୁପରେ ଭାଗ ନେଇ ସଫଳ ହୋଇଥିବା ପ୍ରତିଯୋଗୀଙ୍କୁ ମଧ ଟ୍ରଫି ଓ ସାର୍ଟିଫିକେଟ ପ୍ରଦାନ କରାଯାଇଛି। ଅଣ୍ଡର-୭ କ୍ୟାଟେଗୋରୀରେ କଟକର ଆଦଭିକ ଆଦିତ୍ୟ ସ୍ୱାଇଁ , ଅଣ୍ଡର-୯ କ୍ୟାଟେଗୋରୀରେ ସାର୍ଥକ ମହାନ୍ତି, ଅଣ୍ଡର-୧୧ କ୍ୟାଟେଗୋରୀରେ ଜୟଦିତା ପାଢ଼ୀ , ଅଣ୍ଡର-୧୩ କ୍ୟାଟେଗୋରୀରେ ପ୍ରତିସା ମିତ୍ର, ଅଣ୍ଡର-୧୫ କ୍ୟାଟେଗୋରୀରେ ଐଶ୍ୱର୍ଯ୍ୟ ରାଉତ ବିଜୟୀ ହୋଇଛନ୍ତି। ଓଡିଶା ଚେସ୍ ଆସୋସିଏସନ୍ ବ୍ୟାନରରେ ଆଇ.ଆଇ.ଜି ସ୍ପୋର୍ଟସ୍ ଏକାଡେମୀ ପକ୍ଷରୁ କେଟି ଗ୍ଲୋବାଲ୍ ସ୍କୁଲ୍ କ୍ୟାମ୍ପସରେ ୧୬ ତାରିଖରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତା ୧୮ ତାରିଖ ଉଦଯାପିତ ହୋଇଛି।

# ଏମ୍ସ ଭୁବନେଶ୍ୱରର ଦଶମ ପ୍ରତିଷ୍ଠା ଦିବସ ପାଳିତ

ଭୁବନେଶ୍ୱର,(ପି.ଏନ): ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ପୂର୍ବ ଭାରତରେ ଏମ୍ସ ଭୁବନେଶ୍ୱର ଓଡ଼ିଶା ତଥା ପଡ଼ୋଶୀ ରାଜ୍ୟର ଲୋକମାନଙ୍କର ଆସ୍ଥାଭାଜନ ହେବାରେ ସଫଳ ହୋଇଛି। ଆଗାମୀ କିଛିବର୍ଷ ମଧ୍ୟରେ ଏହା ଦେଶର ଏକ ଶ୍ରେଷ୍ଠ ଉତ୍କର୍ଷ କେନ୍ଦ୍ରରେ ପରିଣତ ହେବା ନେଇ କୌଣସି ସଂଶୟ ନାହିଁ। ପ୍ରଥମ ଦଶନ୍ଧିର ସଫଳ ଯାତ୍ରାରେ ଏହି ଜାତୀୟ ଅନୁଷ୍ଠାନ ଅନେକ ମାଇଲଖୁଂଟ ହାସଲ କରିଛି ଏବଂ ଏକ ଗୌରବମୟ ଭବିଷ୍ୟତର ବିଶ୍ୱାସ ସୃଷ୍ଟି କରିଛି। ରୋଗୀ ସେବା, ଗବେଷଣା ଅଥବା ଅନ୍ୟାନ୍ୟ ବିଭିନ୍ନ ସାମାଜିକ କଲ୍ୟାଣ କାର୍ଯ୍ୟ, ଏମ୍ସ ଭୁବନେଶ୍ୱର ପ୍ରତ୍ୟେକ କ୍ଷେତ୍ରରେ ଅନେକ ପ୍ରଶଂସା ଅର୍ଜନ କରିଥିବା ଏହି ଅନୁଷ୍ଠାନର ଦଶମ ପ୍ରତିଷ୍ଠା ଦିବସ ସମାରୋହରେ ଯୋଗ ଦେଇଥିବା ବିଶିଷ୍ଟ ଅତିଥି ତଥା ମାନ୍ୟଗଣ୍ୟ ବ୍ୟକ୍ତି ମତବ୍ୟକ୍ତ କରିଛନ୍ତି। ଚଳିତ ମାସ ୧୫ରେ ଅନୁଷ୍ଠିତ ଏମ୍ସର ଦଶମ ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ଏମ୍ସ ଯୋଧପୁରର ନିର୍ଦ୍ଦେଶକ ପ୍ରଫେସର ସଞ୍ଜୀବ ମିଶ୍ର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପ୍ରଥମ ଦଶନ୍ଧିର ସଫଳ ଯାତ୍ରା ପାଇଁ ଏମ୍ସ ଭୁବନେଶ୍ୱରର ଚିକିତ୍ସକ, କର୍ମଚାରୀ ଏବଂ ସମସ୍ତ ଅଂଶୀଦାରଙ୍କୁ ଅଭିନନ୍ଦନ ଜଣାଇଥିଲେ। ସ୍ୱାସ୍ଥ୍ୟସେବା, ଡାକ୍ତରୀ ଶିକ୍ଷା ଏବଂ ଗବେଷଣାରେ ଡିଜିଟାଲ ନବସୃଜନ ପାଇଁ ଟେକ୍ନୋଲୋଜିର ସହଯୋଗ ଉପରେ ପ୍ରଫେସର ମିଶ୍ର ଗୁରୁତ୍ୱାରୋପ କରିଥିଲେ। ଆଭାଷୀ ସମ୍ଭାଷଣରେ ଏମ୍ସ ଭୁବନେଶ୍ୱର ନବନିଯୁକ୍ତ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଫେସର ଆଶୁତୋଷ ବିଶ୍ୱାସ ଏପରି ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନର ସୁପରିଚାଳନା ପାଇଁ ଉନ୍ନତ ଦଳଗତ କାର୍ଯ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଏମ୍ସ ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ମୁକେଶ ତ୍ରିପାଠୀ ସୂଚନା ଦେଇ କହିଥିଲେ ଯେ ଏମ୍ସ ଭୁବନେଶ୍ୱରରେ ବହୁ ପ୍ରତୀକ୍ଷିତ ବୃକକ (ରେନାଲ୍ ଟ୍ରାନ୍ସପ୍ଲାଣ୍ଟ) ସର୍ଜରୀ ଅଗଷ୍ଟରୁ ଆରମ୍ଭ ହେବାକୁ ଯାଉଛି। ଏହି ପ୍ରକ୍ରିୟା ଆରମ୍ଭ କରିବା ପାଇଁ ଏହି ଜାତୀୟ ଅନୁଷ୍ଠାନ ରାଜ୍ୟ ସରକାରଙ୍କ ମେଡିକାଲ୍ ଏଜୁକେସନ୍ ଆଣ୍ଡ ଟ୍ରେନିଂ ନିର୍ଦ୍ଦେଶାଳୟ (ଡିଏମଇଟି)ଙ୍କ ଠାରୁ ଆବଶ୍ୟକ ଅନୁମତି ପାଇସାରିଛି। ଏଥିସହିତ ଖୁବ୍ ଶୀଘ୍ର ଏଠାରେ ଏକ ଉତ୍ସର୍ଗୀକୃତ୍ ବର୍ଣ୍ଣ ଏବଂ ପ୍ଲାଷ୍ଟିକ୍ ୱାର୍ଡ, ନୂତନ ଟ୍ରମା ଏବଂ ଜରୁରୀକାଳୀନ ୱାର୍ଡ ଏବଂ ଧର୍ମଶାଳା ସେବା ଆରମ୍ଭ ହେବାକୁ ଯାଉଥିବା ଡକ୍ଟର ତ୍ରିପାଠୀ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡିନ୍ (ଏକାଡେମିକ୍) ଡାକ୍ତର ଦେବାଶିଷ ହୋତା, ମେଡିକାଲ୍ ଅଧୀକ୍ଷକ ଡାକ୍ଟର ସଚ୍ଚିଦାନନ୍ଦ ମହାନ୍ତି, ଡିନ୍ ରିସର୍ଚ୍ଚ ଡାକ୍ଟର ବିନୋଦ କୁମାର ପାତ୍ର, ଡିନ୍ ପରୀକ୍ଷା ଡାକ୍ଟର ମନୋଜ କୁମାର ମହାନ୍ତି ଏହି ଜାତୀୟ ଅନୁଷ୍ଠାନର ବିଭିନ୍ନ ସଫଳତା ଏବଂ ଭବିଷ୍ୟତର ଦୃଷ୍ଟିକୋଣ ଉପରେ ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଅତିଥିମାନେ ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଏମ୍ସ ଭୁବନେଶ୍ୱର ପ୍ରତିଷ୍ଠାତା ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଉଲ୍ଲେଖଯୋଗ୍ୟଯେ ଯେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ୧୫ ଜୁଲାଇ ୨୦୦୩ ରେ ଏମ୍ସ ଭୁବନେଶ୍ୱରର ଭିତିପ୍ରସ୍ଥର ସ୍ଥାପନ କରିଥିଲେ ଏବଂ ଏହି ଅନୁଷ୍ଠାନ ୨୦୧୨ ରେ କାର୍ଯ୍ୟ ଆରମ୍ଭ କରିଥିଲା। ୨୦୧୪ ରେ ହସ୍ପିଟାଲ ଉଦ୍ଘାଟିତ ହୋଇଥିଲା। ସଦ୍ୟ ସୂଚନା ଅନୁସାରେ ଏମ୍ସ ଭୁବନେଶ୍ୱରକୁ ପ୍ରତିଦିନ ସାଢ଼େ ଚାରି ହଜାରରୁ ଉର୍ଦ୍ଧ୍ୱ ରୋଗୀ ଚିକିତ୍ସା ପାଇଁ ଆସୁଛନ୍ତି।

# କେନ୍ଦୁଝର:ବାଂଶପାଳ ବ୍ଲକ ଅଂଚଳରେ ହାତୀ ଆତଙ୍କ :ଦୁଇ ଆହତ ୧ ଗୁରୁତର

କେନ୍ଦୁଝର , (ପି.ଏନ): କେନ୍ଦୁଝର ଜିଲ୍ଲାରେ ହାତୀ ଉପଦ୍ରବ ଥମିବାର ନାମ ନେଉନାହିଁ। ତେଲକୋଇ ପରେ ଏବେ ବଂାଶପାଳ ବ୍ଲକ ଅଂଚଳରେ ହାତୀ ଉପଦ୍ରବ ଲାଗି ରହିଛି । ହାତୀ ଆକ୍ରମଣରେ ଦୁଇ ଜଣ ଆହତ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛି । ଜିଲ୍ଲାର ଭୂୟାଁ ଜୁଆଙ୍ଗ ପୀଢ ରେଞ୍ଜ ଅନ୍ତର୍ଗତ ସଂସାରଡିହି ସାହୀରେ ହାତୀ ଆକ୍ରମଣରେ ଦୁଇ ଜଣ ଆହତ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ଗୁରୁତର ଜଣଙ୍କୁ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଜିଲ୍ଲାର ଆଦିବାସୀ ବହୁଳ ଅଂଚଳ ବଂାଶପାଳ ବ୍ଲକ ଅନ୍ତର୍ଗତ କାଦକଳା , ନରସିଂହପୁର , ସୁଣ୍ଡୁରା ଆଦି ଅଂଚଳରେ ଏକ ୧୨ ଟିକିଆ ହାତୀପଲ ଘୁରି ବୁଲୁଥିବା ଗ୍ରାମବାସୀ ଙ୍କ ଠାରୁ ସୂଚନା ମିଳିଛି। ଦିନବେଳା ଏହି ହାତୀପଲ ଝଣ୍ଡାଧାର ଜଙ୍ଗଲରେ କହୁଥିବା ବେଳେ ସଞ୍ଜ ନଇଁଲେ ଖାଦ୍ୟ ଅନ୍ୱେଷଣରେ ଗଂା ଗାଁ ବୁଲୁଛନ୍ତି । ପ୍ରାୟତଃ ପ୍ରତ୍ୟେକ ଦିନ ଏମାନେ ଘର ଭାଙ୍ଗିବା ସହ ଘର ଭିତରେ ସଂଚିତ ଧାନ ଚାଉଳ ଆଦି ଖାଇବା ସହ ଦଳି ଚକଟି ନଷ୍ଟ କରୁଛନ୍ତି । ଗତକାଲି ବିଳମ୍ବିତ ରାତ୍ରୀରେ ଏହି ୧୨ ଟିକିଆ ହାତୀପଲ ନରସିଂହପୁର ଗାଁରେ ସଂସାରଡିହି ସାହୀରେ ପଶି ଘର ଭାଙ୍ଗିବାକୁ ଚେଷ୍ଟା କରିଥିଲେ । କିନ୍ତୁ ଗ୍ରାମବାସୀ ହାତୀପଲଙ୍କୁ ଘଉଡାଇବାକୁ ଚେଷ୍ଟା କରିଥିଲେ । ସେ ସମୟରେ ତିନିଜଣ ହାତୀପଲଙ୍କ ଆକ୍ରମଣ ର ଶୀକାର ହୋଇଥିଲେ । ହାତୀପଲଙ୍କ ଆକ୍ରମଣରେ ସୁରେଶ ମୁଣ୍ଡା , କାଣ୍ଡେ ମୁଣ୍ଡା ଆହତ ହୋଇଥିବା ବେଳେ ବାଦଲ ମୁଣ୍ଡା ଗୁରୁତର ଆହତ ହୋଇଥିଲେ । ଖବର ପାଇ ବନ ବିବାଗ ଘଟଣାସ୍ଥଳରେ ପହଂଚି ହାତୀ ପଲଙ୍କୁ ଘଉଡାଇବା ସହ ଆହତ ଓ ଗୁରୁତରଙ୍କୁ ଆମ୍ବୁଲାନ୍ସ ଯୋଗେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବର୍ତି କରିଥିଲେ। ଏବଂ ପରେ ପରେ ଗୁରୁତର ବାଦଲ ମୁଣ୍ଡାକୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ତୁରନ୍ତ ବନ ବିଭାଗ ସେହି ଅଂଚଳରୁ ହାତୀ ପଲଙ୍କୁ ଘଡାଇବା ସହ ପୀଡିତା ଅସହାୟ ପରିବାରଙ୍କୁ ସହାୟତା ଯୋଗାଇ ଦେବାକୁ ଦାବୀ ହୋଇଛି। କେନ୍ଦୁଝର ଜିଲ୍ଲାରେ ଦିନକୁ ଦିନ ଜଙ୍ଗଲ କ୍ଷୟ ହେବାରେ ଲାଗିଥିବା କାରଣରୁ ବିରାଟ କାୟ ଜୀବ ହାତୀ ପାଇଁ ଜଙ୍ଗଲ ଭିତରେ ଖାଦ୍ୟ ସଙ୍କଟ ର ସମ୍ମୁଖୀନ ହେଉଛନ୍ତି । ଫଳରେ ସେମାନେ ଜନବସତି ମୁହାଁ ହେଉଛନ୍ତି ଏବଂ ହାତୀ ମଣିଷ ଲଢେଇ ହେଉଛି। ସରକାର ହାତୀଙ୍କୁ ଦେଶର ଐତିହ ଭାବେ ଘୋଷଣା କଲେ ସତ କିନ୍ତୁ ଅନୁରୁପ ହାତୀଙ୍କର ସୁରକ୍ଷା ଦିଗରେ ଆବଶ୍ୟ ଧ୍ୟାନ ଦିଆ ଯାଉନାହିଁ । ଯେଉଁଥିପାଇଁ ରାଜ୍ୟରେ ହାତୀ ମୃତ୍ୟୁ ଘଟଣା ମାନ ବୃଦ୍ଧି ପାଉଛି । ଏପଟେ ବିଭାଗର ବିଭାଗର ଦୁର୍ନାମ ତଥା ଅପରାଗତାକୁ ଲୁଚାଇବାକୁ ଯାଇ ବିଭାଗୀୟ ବଡବାବୁମାନେ ତଳିଆ କର୍ମଚାରୀଙ୍କ ମୁଣ୍ଡ ଉପରେ ସବୁ ଦୋଷ ଲଦିଦେଇ ନିଜେ ଝାଡି ଝୁଡି ହୋଇ ନିଜକୁ କରିତକର୍ମା ପ୍ରଦର୍ଶନ କରିବାକୁ ଚେଷ୍ଟା କରୁଛନ୍ତି । କିନ୍ତୁ ହାତୀମାନଙ୍କ ସୁରକ୍ଷା ଦିଗରେ ଆନ୍ତରିକତା ରହୁନାହିଁ । ଯାହା ବାରମ୍ବାର ପ୍ରମାଣିତ ହେବାରେ ଲାଗିଛି । ସରକାର ଏହି ଦିଗରେ ଚିନ୍ତା କରିବା ସହ ନିର୍ଦ୍ଦିଷ୍ଟ ଯୋଜନା ପ୍ରସ୍ତୁତ କରିବା ସପକ୍ଷରେ ବହୁଳ ମତ ପ୍ରକାଶ ପାଉଛି ।

## ମୁଢି, ଚୁଡ଼ା ଗୁଡ଼ ଉପରେ ଜିଏସ୍‌ଟି ଅତ୍ୟନ୍ତ ନିନ୍ଦନୀୟ : ସିପିଆଇଏମଏଲ୍

ଭୁବନେଶ୍ୱର,(ପି.ଏନ): ମୁଢି, ଚୁଡ଼ା, ଗୁଡ଼, ଉଖୁଡ଼ା, ଖଇ ଓ ଦହି ଅତି ଗରିବ ଲୋକଙ୍କର ଶସ୍ତା ଖାଦ୍ୟ। ଏହା ଉପରେ ଜିଏସ୍‌ଟି ବସାଇବା ଅର୍ଥ ଗରୀବ ଲୋକଙ୍କ ପେଟକୁ ଗୋଇଠା ମାରିବା ସହ ସମାନ ବୋଲି ସିପିଆଇଏମଏଲ୍ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର ଏକ ପ୍ରେସ୍ ବିଜ୍ଞପ୍ତିରେ କହିଛନ୍ତି। କୋଭିଡ଼ ଯୋଗୁ ଲୋକଙ୍କ ଚାକିରୀ ଯାଇଛି, ନୂତନ ନିଯୁକ୍ତି ନାହିଁ। ଲୋକଙ୍କର ଆୟ ନଥିବା ବେଳେ ବଂଚିବାକୁ ସଂଗ୍ରାମ କରୁଥିବା ସାଧାରଣ ଲୋକଙ୍କ ଶସ୍ତା ଖାଦ୍ୟ ଉପରେ ସରକାରଙ୍କ ଲୋଲୁପ ଦୃଷ୍ଟିର ପରିଣାମ ହେଉଛି ଏଭଳି ଜିଏସ୍‌ଟି ମାଡ଼। ଏହା ବିରୋଧରେ ଜୋରଦାର ଆନ୍ଦୋଳନ ନହେଲେ ପଖାଳ, ଶାକଭଜା ଓ ରୁଟି ଉପରେ ଜିଏସ୍‌ଟି ବସାଇବା ମୋଦିଜୀଙ୍କ ପାଇଁ କିଛି ବିଚିତ୍ର ନୁହେଁ।

# ଭଞ୍ଜନଗର ଠାରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣୀ

ଗଂଜାମ, (ପି.ଏନ): ଭଞ୍ଜନଗର ଉପଖଣ୍ଡ ଠାରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣୀ ସୋମବାର ଦିନ ଅନୁଷ୍ଠିତ ହୋଇଯାଇଛି । ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ଉପସ୍ଥିତ ରହି ସର୍ବ ପ୍ରଥମେ ଦିବ୍ୟାଙ୍ଗ ଜନ ଶୁଣାଣୀ କରିଥିଲେ ଏବଂ ପରେ ସର୍ବ ସାଧାରଣଙ୍କ ଅଭିଯୋଗ ଗୁଡିକର ଶୁଣାଣୀ ହୋଇଥିଲା । ଏହି ଯୁଗ୍ମ ଶୁଣାଣୀ ସମୟରେ ଗଞ୍ଜାମ ଆରକ୍ଷୀ ଅଧୀକ୍ଷକ ବ୍ରିଜେଶ କୁମାର ରାୟ ଜନ ସାଧାରଣଙ୍କ ଆଇନ ଶୃଙ୍ଖଳା ପରିସ୍ଥିତି ସମ୍ପର୍କିତ ଅଭିଯୋଗ ଗୁଡିକର ଶୁଣାଣୀ କରିଥିଲେ । ଜିଲ୍ଲାର ବ୍ଲକ୍, ଉପଖଣ୍ଡ ଏବଂ ସଦର ମହକୁମା ଗୁଡିକରେ ସମୁଦାୟ ୯୩ ଗୋଟି ଜନ ଶୁଣାଣୀ ଆବେଦନ ଗ୍ରହଣ କରାଯାଇଥିଲା ତନ୍ମଧ୍ୟରୁ ୪୧ ଗୋଟି ପେନସନ୍ ସମ୍ବନ୍ଧୀୟ, ଏକ ଗୋଟି ସ୍ୱାସ୍ଥ୍ୟ ସମ୍ପର୍କିତ, ୨ ଗୋଟି ପ୍ରମାଣ ପତ୍ର ଜନିତ, ୨ ଗୋଟି ଡି.ଆର.ଆଇ. ଋଣ ସମ୍ପର୍କିତ, ଏକ ଗୋଟି ଶିକ୍ଷା ସମ୍ବନ୍ଧୀୟ ୯ ଗୋଟି ସୁକ୍ଷମ ବଂଟନ ସମସ୍ୟା, ୨୮ ଗୋଟି ଉପକରଣ ସହାୟତା ସମ୍ପର୍କିତ, ଜଣେ ବ୍ୟକ୍ତିଙ୍କୁ ସରକାରୀ ସହାୟତା ପ୍ରଦାନ କରାଯାଇଥିବା ବେଳେ ଅନ୍ୟାନ୍ୟ ସମ୍ପର୍କିତ ୧୧ ଗୋଟି ସମସ୍ୟାର ଶୁଣାଣୀ ହୋଇଥିଲା । ଏହିଭଳି ସମୁଦାୟ ୧୩ ଗୋଟି ସମସ୍ୟାର ସମାଧାନ ଅଭିଯୋଗ ପ୍ରକୋଷ୍ଠରେ ଶୁଣାଣୀ ହୋଇଯାଇଛି । ଭଞ୍ଜନଗର ଉପଖଣ୍ଡ ଠାରେ ସମୁଦାୟ ୩୨ ଗୋଟି ଅଭିଯୋଗରୁ ୧୬ ଗୋଟି ପେନସନ୍ ସମ୍ବନ୍ଧୀୟ ସମସ୍ୟାର ଶୁଣାଣୀ ଗଞ୍ଜାମ ଜିଲ୍ଲାପାଳଙ୍କ ଦ୍ୱାରା କରାଯାଇଥିଲା। ୧୧ ଜଣଙ୍କୁ ତିନି ଚକିଆ ସାଇକେଲ ଏହିଭଳି ୧୬ ଗୋଟି ଉପକରଣ ଆବଂଟନ କରିଥିଲେ । ୩୬ ଜଣ ଆଦିବାସୀ ପରିବାରଙ୍କୁ ଜଙ୍ଗଲ ଜମି ପଟ୍ଟାର ସଂଶୋଧିକରଣ କରାଯାଇ ବଂଟନ କରାଯାଇଥିଲା । ବାର୍ଦ୍ଧକ୍ୟ, ବିଧବା, ବିକଳାଙ୍ଗ ଭତା ନିମନ୍ତେ ଅନେକ ଗୁଡିଏ ଆବେଦନର ଶୁଣାଣୀ କରି ସାତ ଦିନ ମଧ୍ୟରେ ଉକ୍ତ ଆବେଦନର ହିତାଧିକାରୀ ମାନଙ୍କୁ ଭତା ପ୍ରଦାନ କରିବାକୁ ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ ।ଜିଲ୍ଲାପାଳଙ୍କ ଏହି ଅଭିଯୋଗ ଶୁଣାଣୀ ପ୍ରକୋଷ୍ଠରେ ଅତିରିକ୍ତ ଜିଲ୍ଲାପାଳ ପ୍ରିୟ ରଞ୍ଜନ ପୃଷ୍ଟି, ଭଞ୍ଜନଗର ଉପ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ, ଜିଲ୍ଲା ମଙ୍ଗଳ ଅଧିକାରୀ ପରୀକ୍ଷିତ ଦାସ, ଉପଖଣ୍ଡ ଚିକିତ୍ସା ଅଧିକାରୀ ସୀତାଂଶୁ କୁମାର ଶତପଥୀ, ଜିଲ୍ଲା ସମାଜିକ ସୁରକ୍ଷା ଅଧିକାରୀ କଲ୍ୟାଣୀ ଦାସ ଓ ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଶ୍ରାବଣ ପ୍ରଥମ ସୋମବାରରେ ଆଖଣ୍ଡଳମଣିଙ୍କୁ ଜଳଲାଗି କଲେ ହଜାର ହଜାର କାଉଡିଆ

ଭଦ୍ରକ, (ପି.ଏନ): ଦୁଇ ବର୍ଷର କରୋନା କଟକଣା ପରେ ଶ୍ରାବଣ ମାସର ପ୍ରଥମ ସୋମବାରରେ ବାବା ଆଖଣ୍ଡଳମଣିଙ୍କୁ ଜଳଲାଗି କରିବା ପାଇଁ ପୀଠରେ ପାଖାପାଖି ୨୦ ହଜାର କାଉଡିଆଙ୍କ ସମାଗମ ହୋଇଥିଲା ପୀଠରେ। କାଉଡିଆ ଭକ୍ତଙ୍କ ଭିଡକୁ ଦୃଷ୍ଟିରେ ରଖି ଜିଲା ଓ ମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା ପୀଠରେ। ବିଶେଷକରି ବୈତରଣୀ ଓ ସାଳନ୍ଦୀ ନଦୀ ପାରି ହୋଇ ଆସୁଥିବା ତିନିଟି ନଦୀଘାଟକୁ ଜଗି ରହିଥିଲେ ଓଡ୍ରାଫ ଓ ଅଗ୍ନିଶମ ବାହିନୀ। ଅନ୍ୟପଟେ ରୀତିନୀତି ଅନୁଯାୟୀ ମଣିବାବାଙ୍କ ମନ୍ଦିର ଭୋର ୪ଟାରେ ଖୋଲାଯାଇ ଦୈନନ୍ଦିନ ନୀତିନିର୍ଘ ଅନୁଯାୟୀ ସଂପନ୍ନ ହୋଇଥିଲା ସମସ୍ତ ନୀତିକାନ୍ତି। ଅନ୍ୟପଟେ ରବିବାର ମଧ୍ୟରାତ୍ରରୁ କାଉଡିଆ ଭକ୍ତ ସ୍ୱତନ୍ତ୍ର ବ୍ୟାରିକେଡ୍‌ରେ ଯାଇ ଚଳିତବର୍ଷ ସ୍ଥାପନ ହୋଇଥିବା ଶ୍ରାବଣୀ ମହାଦେବଙ୍କ ପାଖରେ ଜଳଲାଗି କରିଥିଲେ। ଏଏସ୍‌ପି ଯତିନ ପଣ୍ଡାଙ୍କ ନେତୃତ୍ୱରେ ୬ ଜଣ ଡିଏସ୍‌ପିଙ୍କ ସହ ୧୨ ଜଣ ଇନସିପେକ୍ଟର, ୫୪ ଜଣ ଏଏସ୍‌ଆଇ, ୮ ପ୍ଲାଟୁନ ଫୋର୍ସ ଓ ହୋମଗାର୍ଡ ନିୟୋଜିତ ରହିଥିଲେ। ପୀଠରେ ଜଳପଥ ଓ ସ୍ଥଳପଥରେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯାଇଥିବା ଏଏସ୍‌ପି ଶ୍ରୀ ପଣ୍ଡା କହିଛନ୍ତି। ସେହିପରି ପୀଠରେ ନିରବଚ୍ଛିନ୍ନ ଆଲୋକ ବ୍ୟବସ୍ଥା ସହ ସ୍ୱାସ୍ଥ୍ୟ, ପରିମଳ, ପାନୀୟ ଜଳ ଆଦି ବିଭାଗ ପକ୍ଷରୁ ନିରବଚ୍ଛିନ୍ନ ସେବା ଯୋଗାଇ ଦିଆଯାଇଥିଲା। ଚଳିତବର୍ଷ ମନ୍ଦିର ପ୍ରଶାସନ ଉନ୍ନତ ସେବା ଯୋଗୁଁ ଆଗନ୍ତୁକ କାଉଡିଆ ଭକ୍ତ ଖୁସି ପ୍ରକଟ କରିଥିଲେ। ମନ୍ଦିର ପ୍ରଶାସନ ପକ୍ଷରୁ ଭକ୍ତଙ୍କ ନିମନ୍ତେ ଅସ୍ଥାୟୀ ରହଣି ସ୍ଥଳ ଠାରୁ ଆରମ୍ଭ କରି ଜଳଲାଗି ନିମନ୍ତେ ବ୍ୟାରିକେଡ୍ ସହ ମନ୍ଦିର ଭିତରେ ଓ ବାହାରେ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା କରାଯାଇଥିବା ମନ୍ଦିର ପରିଚାଳକ ବିଦ୍ୟାଧର ପଲାଇ କହିଛନ୍ତି।

# ହାଇଦ୍ରାବାଦରେ ଦାଦନ ଶ୍ରମିକଙ୍କ ମୃତ୍ୟୁ, ଥାନାରେ ମାମଲା

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲାରେ ପୁଣି ଜଣେ ଦାଦନ ଶ୍ରମିକଙ୍କର ମୃତ୍ୟୁ ଘଟିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି । ଏନେଇ ମୃତ ଦାଦନ ଶ୍ରମିକଙ୍କ ଭାଇ ଖଡିଆଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ସୂଚନାମତେ ଖଡିଆଳ ବ୍ଲକ ରାଣିମୁଣ୍ଡା ଗ୍ରାମର ମନୋଜ ହିଆଲ ନାମକ ଯୁବକ ଚଳିତ ମାସ ୫ ତାରିଖ ଦିନ ହଇଦ୍ରାବାଦକୁ ଦାଦନ ଖଟିବାକୁ ବାହାରିଥିଲେ । ସେ ଗତ ୭ ତାରିଖ ଦିନ ହାଇଦ୍ରାବାଦର ଇନ୍ଦ୍ରମପାଟନମ ଥାନା ସ୍ଥିତ ପିତୁଲା ଗ୍ରାମରେ ଥିବା ଇଟାଭାଟିରେ ପହଂଚିଥିଲେ । ଦାଦନ ମାଲିକ ଏଙ୍କେଟେସ ମନୋଜ ହିଆଲଙ୍କୁ ପ୍ରଥମେ ଟ୍ରେନରେ ଟିକେଟ କାଟି ଦେଇ ପହଂଚିଲା ପରେ ୬୦ ହଜାର ଟଙ୍କା ଦେବାକୁ ପ୍ରତିଶୃତି ଦେଇଥିଲେ । ହେଲେ ମନୋଜ ପହଂଚିବା ପରେ କାମ କରିବାକୁ କହିଥିଲେ । ଟଙ୍କା କଥା କହିବାରୁ କିଛି ଦିନ ପରେ ଦିଆଯିବ ବୋଲି କହିଥିଲେ । କିନ୍ତୁ ଗତକାଲି ମନୋଜ କାମ କରିବା ପରେ ଅସୁସ୍ଥ ଅନୁଭବ କରିଥିଲେ । ସାଥି ମାନେ ଏନେଇ ମାଲିକଙ୍କୁ ମଧ୍ୟ ଖବର ଦେଇଥିଲେ । କିନ୍ତୁ ମାଲିକ କୌଣସି ଗୁରୁତ୍ୱ ଦେଇନଥିଲେ । ଶେଷରେ ଗ୍ରାମରୁ ମନୋଜଙ୍କ ଭାଇ ତୁକାରାମ ହିଆଲ ମାଲିକ ଏଙ୍କେଟେସଙ୍କୁ ଫୋନ କରି ଭାଇର ଦେହ ଖରାପ ଥିବା କହି ଡାକ୍ତରଖାନା ନେବାକୁ କହିଥିଲେ । ଶେଷରେ ଗତରାତ୍ରୀରେ ଡାକ୍ତରଖାନାକୁ ନେବା ବେଳକୁ ତାଙ୍କର ମୃତ୍ୟୁ ହୋଇ ସାରିଥିଲା । ଏନେଇ ମନୋଜଙ୍କ ଭାଇ ତୁକାରାମ ହିଆଲ ମାଲିକ ଏଙ୍କେଟେସଙ୍କ ବିରୁଦ୍ଧରେ ଖଡିଆଳ ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି । ଏଠାରେ ସୂଚନା ଯୋଗ୍ୟ ଯେ ନୂଆପଡା ଜିଲାରେ ଦାଦନ ସମସ୍ୟାର ଅନ୍ତ ଘଟୁନାହିଁ । ଜିଲାର ପ୍ରତି ପ୍ରାନ୍ତରୁ ଦାଦନ ସମସ୍ୟା ଦେଖାଦେଇଛି । ଏଠାକାର ଶ୍ରମିକ ଦାଦନ ଖଟିଯାଇ ଅନେକ ସମୟରେ ଅକଥନୀୟ ନିର୍ଯ୍ୟାତନା ଭୋଗ କରୁଥିବା ସ୍ଥଳେ ଦାଦନ ସମସ୍ୟାର ସମସ୍ୟାର ସମାଧାନ ହୋଇ ପାରୁନାହିଁ । ସରକାର ଦାଦନ ରୋକିବା ସକାଶେ ଅନେକ ଯୋଜନା କାର୍ଯ୍ୟକାରୀ କରିଥିବା ସ୍ଥଳେ ତାର ସମାଧାନ ହୋଇ ପାରୁନାହିଁ । ଫଳରେ ଏଠାକାର ଲୋକେ ଅଧିକ ଅର୍ଥ ଲାଳସାରେ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇ ଅକାରଣରେ ସେମାନଙ୍କ ଜୀବନ ଚାଲି ଯାଉଥିବା ଭଳି ଘଟଣା ଅନେକ ସମୟରେ ଘଟୁଅଛି । ଜିଲ୍ଲା ପ୍ରଶାସନ ସହ ରାଜ୍ୟ ସରକାର ତୁରନ୍ତ ଦୃଷ୍ଟି ଦେଇ ଦାଦନ ସମସ୍ୟାର ସମାଧାନ କରିବାକୁ ସାଧାରଣରେ ଦାବୀ ହେଉଛି ।


2021-2022



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada






# ଜନଗହଳି ରାସ୍ତାରେ ଭାରୀଯାନ ଯାତାୟତ



ଧର୍ମଶାଳା, (ପିଏନ୍): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜାରକା ବଜାର ଜନଗହଳି ରାସ୍ତାରେ ଭାରୀଯାନ ଯାତାୟତ କରୁଛି । ଏଥିପାଇଁ ଦୀର୍ଘ ସମୟ ଧରି ରାସ୍ତା ଜାମ୍ ହେଉଥିବା ବେଳେ ଅନେକ ସମୟରେ ଛୋଟବଡ଼ ଦୁର୍ଘଟଣା ଘଟୁଛି । ଭାରୀଯାନ ଯାତାୟତ ନିମନ୍ତେ ପଣ୍ଡୁଆ ଶିଳ୍ପାଞ୍ଚଳ ଠାରୁ ଜାରକା ଷ୍ଟାଡ଼ିୟମ୍ ଦେଇ ଦେଉଳି ଛକ ପର୍ଯ୍ୟନ୍ତ ପିଚୁରାସ୍ତା ହୋଇଛି । ଏହି ରାସ୍ତା ଦେଉଳି ନିକଟରେ ୧୬ନମ୍ବର ଜାତୀୟ ରାଜପଥରେ ସଂଯୋଗ ହୋଇଛି । ହେଲେ କେତେକ ଗାଡ଼ିଚାଳକ ଉକ୍ତ ରାସ୍ତାରେ ନଯାଇ ମନଇଚ୍ଛା ଜାରକା ବଡ଼ବଜାର ପୁରୁଣା ସମବାୟ ବ୍ୟାଙ୍କ୍ ରାସ୍ତାରେ ଯାଇ ଜାରକା ଟେଲିଫୋନ୍ ଏକ୍ସଚେ଼ ନିକଟରେ ଜାତୀୟ ରାଜପଥରେ ପହଞ୍ଚୁଛନ୍ତି । ଏହି ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଦୋକାନ, ୨ଟି କଲେଜ୍, ୩ଟି ସ୍କୁଲ୍, ୨ଟି ମନ୍ଦିର, ପରିବା ମାର୍କେଟ୍, ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଆଦି ରହିଛି । ଏଥିପାଇଁ ପ୍ରତ୍ୟହ ଉକ୍ତ ରାସ୍ତାରେ ଶହ ଶହ ଲୋକ ଏବଂ ଛାତ୍ରଛାତ୍ରୀ ଯାତାୟତ କରୁଛନ୍ତି । ହେଲେ ଏହି ରାସ୍ତାରେ ବଡ଼ ବଡ଼ ଟ୍ରକ୍ ଠାରୁ ଆରମ୍ଭ କରି ହାଇୱା ଗାଡ଼ିରେ ଓଭରଲୋଡ୍ ହୋଇ କଳପଥର, ବାଲି, ମାଟି, ଚିପ୍ସ୍ ଆଦି ଲଘୁଖଣିଜ ସାମଗ୍ରୀ ଚାଲାଣ ହେଉଛି । ସ୍କୁଲ ଓ ଅଫିସ୍ ଯିବା ସମୟ ଓ ସଂଧ୍ୟା ବେଳେ ଉକ୍ତ ରାସ୍ତାରେ ପ୍ରବଳ ଭିଡ଼ ହେଉଛି । ଦୀର୍ଘ ସମୟ ଟ୍ରାଫିକ୍ ଜାମ୍ ପାଇଁ ଅଞ୍ଚଳବାସୀ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ସେହିପରି ଆଉ କେତେକ ଗାଡ଼ି ଶିଶୁ ଉଦ୍ୟାନ ଦେଇ ବାଇପାସ୍ ରାସ୍ତାରେ ଯାତାୟତ କରୁଛନ୍ତି । ଏହି ରାସ୍ତା ଦେଇ ଲୋକମାନେ ଷ୍ଟାଡ଼ିୟମ୍, ଶିଶୁ ଉଦ୍ୟାନ, ସ୍କୁଲ, କଲେଜ୍ ଆଦି ବିଭିନ୍ନ ସ୍ଥାନକୁ ଯାତାୟତ କରିଥାନ୍ତି । ଉକ୍ତ ରାସ୍ତାରେ ମଧ୍ୟ ଭାରୀଯାନ ଚଳାଚଳ କରୁଥିବାରୁ ଲୋକମାନଙ୍କ ଯାତାୟତରେ ବାଧା ଉପୁଜୁଥିବା ଅଭିଯୋଗ ହୋଇଛି । ସ୍ଥାନୀୟ ପୁଲିସ୍ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି ।

## ବିଜେବି କଲେଜର ଛାତ୍ରୀ ରୁଚିକା ପରିବାରକୁ ନ୍ୟାୟ ଦାବିରେ ରାସ୍ତାରୋକ

ତୁରୁମୁଙ୍ଗା,(ପି.ଏନ):ଓଡିଶା ବନ୍ଦ ଡାକରାରେ ରାସ୍ତାରୋକ । ମୃତ୍ୟୁବରଣ କରିଥିବା ବିଜେବି କଲେଜ ଛାତ୍ରୀ ରୁଚିକା ମହାନ୍ତିଙ୍କ ପରିବାରକୁ ନ୍ୟାୟ ପ୍ରଦାନ ଦାବିରେ କେନ୍ଦୁଝର ଜିଲ୍ଲା ଦେଇ ଯାଇଥିବା ୪୯ନଂ ଜାତୀୟ ରାଜପଥ ବମ୍ବେ-କଲିକତା ରାଜପଥକୁ ତୁରୁମୁଙ୍ଗା ନିହୁଆଁ ଛକ ଠାରେ ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ମଙ୍ଗଳବାର ରାସ୍ତାରୋକ କରାଯାଇଥିଲା । ଓଡିଶା ବନ୍ଦକୁ ସମର୍ଥନ କରିବା ସହ ରାସ୍ତାରୋକରେ ତୁରୁମୁଙ୍ଗା ଦଧିବାମନ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । ରାଗିଂରେ ଅତିଷ୍ଠ ହୋଇ ମୃତ୍ୟୁକୁ ଆଦରି ନେଇଥିବା ଛାତ୍ରୀ ରୁଚିକା ମହାନ୍ତିଙ୍କ ପରିବାରକୁ ଏଯାଏଁ ନ୍ୟାୟ ପ୍ରଦାନ କରାଯାଇ ନଥିବା ପ୍ରତିବାଦରେ ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ଓଡିଶା ବନ୍ଦ ଡାକରା ଦିଆଯାଇଥିଲା । ଏଥିପାଇଁ ୪୯ନଂ ଜାତୀୟ ରାଜପଥରେ ନବ ନିର୍ମାଣ ସଂଗଠନର କର୍ମକର୍ତ୍ତା ଓ ଛାତ୍ରଛାତ୍ରୀ ବିକ୍ଷୋଭ ପ୍ରଦର୍ଶନ ସହ ରାସ୍ତାରୋକ କରିଥିଲେ । ରାସ୍ତାରୋକ ଫଳରେ ଉଭୟ ପାର୍ଶ୍ୱରେ ଯାନବାହାନ ଅଟକି ରହିଥିଲା ।

# ବିଜେପି ପ୍ରତିନିଧି ଦଳ ଖଲଣା ଗସ୍ତ



ଘଷିପୁରା,(ପି.ଏନ):ଘଷିପୁରା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଖଲଣା ଗ୍ରାମରେ ଗତ ୧୪ ତାରିଖ ଗୁରୁବାର ଦିନ ଯୁବସମାଜସେବୀ ସୁନନ୍ଦ ସେଠୀଙ୍କୁ ଶାସକ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ସମର୍ଥକ ଅକ୍ଷୟ କୁମାର ଘୋଷଙ୍କ ନେତୃତ୍ୱରେ ବହୁ ବ୍ୟକ୍ତି ବିଭିନ୍ନ ମାରଣାସ୍ତ୍ର ଓ ବନ୍ଧୁକ ସାହାଯ୍ୟରେ ମରଣାନ୍ତକ ଆକ୍ରମଣ କରି ହତ୍ୟା କରିଥିଲେ । ଏହି ଘଟଣାର ସରଜମିନ ତଦନ୍ତ କରିବା ପାଇଁ ଆଜି ୧୯ ତାରିଖ ମଙ୍ଗଳବାର ଦିନ ବିଜେପିର ଏକ ରାଜ୍ୟସ୍ତରୀୟ ପ୍ରତିନିଧି ଦଳ ବିଜେପି ରାଜ୍ୟ ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ତଥା ପୂର୍ବତନ ସାଂସଦ ବିଭୂ ପ୍ରସାଦ ତରାଇଙ୍କ ନେତୃତ୍ୱରେ ରେଙ୍ଗାଲି ବିଧାୟକ ନାଉରୀ ନାଏ, ବଡସାହି ବିଧାୟକ ସନାତନ ବିଜୁଳି, ବିଜେପି ନଦୀ ସୁରକ୍ଷା ସମିତି (ନମାମି ଗଙ୍ଗେ) ରାଜ୍ୟ ସଭାପତି ମହେଶ୍ୱର ସାହୁ, ବିଜେପି ରାଜ୍ୟ ମୁଖପାତ୍ର ସତ୍ୟବ୍ରତ ପଣ୍ଡା, ବିଜେପି ଅନୁସୂଚିତ ଜାତି ମୋର୍ଚ୍ଚା ଉପସଭାପତି ହେମନ୍ତ କୁମାର ମଲ୍ଲିକ, ଚନ୍ଦନ ସ୍ୱରାଜ, ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ସୁଶାନ୍ତ କୁମାର ମଲ୍ଲିକ, ରାଜ୍ୟ ସାଧାରଣ ସମ୍ପାଦକ ରାଘବ ମଲ୍ଲିକ, ବିଜେପି ଘଷିପୁରା ନିର୍ବାଚନ ମଣ୍ଡଳୀ ବିଧାୟକ ପ୍ରାର୍ଥୀ ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପୃଥୀରାଜ କୁଅଁର, ମହିଳା ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଶ୍ରୀମତୀ ସୁମତି ଯେନା, ରବିନ୍ଦ୍ର କୁମାର ବେହେରା, ଶ୍ରୀମତୀ ଅନା ଯେନା, ସନ୍ୟାସୀ ପାତ୍ରଙ୍କ ସମେତ ବହୁ ନେତୃବୃନ୍ଦ ଖଲଣା ଗ୍ରାମକୁ ଯାଇ ଗୁଳିକାଣ୍ଡରେ ମୃତ୍ୟୁବରଣ କରିଥିବା ସୁନନ୍ଦ ସେଠୀଙ୍କ ପରିବାର ସମେତ ଗ୍ରାମର ଲୋକ ମାନଙ୍କୁ ଭେଟି ଘଟଣା ବିଷୟରେ ଆଲୋଚନା କରିଥିଲେ । ଏହି ନିର୍ମମ ହତ୍ୟାକାଣ୍ଡରେ ରାଜନୈତିକ ପ୍ରଭାବଶାଳୀଙ୍କ ନିର୍ଦ୍ଦେଶ କ୍ରମେ ହୋଇଥିବା ପରିବାର ଓ ଗ୍ରାମବାସୀମାନେ ବିଜେପି ପ୍ରତିନିଧି ଦଳ ।ଗରେ ପ୍ରକାଶ କରିଥିଲେ । ସୁନନ୍ଦ ସେଠୀଙ୍କ ପରିବାରକୁ ଶେଷ କରିଦେବା ପାଇଁ ମଧ ଧମକ ମିଳୁଥିବା ପରିବାର ଲୋକେ କହିଥିଲେ । ଖଲଣା ଗ୍ରାମର ଲୋକମାନେ ବର୍ତ୍ତମାନ ଆତଙ୍କିତ ଅବସ୍ଥାରେ ଅଛନ୍ତି । ଘଟଣାର ୬ ଦିନ ବିତିଯାଇଥିଲେ ମଧ ଏ ପର୍ଯ୍ୟନ୍ତ ପୋଲିସ୍ ଘଟଣାର ଅଭିଯୁକ୍ତ ମାନଙ୍କୁ ଗିରଫ କରିବାରେ ବିଫଳ ହୋଇଛି । ଏହି ହତ୍ୟାକାଣ୍ଡକୁ ବିଜେପି ପ୍ରତିନିଧି ଦଳ ନିନ୍ଦା କରିବା ସହିତ ସମ୍ପୃକ୍ତ ଆସାମୀ ମାନଙ୍କୁ ତୁରନ୍ତ ଗିରଫ କରିବା ପାଇଁ ଦାବି କରିଛନ୍ତି । ଏହି ପ୍ରତିନିଧି ଦଳରେ ନିର୍ମଳ ବେହେରା, ଶ୍ରୀନିବାସ ବାରିକ, ଅଶୋକ କୁମାର ସାହୁ, ରନ କୁମାର ପାତ୍ର, ଅଜିତ୍ କୁମାର ବେହେରା ପ୍ରମୁଖଙ୍କ ସହିତ ବହୁ କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ ।

## ଆନନ୍ଦପୁର ଓକିଲ ସଂଘ ପକ୍ଷରୁ ନୂତନ ବିଚାରପତି ମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ଆନନ୍ଦପୁର, (ପି.ଏନ):ଆଜି ଆନନ୍ଦପୁର ଓକିଲ ସଂଘ ତରଫରୁ ନୂତନ ବିଚାରପତିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି । ଆନନ୍ଦପୁର ଓକିଲ ସଂଘର ସଭାପତି ଦୟାନିଧି ଦାଶଙ୍କ ସଭାପତିତ୍ୱରେ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ପ୍ରଥମେ ମା'ତାରିଣୀଙ୍କ ଫଟୋ ଓ ଜଗନ୍ନାଥଙ୍କ ଫଟୋଚିତ୍ର ଉପରେ ପୁଷ୍ପମାଲ୍ୟ ଅର୍ପଣ କରି ଦୀପ ପ୍ରଜ୍ୱଳନ କରି ଓକିଲ ସଂଘ ସଭାପତି ଅତିଥି ପରିଚୟ ପ୍ରଦାନ କରିଥିଲେ । ଓକିଲ ସଂଘର ସମ୍ପାଦକ ହେମନ୍ତ ମଲ୍ଲିକଙ୍କ ସଂଯୋଜନାରେ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ପ୍ରଜ୍ୟୋତି ରାଉତ, ସବଜଜ୍ ମହେଶ୍ୱତା ପରିଡା, ଏସ୍‌ଡିଜେଏମ୍ ଇଶା ପତି, ନ୍ୟାୟଧିକାରୀ ଗ୍ରାମ୍ୟନ୍ୟାୟାଳୟ ସୁମିତ୍ରା କୁମାରୀ ଦାସଙ୍କୁ ଆନନ୍ଦପୁର ଓକିଲ ସଂଘ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିବା ବେଳେ ଆନନ୍ଦପୁର ଓକିଲ ସଂଘର ବରିଷ୍ଠ ଆଇନଜୀବୀ ଭୁବନାନନ୍ଦ ଦାସ, ମହେନ୍ଦ୍ର କୁମାର ମହାପାତ୍ର, ମନୋଜ ମିଶ୍ର, ବାଇଧର ସେଠୀ, ପ୍ରତାପ କର, ଜୟନ୍ତ କୁମାର ରାଜ, ବିଜୟ କୁମାର ପଣ୍ଡାପ୍ରମୁଖ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଉପସ୍ଥିତ ଥିବାବେଳେ ଓକିଲ ସଂଘର ଉପସଭାପତି ରମେଶ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ ।

# କେନ୍ଦୁଝର ଜିଲ୍ଲା ସଦର ମହକୁମାରେ ଭାରତୀୟ ଭ୍ରଷ୍ଟାଚାର ନିବାରଣ ସଂସ୍ଥାର ଜିଲ୍ଲା କମିଟି ଗଠନ

କେନ୍ଦୁଝର,(ପି.ଏନ):କେନ୍ଦୁଝର ଜିଲ୍ଲା ସଦର ମହକୁମାରେ ଭାରତୀୟ ଭ୍ରଷ୍ଟାଚାର ନିବାରଣ ସଂସ୍ଥାର ରାଷ୍ଟ୍ରୀୟ ସଚିବ ଶ୍ରୀଯୁକ୍ତ ଡ.ବିପିନ ମିଶ୍ର ଓ ରାଷ୍ଟ୍ରୀୟ ଉପସଭାପତି ଶ୍ରୀମତୀ ସୁକାନ୍ତି ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ଜିଲ୍ଲାସ୍ତରୀୟ ସଭା ଅନୁଷ୍ଠିତ ହୋଇଯାଇଛି । ଏହି ସବାରେ କେନ୍ଦୁଝର ଜିଲ୍ଲାର କୋଣ ଅନୁକୋଣର ଅନେକ ବରିଷ୍ଠ ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ । ଏହି ସଂସ୍ଥା ରାଷ୍ଟ୍ର ସ୍ତରରେ ଦୀର୍ଘ ବର୍ଷ ଧରି କାର୍ଯ୍ୟ କରି ଆସୁଛି । ଏହି ସଂସ୍ଥା ରାଷ୍ଟ୍ର ସ୍ତରରେ ଭ୍ରଷ୍ଟାଚାର ନିବାରଣ ପାଇଁ ଅନେକ କାର୍ଯ୍ୟ କରିଆସୁଛନ୍ତି । ଏହି ଐତିହାସିକ ଦିନରେ କେନ୍ଦୁଝର ଜିଲ୍ଲା ଶାଖା ସୃଷ୍ଟି ହେଲା । ଏହି ସଂସ୍ଥାର ଜିଲ୍ଲା ସଭାପତି ଭାବେ ବରିଷ୍ଠ ଓକିଲ ବିରଜା ମିଶ୍ର ଦାୟୀତ୍ୱ ନେଲେ । ଅନ୍ୟ ସଦସ୍ୟ ମାନଙ୍କ ମଧ୍ୟରେ ଇଂ ଅଜୟ କୁମାର ସାହୁ, ଜଗତ ପଣ୍ଡା, ଜିତେନ୍ଦ୍ର ପରିଡା, ଦୀପକ ସିଂ, ପ୍ରଭାତ ପ୍ରଦାନ, ଖଗେଶ୍ୱର ମହାନ୍ତି, ଉମାକାନ୍ତ ଦାଶ, ବ୍ରଜକିଶୋର ରାୟ, ଅମ୍ରିତ କୁମାର ପରିଡା, ବିବେକାନନ୍ଦ ମହାନ୍ତ ଉପସ୍ଥିତ ରହି ଏହି ସଂସ୍ଥାର ଜିଲ୍ଲାର ବିଭିନ୍ନ ସ୍ତରରେ ହେଉଥିବା ଦୁର୍ନୀତି ବିଷୟରେ ଆଲୋକପାତ କରିଥିଲେ । ଏହି ଦୁର୍ନୀତିକୁ ସରକାରୀ ସ୍ତରରେ ପ୍ରୋତ୍ସାହନ ସରକାରୀ କର୍ମଚାରୀଙ୍କ ଜରିଆରେ ହିଁ ହେଉଥିବା ଅଭିଯୋଗ ଆସିଥିଲା । ଆଗାମୀ ଦିନରେ କେନ୍ଦୁଝର ଜିଲ୍ଲା ଶାଖା ଭାରତୀୟ ଭ୍ରଷ୍ଟାଚାର ନିବାରଣ ସଂସ୍ଥାର ଜିଲ୍ଲା କାର୍ଯ୍ୟକ୍ରମକୁ ବ୍ୟାପକ କରି ଜନ ସଚେତନତା ସୃଷ୍ଟି କରିବା ପାଇଁ ଆଲୋଚନା ହୋଇଥିଲା ।

## ଚଣ୍ଡିଖୋଲ କୋର୍ଟର ଦୁଇ ବିଚାରପତିଙ୍କୁ ବିଦାୟ ସମ୍ବର୍ଦ୍ଧନା




ଚଣ୍ଡିଖୋଲ,(ପି.ଏନ୍):ଚଣ୍ଡିଖୋଲ କୋର୍ଟ ବାର୍ ଆସୋସିଏସନ୍ ପକ୍ଷରୁ ଚଣ୍ଡିଖୋଲ କୋର୍ଟର ଦୁଇ ବିଚାରପତି ଜେ.ଏମ୍.ଏଫ୍.ସି. ସୌମ୍ୟରଂଜନ ପୃଷ୍ଟି ଓ ଜେ.ଏମ୍.ଏଫ୍.ସି. ସୁଶ୍ରୀ ତସଲିମା ଦାସଙ୍କୁ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଏହି ଉପଲକ୍ଷେ ବାର୍ ଆସୋସିଏସନ୍‌ର ସଭାପତି ଦେବରାଜ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ସବ୍-ଜଜ୍ ସୌଭାଗ୍ୟ ରଂଜନ ସ୍ୱାଇଁ ଯୋଗଦେଇ ଉଭୟ ବିଚାରପତିଙ୍କୁ ମାନପତ୍ର, ଉପଢ଼ୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଆସୋସିଏସନ୍ ସଂପାଦକ ପ୍ରକାଶ କୁମାର ଦାଶ ପ୍ରାରମ୍ଭିକ ସୂଚନା ପ୍ରଦାନ ସହ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଉପ-ସଭାପତି ଶ୍ରୀକାନ୍ତ କୁମାର ବଳ, ପୂର୍ବତନ ସଭାପତି ଶରତ କୁମାର ଷଡ଼ଙ୍ଗୀ ଓ ଜନ୍ ବେହେରା, ବରିଷ୍ଠ ଆଇନ୍‌ଜୀବୀ ଶରତ ଚନ୍ଦ୍ର ବଳ, ରେଣୁବାଳା ମହାନ୍ତି, ଡ଼ଃ ପ୍ରିୟନାଥ ମହାପାତ୍ର, ଡ଼ଃ କୁମରବର ନାୟକ, ଏ.ପି.ପି. ଗୋଲକ ବିହାରୀ ମହାନ୍ତି, ଏ.ଜି.ପି. ଶଶାଙ୍କ ଶତପଥୀ, କିଶୋର କୁମାର ନାୟକ, ବିରେନ୍ କୁମାର ବିଶ୍ୱାଳ, ରାମଚନ୍ଦ୍ର ତ୍ରିପାଠୀ, ନିରଞ୍ଜନ ସାମଲ, ଦୀନବନ୍ଧୁ ନାୟକ, ଉଦୟନାଥ ସାହୁ, ହେମନ୍ତ ମାହାଲା, ନଳିନୀକାନ୍ତ ମିଶ୍ର, ଗୋପାଳ ପଣ୍ଡା, ସୁରେଶ ଚନ୍ଦ୍ର ପଣ୍ଡା, ପ୍ରେମାନନ୍ଦ ବେହେରା, ଫାଲଗୁନୀ ବିଶ୍ୱାଳ, ନଗେନ୍ଦ୍ର ପାତ୍ର, ବେଣୁଧର ସାମଲ, ଯତିନ୍ଦ୍ର ସାମଲ, ସଂଗ୍ରାମ ନାୟକ, ଶିରିଷ୍ କୁମାର ସାମଲ, ଅଜିତ୍ ରାଉତ, ନିରଞ୍ଜନ ମୁଦୁଲି ଓ ଯାଜପୁର ବାର୍ ଆସୋସିଏସନ୍‌ର ଆଇନ୍‌ଜୀବୀ ନବ କିଶୋର ତ୍ରିପାଠୀ ପ୍ରମୁଖ ଯୋଗଦେଇ ଦୁଇ ବିଚାରପତିଙ୍କର କୋର୍ଟରେ ଦାୟିତ୍ୱପୂର୍ଣ୍ଣ, ସମୟାନୁବର୍ତ୍ତିତା ନିଜ ନିଜର ଶ୍ରେଷ୍ଠତା ପ୍ରମାଣିତ କରିଥିବା କଥା ସଂପର୍କରେ ସମସ୍ତେ ବକ୍ତବ୍ୟ ରଖିଥିଲେ । ବିଚାରପତି ଦ୍ୱୟଙ୍କ ସମ୍ବର୍ଦ୍ଧନା ଉତ୍ତର ଏକ ଭାବ ବିହ୍ୱଳ ପରିବେଶ ସୃଷ୍ଟି କରିଥିଲା । କୋଷାଧ୍ୟକ୍ଷ ଚିନ୍ମୟ କୁମାର ପ୍ରତାପ ଓ କାର୍ଯ୍ୟକାରୀ କମିଟି ସଭ୍ୟ ଶ୍ୟାମ ପ୍ରସାଦ ଦାଶ ମାନପତ୍ର ପାଠ କରିଥିଲେ । ସୂଚନା ଯୋଗ୍ୟ ବିଚାରପତି ସୌମ୍ୟ ରଂଜନ ପୃଷ୍ଟି ଦଶପଲ୍ଲା ଜେ.ଏମ୍.ଏଫ୍.ସି ଭାବେ ସ୍ଥାନାନ୍ତର ହୋଇଥିଲା ବେଳେ ବିଚାରପତି ସୁଶ୍ରୀ ତସଲିମା ଦାସ ଖଣ୍ଡପଡ଼ା ଜେ.ଏମ୍.ଏଫ୍.ସି ଭାବେ ସ୍ଥାନାନ୍ତର ହୋଇଛି ।

## କରତକଳ ମାଲିକ ସଂଘ ପକ୍ଷରୁ ବୃକ୍ଷରୋପଣ

ଧର୍ମଶାଳା, (ପିଏନ୍): ଧର୍ମଶାଳା ବ୍ଲକ ଜାରକା ଶିଳ୍ପାଂଚଳ ଠାରେ କରତକଳ ମାଲିକ ସଙ୍ଘ ପକ୍ଷରୁ ଆଜି ବନ ମହୋତ୍ସବ ପାଳିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଡିଏଫଓ କଟକ ବନଖଣ୍ଡ ଡ. ସୟ କୁମାର ସ୍ୱାଇଁ ଓ ସମ୍ମାନିତ ଅତିଥି ଭାବେ ଡାଳିଯୋଡା ବନଖଣ୍ଡର ବନାଂଚଳ ଅଧିକାରୀ ଅଭିରାମ ଜେନା ଯୋଗଦେଇ କଦମ୍ବ, ବଉଳ, ରାଧାଚୁଡା, କୃଷ୍ଣ ଚୁଡା ଓ ନିମ୍ବ ଆଦି ଚାରା ରୋପଣ କରିଥିଲେ । ଚାରା ଗୁଡିକର ଯତ୍ନ ନେବାକୁ ମୁଖ୍ୟ ଅତିଥି ଶ୍ରୀ ସ୍ୱାଇଁ କର୍ମକର୍ତ୍ତା ଓ ସଭ୍ୟମାନଙ୍କୁ ପରାମର୍ଶ ଦେଇଥିଲେ । କରତକଳ ମାଲିକ ସଙ୍ଘ ସଭାପତି ରତିକାନ୍ତ ସାମଲ ଉତ୍ସବ ପରିଚାଳନା କରିଥିବା ବେଳେ ସମ୍ପାଦକ ସେକ ମଜହର ବକ୍ସ ସହଯୋଗ କରି କରତକଳ ମାଲିକମାନଙ୍କ ସହଯୋଗରେ ଏଠାରେ ୨ ଶହରୁ ଉର୍ଦ୍ଧ ଚାରା ରୋପଣ କରାଯାଇଛି ବୋଲି ସୂଚନା ଦେଇଥିଲେ । କରତକଳ ମାଲିକାମାନଙ୍କ ମଧ୍ୟରେ ଧର୍ମଶାଳା ବ୍ଲକ ପୂର୍ବତନ ଅଧ୍ୟକ୍ଷ ରମେଶ ଚନ୍ଦ୍ର ପରିଡା, ଅଶୋକ କୁମାର ବିଶ୍ୱାଳ, ହରିହର ସାମଲ, ଦୀପକ କୁମାର ବେହେରା, ରବିନ୍ଦ୍ର କୁମାର ସାମଲ, ସେକ ଜାବିର ଅଲ୍ଲି, ଅବଦୁଲ ହମିଦ ଖାଁ, ସେକ ଫଜଲ ଅଲ୍ଲି, କାର୍ତିକ ଚନ୍ଦ୍ର ସାହୁ ଓ ବନପାଳ ପୁରୁଷୋତ୍ତମ ସାହୁ ଯୋଗଦେଇ ଚାରା ରୋପଣରେ ସହାୟତା କରିଥିଲେ ।

# ଜୀବବିଜ୍ଞାନୀ ଅଜୟ ପରିଡାଙ୍କ ହୃଦଘାତରେ ପରଲୋକ

ଧର୍ମଶାଳା,(ପିଏନ୍): ଧର୍ମଶାଳା ବ୍ଲକ କୋଟପୁର ପଂଚାୟତ ଭଗବାନପୁର ଗ୍ରାମର ଭାରତୀୟ ଜୀବ ବିଜ୍ଞାନ ଗବେଷଣା କେନ୍ଦ୍ର ନିର୍ଦ୍ଦେଶକ ପଦ୍ମଶ୍ରୀ ଡ. ଅଜୟ କୁମାର ପରିଡାଙ୍କ ଅକାଳ ବିୟୋଗ ଘଟିଛି । ସେ ଆସାମର ଗୌହାଟୀରେ ଅନୁଷ୍ଠିତ ଏକ ସମ୍ମିଳନୀରେ ଯୋଗଦେବାକୁ ଯାଇଥିବା ବେଳେ ସେଠାରେ ଆଜି ସକାଳୁ ତାଙ୍କର ହୃତଘାତରେ ପରଲୋକ ହୋଇଛି । ଏହି ଦୁଃଖଦ ଖବର ଆଜି ସକାଳୁ ଜଣାପଡିବା ପରେ ତାଙ୍କ ଜନ୍ମମାଟୀ ଧର୍ମଶାଳା ଅଂଚଳରେ ଶୋକର ଛାୟା ଖେଳିଯାଇଛି । ସ୍ୱର୍ଗତ ପରିଡା କେବଳ ଆଏଲଏସର ନିର୍ଦ୍ଦେଶକ ନଥିଲେ ବରଂ ସର୍ବଭାରତୀୟ ସ୍ତରରେ ଜଣେ ସଫଳ ଉଦ୍ଭିଦ ବିଜ୍ଞାନୀ, ଜୀନ୍ ଗବେଷକ, କୃଷି ବୈଜ୍ଞାନିକ ଭାବେ ସୁନାମ ଅର୍ଜନ କରିଥିଲେ । ତାଙ୍କର ଦକ୍ଷତା ପାଇଁ ୨୦୧୪ ମସିହାରେ ଭାରତର ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀଙ୍କ ଠାରୁ ସମ୍ମାନ ଜନକ ପଦ୍ମଶ୍ରୀ ପୁରସ୍କାର ପାଇଥିଲେ । କରୋନା ମହାମାରୀ ସମୟରେ ତାଙ୍କର ଗବେଷଣା ବହୁ ଉପାଦେୟ ସାବ୍ୟସ୍ତ ହୋଇଥିଲା । ସେ ଚେନାଇସ୍ଥିତ ଏମଏସ ସ୍ୱାମୀ ନାଥନ ଗବେଷଣା ଫାଉଣ୍ଡେସନର ୨୦୦୯ ରୁ ୨୦୧୭ ପର୍ଯ୍ୟନ୍ତ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଥିଲେ । ଧର୍ମଶାଳା ବ୍ଲକ ଭଗବାନପୁର ଗ୍ରାମରେ ସେ ୧୯୬୩ ମସିହାରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କର ଅକାଳ ବିୟୋଗରେ ଯାଜପୁର ସାଂସଦ ଶର୍ମିଷ୍ଠା ସେଠୀ, ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ,ପୂର୍ବତନ ସାଂସଦ ରୀତା ତରାଇ,ପୂର୍ବତନ ବିଧାୟକ ରବି ଲାବଣ୍ୟ, ବ୍ଲକ ଅଧ୍ୟକ୍ଷ ପ୍ରଭାତ ବଳବନ୍ତରାୟ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ରମେଶ ଚନ୍ଦ୍ର ପରିଡା, କିଶାନ ପଣ୍ଡା, ବିଜେପି ନେତ୍ରୀ ସ୍ମୃତିରେଖା ପହି,ଧର୍ମଶାଳା ପ୍ରେସ କ୍ଲବର ଉପଦେଷ୍ଟା ଇନ୍ଦ୍ରମଣି ନାୟକ, ସଭାପତି ରମାକାନ୍ତ ଜେନା, ସମ୍ପାଦକ ଅବିନେଶ୍ୱର ଶତପଥୀ, କୋଷାଧ୍ୟକ୍ଷ ଅଖିଳ କୁମାର ସ୍ୱାଇଁ, କବି ସଂଗ୍ରାମ କେଶରୀ ଜେନା, କ୍ରୀଡାବିତ୍ ରଶ୍ମି ରଂଜନ ରାୟ ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିଛନ୍ତି । ଆସନ୍ତାକାଲି ତାଙ୍କ ମରଶରୀର ଗ୍ରାମକୁ ଅଣାଯାଇ ଶେଷକୃତ୍ୟ ସମ୍ପନ୍ନ କରାଯିବ ବୋଲି ତାଙ୍କ ସାନ ଭାଇ ଅମୀୟ କୁମାର ପରିଡା ସୂଚନା ଦେଇଛନ୍ତି ।






Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray